

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୪ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 04 JULY 2021

Vol.No. 32 ■ No. 168 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ରାଫେଲ ଡିଲର ଯାଂଚ କରିବେ ଫ୍ରାନ୍ସ ସରକାର



ନୂଆଦିଲ୍ଲୀ,୦୩/୦୭: ରାଫେଲ ଡିଲର ଯାଂଚ କରିବେ ଫ୍ରାନ୍ସ ସରକାର । ଏନେଇ ସରକାରଙ୍କ ପକ୍ଷରୁ ଜଣେ ସ୍ୱତନ୍ତ୍ର ଜଜ୍ ନିଯୁକ୍ତ କରାଯାଇଛି । ଫ୍ରାନ୍ସର ପବ୍ଲିକ ପ୍ରସିକ୍ୟୁଟର ସର୍ଭ ସେଜ (ପିଏନଏଫ) ର ଫାଇନାନସିଆଲ କ୍ରାଇମବ୍ରାଞ୍ଚ କହିଛି କି ରାଫେଲ ଡିଲକୁ ନେଇ ଉଠିଥିବା ଦୁର୍ନୀତି ଓ ପକ୍ଷପାତିତା ଉପରେ ଯାଂଚ କରାଯିବ । ଫ୍ରାନ୍ସ ଏମିତି ସମୟରେ ରାଫେଲ ଡିଲ ଉପରେ ଯାଂଚ ନିର୍ଦ୍ଦେଶ ଦେଇଛି ଯେତେବେଳେ କି, ଫ୍ରାନ୍ସର ସେରପା ନାମରେ ଏକ ବେସରକାରୀ ସେବା ସଂସ୍ଥା ରାଫେଲ ଡିଲକୁ ନେଇ ଅଭିଯୋଗ ଆଣିଥିଲା ଓ ଫ୍ରେଞ୍ଚ ପବ୍ଲିକେସନ ମିଡିଆ ପାର୍ଟ ଏନେଇ ବାରମ୍ବାର ରିପୋର୍ଟ ପ୍ରକାଶ କରିଥିଲା । କହିରଖୁ କି ରାଫେଲ ଡିଲରେ ଦୁର୍ନୀତି ହୋଇଥିବା ନେଇ ୨୦୧୮ ମସିହାରେ ସେରପା ଅଭିଯୋଗ ଆଣିଥିଲା । ମାତ୍ର ପିଏନଏଫ୍ ଏହାକୁ ଖାରଜ କରିଦେଇଥିଲା । ସୂଚନା ଥାଉକି ରାଫେଲ ଯୁଦ୍ଧ ବିମାନର ଡିଲ ୭.୮ ବିଲିୟନ ୟୁରୋ । ଶୁକ୍ରବାର ଦିନ ଫ୍ରେଞ୍ଚ ପବ୍ଲିକେସନ ମିଡିଆପାର୍ଟ କହିଥିଲା କି ଜୁନ ୧୪ ତାରିଖରେ ଜଣେ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଏହି ମାମଲାର ଯାଂଚ ଆରମ୍ଭ କରିଥିଲା । ଏହି ମାମଲାରେ ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଫ୍ରାନ୍ସବା ଔଲାଦ (ଜିଏ କି ରାଫାଲ ଡିଲ ଉପରେ ହସ୍ତାକ୍ଷର କରିଥଲେ) ଏହା ସହ ବର୍ତ୍ତମାନର ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ (ରାଫେଲ ଡିଲ ସମୟରେ ଅର୍ଥମନ୍ତ୍ରୀ) ଙ୍କ କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ପଚରାଯିବ । ଅନ୍ୟପଟେ ସେତେବେଳେ ଫ୍ରାନ୍ସର ରକ୍ଷାମନ୍ତ୍ରୀ ଥିବା ଓ ଏବେ ବୈଦେଶିକ ମନ୍ତ୍ରୀ ଜୀନ-ୟବେସ ଲେ ଡ୍ରିୟାନା ବି ଏହି ତଦନ୍ତ ପରିସରକୁ ଆସିବେ ବୋଲି ଫ୍ରେଞ୍ଚ ପବ୍ଲିକେସନ ମିଡିଆପାର୍ଟ କହିଛି । ଏସବୁ ପରେ ରାଫେଲ ଯୁଦ୍ଧ ବିମାନ ପ୍ରସ୍ତୁତ କରିଥିବା ଡାସଲ୍ଟ ଏଭିଏସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ । କିନ୍ତୁ ଏହାପୂର୍ବରୁ ଏହି ଅଭିଯୋଗକୁ ନେଇ ଡାସଲ୍ଟ ଏଭିଏସନ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା କି ରାଫେଲକୁ ନେଇ ଇଣ୍ଡୋ-ଫ୍ରେଞ୍ଚ ଡିଲରେ କୌଣସି ଦୁର୍ନୀତି ହୋଇ ନାହିଁ ।

## କୋଭିଡ୍ କଟକଣାରେ ଅନୁଷ୍ଠିତ ହେବ ରଥଯାତ୍ରା

### ବଡଦାଣ୍ଡର ଉଭୟ ପାର୍ଶ୍ୱରେ ଲାଗୁ ହେବ ୧୪୪ ଧାରା

ପୁରୀ,୦୩/୦୭ (ନି.ପ୍ର): ଚଳିତ ବର୍ଷ ରଥଯାତ୍ରା ଶୃଙ୍ଖଳିତ ଭାବେ କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହେବ । ଏଥିପାଇଁ ଆଜି ଭର୍ଚୁଆଲ ମୋଡ୍ ରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ନିଷ୍ପତି ହୋଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ କୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ରଥଯାତ୍ରାରେ ନିୟୋଜିତ ହେବାକୁ ଥିବା ୨୩୦୦ ସେବାୟତଙ୍କ କୋଭିଡ୍ ଟେଷ୍ଟ କରାଯିବା ସହିତ ସେମାନଙ୍କର ଟୀକାକରଣ ପ୍ରକ୍ରିୟା ଖୁବ୍ ଶୀଘ୍ର ଶେଷ ହେବ । ରଥଯାତ୍ରାରେ ଅଂଶଗ୍ରହଣକାରୀ ସେବାୟତଙ୍କୁ ମାସ୍କ ଓ ଗାମୁଛା ପ୍ରଦାନ କରାଯିବ। ଶ୍ରୀମନ୍ଦିର ପ୍ରଶାସନ ନିକଟରେ ▶▶ପୃଷ୍ଠା ୭

## ଭ୍ୟାକ୍ସିନ ପ୍ରମାଣ ପତ୍ର ପରେ ଏବେ ରାସନ ପ୍ୟାକେଟରେ ବି ରହିବ ବିଜେପିର ନିର୍ବାଚନୀ ଚିହ୍ନ



ନୂଆଦିଲ୍ଲୀ,୦୩/୦୭: ଭ୍ୟାକ୍ସିନ ପ୍ରମାଣ ପତ୍ର ପରେ ଏବେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗରିବ ଲୋକଙ୍କ ଦିଆଯାଉଥିବା ରାସନ ଉପରେ ବି ରହିବ ମୋଦିଙ୍କ ଫୋଟ । ଏନେଇ ବିଜେପି ଶାସିତ ରାଜ୍ୟମାନଙ୍କୁ ଚିଠି ଲେଖିଛନ୍ତି ବିଜେପି ମହାସଚିବ ଅରୁଣ ସିଂ । ଚିଠି ମୁତାବକ କେନ୍ଦ୍ର ସରକାରଙ୍କ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ହିତାଧିକାରୀଙ୍କୁ ମିଳୁଥିବା ରାସନ ସାମଗ୍ରୀ ବଣ୍ଟନ ବେଳେ ଡିଲର ଦୋକାନ ଆଗରେ ମୋଦି ଓ ମୁଖ୍ୟମନ୍ତ୍ରୀଙ୍କ ଫୋଟ ରହିବ । କେବଳ ସେତିକି ନୁହେଁ ଯେଉଁ ପ୍ୟାକେଟରେ ହିତାଧିକାରୀଙ୍କୁ ୫ କିଲୋ ଖାଦ୍ୟ ସାମଗ୍ରୀ ମିଳୁଛି ସେହି ଥଳିରେ ବି ବିଜେପିର ନିର୍ବାଚନୀ ଚିହ୍ନ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ଅରୁଣ ସିଂ । ଏନେଇ ସବୁରାଜ୍ୟକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି କି କେନ୍ଦ୍ର ସରକାରଙ୍କ 'ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାର' ପ୍ରଚାର ଜୋରଦାର କରାଯାଉ । କହିରଖୁ କି ଏବେ ଦେଶରେ ଚାଲୁଥିବା କୋଭିଡ ନିରୋଧି ଭ୍ୟାକ୍ସିନ ଅଭିଯାନରେ ଟିକା ନେଉଥିବା ଲୋକଙ୍କୁ ଯେଉଁ ପ୍ରମାଣପତ୍ର ମିଳୁଛି ସେଥିରେ ପ୍ରଧାନମନ୍ତ୍ରୀ ମୋଦିଙ୍କର ଫୋଟ ରହିଛି । ଏହାକୁ ବିରୋଧୀଦଳ ମାନେ ବିରୋଧ କରିଛନ୍ତି । ଏହାସହ ପଶ୍ଚିମବଙ୍ଗ ଓ ଛତିଶଗଡ ସରକାର ଟିକା ପ୍ରମାଣପତ୍ରରୁ ମୋଦିଙ୍କ ଫୋଟ ହଟାଇ ମୁଖ୍ୟମନ୍ତ୍ରୀଙ୍କ ଫୋଟ ଲଗାଇଥିଲେ । ବିଜେପି ମହାସଚିବ ଅରୁଣ ସିଂ ଲେଖିଥିବା ଚିଠିରେ ▶▶ପୃଷ୍ଠା ୭

## ୪ ମାସରେ ତୃତୀୟ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଲେ ପୁଷ୍କର ସିଂହ ଧାମି



ଉତ୍ତରାଖଣ୍ଡ,୦୩/୦୭: ତିନି ଦିନର ରାଜନୈତିକ ସଂକଟ ପରେ ଉତ୍ତରାଖଣ୍ଡକୁ ମିଳିଛି ନୂଆ ମୁଖ୍ୟମନ୍ତ୍ରୀ । ମାତ୍ର ୪ ମାସ ଧରି ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇ ଥିବା ତୀରଥ ସିଂହ ରାୱତ ଗତକାଲି ନିଜ ପଦରୁ ଇସ୍ତଫା ଦେଇଛନ୍ତି । ଆଉ ନୂଆ ମୁଖ୍ୟମନ୍ତ୍ରୀ ଭାବେ ପୁଷ୍କର ସିଂହ ଧାମିଙ୍କୁ ଚୟନ କରାଯାଇଛି । ଉତ୍ତରାଖଣ୍ଡର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ମିଳିଛି ଖତିମା ବିଧାୟକ ପୁଷ୍କର ସିଂହ ଧାମିଙ୍କୁ । କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାରଙ୍କ ଉପସ୍ଥିତିରେ ତାଙ୍କୁ ବିଧାୟକ ଦଳ ନେତା ଭାବେ ମଧ ଚୟନ କରାଯାଇଛି । ଏହାରି ସହିତ ଗତ ୪ ମାସ ଭିତରେ ରାଜ୍ୟକୁ ମିଳିଛି ତିନୋଟି ମୁଖ୍ୟମନ୍ତ୍ରୀ । ଅନେକ ରାଜନୈତିକ ହଟଚମଟ ଭିତରେ ତିରଥ ସିଂହ ନିଜ ପଦରୁ ଇସ୍ତଫା ଦେବା ପରେ ପୁଷ୍କର ସିଂହ ଧାମିଙ୍କୁ ଉତ୍ତରାଖଣ୍ଡର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଦିଆଯାଇଛି । ଶୁକ୍ରବାର ବିଳମ୍ବିତ ରାତିରେ ରାଜ୍ୟପାଳ ବେବି ରାଣୀ ମୌର୍ଯ୍ୟଙ୍କୁ ରାଜଭବନରେ ପହଁଚି ନିଜ ▶▶ପୃଷ୍ଠା ୭

## ୧ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ପବ୍ଲିକ ପ୍ରୋସିକ୍ୟୁଟରଙ୍କୁ ଧରିଲା ଭିଜିଲାନ୍ସ

କଳାହାଣ୍ଡି,୦୩/୦୭ (ନି.ପ୍ର): ଭିଜିଲାନ୍ସ ବାବୁଙ୍କ ଘରେ ଭିଜିଲାନ୍ସର ଚଢ଼ାଉ । ୧ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ପବ୍ଲିକ ପ୍ରୋସିକ୍ୟୁଟରଙ୍କୁ ଧରିଲା ଭିଜିଲାନ୍ସ । କଳାହାଣ୍ଡି ଭବାନୀପାଟଣା ଭିଜିଲାନ୍ସ ପିପି ଆଶୁତୋଷ ମିଶ୍ର, ମହୁଲପାଟଣା ଫାଣ୍ଡି ପୂର୍ବତନ ଏଏସଆଇ ମଳୟ ରଣାଙ୍କ ଭିଜିଲାନ୍ସ କେଶ ରଫାଦଫା ପାଇଁ ୩ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ । ଆଜି ଟିଭି ସେଂଟର ପଡ଼ା ବାସଗୃହରେ ୧ଲକ୍ଷ ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା ।

## ଭାରତ ସହ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେଉଛି ଚୀନ

### ଲଦାଖ ସୀମାରେ ବଢାଉଛି ସୈନ୍ୟ ସଂଖ୍ୟା, ଜବାବ୍ ଦେବାକୁ ସୀମାରେ ୫୦ ହଜାର ସୈନ୍ୟ ଠୁଳ କଲା ଭାରତ



ନୂଆଦିଲ୍ଲୀ,୦୩/୦୭: ଭାରତ ଓ ଚୀନ ମଧ୍ୟରେ ଲାଗିଥିବା ସୀମା ବିବାଦକୁ ମେଣ୍ଟାଇବାକୁ ଚୀନ ଓ ଭାରତ ମଧ୍ୟରେ ଅନେକଥର ବୈଠକ ହୋଇ ସାରିଛି । ହେଲେ ଏହି ବୈଠକରୁ କିଛି ନିଷ୍କର୍ଷ ବାହାରିପାରି ନଥିବା ବେଳେ ଏବେ ଲଦାଖ ସୀମାରେ ପୁଣିଥରେ ଚୀନ ସେନା ଠୁଳ କରୁଥିବା ସୂଚନା ମିଳିଛି । ଚୀନର ଏଭଳି କାର୍ଯ୍ୟକୁ ଦେଖି ଭାରତ ବି ଜବାବ୍ ଦେବାକୁ ପ୍ରସ୍ତୁତ ହୋଇଛି । ଭାରତ ପକ୍ଷରୁ ଲଦାଖ ସୀମାରେ ୫୦ ହଜାର ସୈନ୍ୟ ଠୁଳ କରିଛି । ଉଭୟ ପକ୍ଷରୁ ସୀମାରେ ସେନା ଠୁଳ କରିବା ପରେ ଯୁଦ୍ଧ ପରିସ୍ଥିତି ଦେଖା ଦେଇଛି । ଏକ ଆନ୍ତର୍ଜାତୀୟ ଗଣମାଧ୍ୟମର ସୂଚନା ମୁତାବକ ପୂର୍ବ ବର୍ଷ ହୋଇଥିବା ଲଢେଇରେ ଚୀନ ପକ୍ଷରୁ ଯେତେ ସୈନିକ ଠୁଳ କରାଯାଇଥିଲା ସେହି ତୁଳନାରେ ଏବେ ୧୫ ପ୍ରତିଶତ ଅଧିକ ସେନା ଠୁଳ କରିଥିବା କୁହାଯାଇଛି । ବିଶେଷ ସୂତ୍ରରୁ ▶▶ପୃଷ୍ଠା ୭

## ପାକିସ୍ତାନ ପଟୁ ଡ୍ରୋନ୍ ଆକ୍ରମଣ ଘଟଣାରେ ସିଡିଏସ୍ ବିପିନ ରାୱତଙ୍କ ବଡ଼ ବୟାନ



ନୂଆଦିଲ୍ଲୀ,୦୩/୦୭: ଜାମ୍ମୁ ଏୟାର ଷ୍ଟେସନ ଉପରେ ପାକିସ୍ତାନୀ ଡ୍ରୋନ ଆକ୍ରମଣକୁ ନେଇ ବଡ ବୟାନ ରଖିଛନ୍ତି ସିଡିଏସ ବିପିନ ରାୱତ । ଚିଫ ଅଫ ଡିଫେନ୍ସ ଷ୍ଟାଫ ଜେନେରାଲ ରାୱତ କହିଛନ୍ତି ଯେ, ପାକିସ୍ତାନ କେବଳ ଚେତାବନୀ ଦେବାକୁ ଡ୍ରୋନ ▶▶ପୃଷ୍ଠା ୭

## ସାରା ବିଶ୍ୱକୁ ଡରାଉଛି ଡେଲଟା ଭୂତାଣୁ



ଭୁବନେଶ୍ୱର,୦୩/୦୭(ନି.ପ୍ର): ବଢ଼ିଚାଲିଛି ଡେଲଟା କରୋନା ଭୂତାଣୁ । ବିଭିନ୍ନ ଦେଶରେ ଏହି ମାରାତ୍ମକ ଭୂତାଣୁ ମ୍ୟୁଟାଣ୍ଟ କରୁଛି ବା ରୂପ ବଦଳାଉଛି । ଯାହାକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଚେତାବନୀ ଦେଇଛି । ଡବ୍ଲୁଏଚଓର ମହାନିର୍ଦ୍ଦେଶକ କହିଛନ୍ତି କୋଭିଡ-୧୯ ମହାମାରୀର ଅତ୍ୟନ୍ତ କଠିନ ସମୟ ଦେଇ ଗତି କରୁଛି ସମଗ୍ର ବିଶ୍ୱ । ସେ କହିଛନ୍ତି, ଡେଲଟା ଭାଇରସ ସବୁଠାରୁ ମାରାତ୍ମକ ହୋଇଥିବା ବେଳେ ଏହା ଲଗାତାର ରୂପ ବଦଳାଉଛି । ଭାରତରେ ପ୍ରଥମ କରି ଦେଖାଯାଇଥିବା ଡେଲଟା ଭାଇରସ ଏବେ ବିଶ୍ୱର ପ୍ରାୟ ୯୮ଟି ଦେଶକୁ ବ୍ୟାପି ସାରିଲାଣି । ଏହା ଅଧିକ ସଂକ୍ରମକ ହେବା ସହ ଫୁସଫୁସ ସଂକ୍ରମଣ ବଢୁଥିବାରୁ ସତର୍କ ରହିବାକୁ ପରାମର୍ଶ ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ । ଯେଉଁ ଦେଶରେ କମ୍ ଲୋକଙ୍କୁ ଟିକା ଦିଆଯାଇଛି ସେଠାରେ ପୁଣି ଥରେ ହସ୍ପିଟାଲରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା କହିଛି ଡବ୍ଲୁଏଚଓ । ବର୍ଷକ ମଧ୍ୟରେ ଅତିକମରେ ୭୦ ପ୍ରତିଶତ ଲୋକଙ୍କୁ ଟିକା ନଦେଲେ ପରିସ୍ଥିତିରେ ନିୟନ୍ତ୍ରଣ ଆସିବ ନାହିଁ ବୋଲି କୁହାଯାଇଛି । ଭାରତରେ ଦ୍ୱିତୀୟ ଲହର ଅଧିକ ଭୟାବହ ହେବାର କାରଣ ଡେଲଟା ଭାଇରସ୍ ବୋଲି କହିଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ।

## ୧୮ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର,୦୩/୦୭ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ୧୮ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି। କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା,ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ କଟକ ଆଦି ଜିଲ୍ଲାରେ ଘଡଘଡି ଓ ବିଜୁଳି ସହ ବର୍ଷା ସମ୍ଭାବନା ରହିଛି। ଏଥିପାଇଁଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ବି ଜାରି କରାଯାଇଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେହିପରି ଜୁଲାଇ ୪ରୁ ୫ ତାରିଖ ମଧ୍ୟରେ ମୟୁରଭଞ୍ଜ, କେନ୍ଦୁଝର, ଢେ଼ଙ୍କାନାଳ, କଟକ, ଜଗତସିଂହପୁର ଓ ଖୋର୍ଦ୍ଧା ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୁରଭଞ୍ଜ, ଢେ଼ଙ୍କାନାଳ, ଅନୁଗୁଳ, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାକୁ କାଳବୈଶାଖୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଅମୀର ଖାନ ଓ କିରଣ ରାଓଙ୍କ ମଧ୍ୟରେ ବିବାହ ବିଚ୍ଛେଦ



ନୂଆଦିଲ୍ଲୀ,୦୩/୦୭: ବଲିଉଡର ଜଣାଶୁଣା ଅଭିନେତା ଅମୀର ଖାନ ଓ ତାଙ୍କର ଦ୍ୱିତୀୟ ପତ୍ନୀ କିରଣ ରାଓଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହୋଇଛି । ବିବାହର ଦୀର୍ଘ ୧୫ ବର୍ଷ ପରେ ସେମାନେ ପରସ୍ପର ଠାରୁ ଅଲଗା ହୋଇଛନ୍ତି । ଏନେଇ ଅମୀର ଓ କିରଣ ମିଳିତ ଭାବେ ପ୍ରଶଂସକ ମାନଙ୍କୁ ସୂଚନା ଦେଇଛନ୍ତି । ସେମାନେ କହିଛନ୍ତି କି ଏବେ ଅଲଗା ଅଲଗା ଭାବେ ନିଜର ଜୀବନକୁ ନେଇ ବଞ୍ଚିବେ । ମିଳିତ ଭାବେ ଦେଇଥିବା ବୟାନରେ କିରଣ ଓ ଅମୀର ଖାନ କହିଛନ୍ତି କି ସେମାନେ ଦୀର୍ଘ ୧୫ ବର୍ଷ କାଳ ଏକା ସାଙ୍ଗରେ ଜୀବନକୁ ଅନୁଭବ କରିଛନ୍ତି । ସେମାନଙ୍କର ସଂପର୍କ ବିଶ୍ୱାସ ଓ ସମ୍ମାନର ସହ ଆଗକୁ ବଢିଥିଲା ବୋଲି ଉଭୟ କହିଛନ୍ତି । ହେଲେ ଏବେ ଆମେ ଆମ ଜୀବନର ଏକ ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ଇଚ୍ଛା କରିଛୁ ବୋଲି ସେ କହିଛନ୍ତି । ଏହା ସହ ସେମାନେ ଆହୁରି କହିଛନ୍ତି କି ସେମାନେ କିଛିଦିନ ପୂର୍ବରୁ ଏକ ଯୋଜନା ପ୍ରସ୍ତୁତ ▶▶ପୃଷ୍ଠା ୭

## ବାଲେଶ୍ୱରରେ ଠାବ ହେଲା ପ୍ରାଚୀନ ସହର

### ୫ କିଲୋମିଟର ବ୍ୟାପି ମାଟି ତଳେ ସହର ଥିବା ଅନୁମାନ, ମିଳୁଛି ପ୍ରମାଣ

ବାଲେଶ୍ୱର,୦୩/୦୭ (ନି.ପ୍ର): ବୁଢ଼ାବଳଙ୍ଗ ଓ ସୋନ ନଦୀ ଅବବାହିକା ଅଂଚଳରେ ପ୍ରାଚୀନ ସହରର ସନ୍ଧାନ । ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଦୁର୍ଗାଦେବୀ ଅଂଚଳରେ ପ୍ରାଚୀନ ସହର ଓ ପ୍ରାଗ ଐତିହାସିକ ସଭ୍ୟତାର ସନ୍ଧାନ ମିଳିଛି । ଉତ୍କଳୀୟ ନୌବାଣିଜ୍ୟ ଓ ଦକ୍ଷିଣ ପୂର୍ବ ଏସୀୟ ଗବେଷଣା ପ୍ରତିଷ୍ଠାନ ବୁଢ଼ାବଳଙ୍ଗ ଓ ସୋନ ନଦୀ ଅବବାହିକା ଅଂଚଳରେ ଏହାର ବଳିଷ୍ଠ ▶▶ପୃଷ୍ଠା ୭

## ଆସନ୍ତା ସପ୍ତାହରେ ମୋଦି କ୍ୟାବିନେଟର ସଂପ୍ରସାରଣ ସମ୍ଭାବନା

ନୂଆଦିଲ୍ଲୀ,୦୩/୦୭: ଆସନ୍ତା ସପ୍ତାହରେ ମୋଦିଙ୍କ କ୍ୟାବିନେଟର ସଂପ୍ରସାରଣ ହେବା ସମ୍ଭାବନା ରହିଛି । ମନ୍ତ୍ରୀମଣ୍ଡଳରେ କେତେକ ନୂଆ ସାଂସଦଙ୍କୁ ସାମିଲ କରାଯାଇପାରେ ଆଉ କିଛି ମନ୍ତ୍ରୀଙ୍କ ବିଭାଗ ପରିବର୍ତନ ହେବା ସମ୍ଭାବନା ମଧ ରହିଛି । ଆସନ୍ତା ବର୍ଷ ୫ଟି ରାଜ୍ୟରେ ହେବାକୁ ଥିବା ନିର୍ବାଚନକୁ ଆଖିରେ ରଖି ନୂଆ ଚେହେରାକୁ ମୋଦି ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇପାରେ । ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି ଦୁଇଟି ପର୍ଯ୍ୟାୟରେ କ୍ୟାବିନେଟ ସଂପ୍ରସାରଣ ହେବ । ଜୁଲାଇ ୭ତାରିଖ ପୂର୍ବରୁ କ୍ୟାବିନେଟର ପ୍ରଥମ ସଂପ୍ରସାରଣ ଓ ସଂସଦର ମୌସୁମୀ ଅଧିବେଶନ ପରେ ଦ୍ୱିତୀୟ ସଂପ୍ରସାରଣ ହେବା ସମ୍ଭାବନା ରହିଛି । ମଧ୍ୟପ୍ରଦେଶ ବିଜେପି ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ, ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୱାଲ, ଓଡିଶା ସାଂସଦ ଅଶ୍ୱିନୀ ବୈଷ୍ଣବ, ବିଜେପି ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କୁ ମନ୍ତ୍ରୀ ପଦ ମିଳିପାରେ । ବୈଜୟନ୍ତ ପଣ୍ଡାଙ୍କୁ ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ରାଷ୍ଟ୍ରମନ୍ତ୍ରୀ କରାଯିବା ନେଇ ଚର୍ଚ୍ଚା ଚାଲିଛି । ସେହିପରି ମହାରାଷ୍ଟ୍ରର ଡକ୍ଟର ପ୍ରିତମ ଗୋପୀନାଥ ରାଓ ମୁଣ୍ଡେ, ନାରାୟଣ ରାଣେ ଏବଂ ରାଜ୍ୟସଭା ସାଂସଦ ଭୁପେନ୍ଦ୍ର ଯାଦବଙ୍କ ନାମ ମନ୍ତ୍ରୀ ଦୌଡରେ ଥିବା ଶୁଣାଯାଉଛି । ସେହିପରି ଦିଲ୍ଲୀ ବିଜେପିରୁ ମିନାକ୍ଷୀ ଲେଖି, ପରବେଶ ବର୍ମା, ପିଲଭିତ ସାଂସଦ ବରୁଣ ଗାନ୍ଧୀଙ୍କୁ ମଧ ମନ୍ତ୍ରୀ ପଦ ମିଳିପାରେ ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି । ▶▶ପୃଷ୍ଠା ୭

# ଅଖିଳ ଭାରତୀୟ ଚିକିତ୍ସକ ସଂଘ ପକ୍ଷରୁ ଡାକ୍ତର ଦିବସ ପାଳିତ




ଭଦ୍ରକ,୩/୭ (ନି.ପ୍ର): ଅଖିଳ ଭାରତୀୟ ଚିକିତ୍ସକ ସଂଘ ଭଦ୍ରକ ଶାଖା ଓ ରୋଟାରୀ କ୍ଲବ ଭଦ୍ରକ ମିଳିତ ଆନୁକୁଲ୍ୟରେ ସ୍ଥାନୀୟ 'ଗୀତା ଭବନ' ପରିସରରେ 'ଡାକ୍ତର ଦିବସ' ପାଳିତ ହୋଇ ଯାଇଛି। ଡାକ୍ତର ରବୀନ୍ଦ୍ର କୁମାର ନାୟକ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ରୋଟାରୀ କ୍ଲବର ସଭାପତି ଇଂ ବସନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ଚିକିତ୍ସକ ସଂଘର ସମ୍ପାଦକ ଡା. ହରେକୃଷ୍ଣ ନାୟକ ଡାକ୍ତର ଦିବସର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ମହାମାରୀ କରୋନାରେ ଡାକ୍ତରମାନେ ରୋଗୀ ସେବାରେ ନିୟୋଜିତ ଥାଇ ଯେଉଁ ପ୍ରାଣବଳୀ ଦେଇଛନ୍ତି, ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଶିଷ୍ଟ ଚିକିତ୍ସକ, ରାଜନେତା ଡାକ୍ତର ସ୍ୱର୍ଗତ ବିଧାନ ଚନ୍ଦ୍ର ରାୟଙ୍କ ଜୟନ୍ତୀ ଓ ଶ୍ରାଦ୍ଧବାର୍ଷିକୀ ଗୋଟିଏ ଦିନରେ ଅର୍ଥାତ ଜୁଲାଇ ୧ ତାରିଖରେ ହୋଇଥିବାରୁ ତାଙ୍କୁ ସମ୍ମାନ ପ୍ରଦର୍ଶନ ନିମନ୍ତେ ପ୍ରତିବର୍ଷ ଏହି ଦିନକୁ ଡାକ୍ତର ଦିବସ ଭାବରେ ପାଳନ କରାଯାଇ ଆସୁଅଛି ବୋଲି କହିଥିଲେ ଅନ୍ୟତମ ବକ୍ତା ଡାକ୍ତର ପ୍ରଭାସ ମହାନ୍ତି ଡାକ୍ତରମାନଙ୍କ ସମାଜ ପ୍ରତି ଅବଦାନ ଓ କର୍ତ୍ତବ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଭଦ୍ରକ ଜିଲ୍ଲାରେ ଉଲ୍ଲେଖନୀୟ ସେବା ପାଇଁ ଡାକ୍ତର ଅଧର କୁମାର ନାୟକ, ଡା. ପୂର୍ଣ୍ଣଚନ୍ଦ୍ର ଦାସ, ଡା. ବିଭୂତି ଭୂଷଣ ନାୟକ, ଡା. ଝସକେତନ ମହାନ୍ତି, ଡା.ପ୍ରଭାସ ମହାନ୍ତି, ଡା. ଗୌରଚନ୍ଦ୍ର ଜେନା, ଡା, କନିଷ୍କ ମଲ୍ଲିକ ଓ ଲାବେରୋଟୋରୀ ଟେକ୍‌ନିସିଆନ ନିଳିମା ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ଚିକିତ୍ସକ ଡାକ୍ତର ରବୀନ୍ଦ୍ର ପାଣିଗ୍ରାହୀ ଓ ଡାକ୍ତର ଶତ୍ରୁଘ୍ନ ହାତୀ ଡାକ୍ତରମାନଙ୍କୁ ସମ୍ବର୍ଦ୍ଧନାରେ ସହଯୋଗ କରିଥିଲେ। ଉକ୍ତ ସଭାରେ ଜିଲ୍ଲାର ଅନ୍ୟ ଡାକ୍ତର ଓ ରୋଟାରୀ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ। ଡାକ୍ତର ଦେବରାଜ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦୁଝର ଜିଲ୍ଲାରେ ଆଇ.ସି.ଡି.ଏସ୍. ଅନ୍ତର୍ଗତ ପ୍ରାକ୍ ବିଦ୍ୟାଳୟ ପିଲାଙ୍କ ସକାଳ ଜଳଖିଆରେ ସାମିଲ ହେଲା ମାଣ୍ଡିଆ ଲଡୁ

କେନ୍ଦୁଝର,୩/୭ (ନି.ପ୍ର): ଡି.ଏମ୍.ଏଫ୍. ସହଯୋଗରେ କେନ୍ଦୁଝର ଜିଲ୍ଲାରେ ଆଇ.ସି.ଡି.ଏସ୍. ଅନ୍ତର୍ଗତ ପ୍ରାକ୍ ବିଦ୍ୟାଳୟ (୩ରୁ ୬ ବର୍ଷ ବୟସ୍କ) ଶିଶୁମାନଙ୍କ ସକାଳ ଜଳଖିଆରେ ମାଣ୍ଡିଆ ଲଡୁ ସାମିଲ୍ ହୋଇଛି । ଚଳିତ ଜୁଲାଇ ଦୁଇ ତାରିଖ ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାପାଳ ଆଶିଷ ଠାକରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଉଦ୍‌ବୋଧନ ଦେଇ ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ ଯେ ଏହାଦ୍ୱାରା ବହୁମୁଖୀ ଉଦ୍ଦେଶ୍ୟ ସାଧିତ ହୋଇପାରିବ । ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ଅଙ୍ଗନୱାଡି କେନ୍ଦ୍ରରେ ସେମାନଙ୍କ ଖାଦ୍ୟ ମେନୁ ସହିତ ସପ୍ତାହରେ ଅତିରିକ୍ତ ଦୁଇଟି ମାଣ୍ଡିଆ ଲଡୁ ଦିଆଯିବ । ଶିଶୁମାନଙ୍କର ପୁଷ୍ଟିର ଅଭିବୃଦ୍ଧି ସହିତ କେନ୍ଦୁଝର ଜିଲ୍ଲାର ଜନଜାତିମାନଙ୍କର ପାରମ୍ପରିକ ଖାଦ୍ୟ ପରମ୍ପରାର ପୁନଃପ୍ରବର୍ତ୍ତନ କରିବା, ମାଣ୍ଡିଅ ଚାଷ ଦ୍ୱାରା ଚାଷୀମାନେ ଉଚିତ୍ ମୂଲ୍ୟ ପାଇ ଲାଭବାନ୍ ହେବା ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଅତିରିକ୍ତ ଆୟ ଉତ୍ସ ବୃଦ୍ଧି କରିବା ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଯେହେତୁ ଚାଉଳ/ଭାତ ତୁଳନାରେ ମାଣ୍ଡିଆରେ ଅଧିକ କ୍ୟାଲ୍‌ସିୟମ୍, ଲୌହସାର, ଫାଇବର, ମିନେରାଲସ୍ ଏବଂ ଆଂଟିଅକ୍ସିଡାଂଟ୍‌ସ୍ ବହୁ ପରିମାଣରେ ରହିଛି, ଏହା ଶିଶୁମାନଙ୍କର ପୁଷ୍ଟିସାଧନରେ ଉଲ୍ଲେଖନୀୟ କାର୍ଯ୍ୟ କରିବ । ମାଣ୍ଡିଆ ଲଡୁ ପ୍ରସ୍ତୁତ କରାଯାଇ ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ବୁଧବାର ଓ ଶନିବାର ଦିନ ଶିଶୁମାନଙ୍କୁ ସେମାନଙ୍କ ପାଇଁ ନିର୍ଦ୍ଧାରିତ ଖାଦ୍ୟ ସହିତ ଖାଇବାକୁ ଦିଆଯିବ । ବର୍ତ୍ତମାନ କୋଭିଡ୍ ପରିସ୍ଥିତିରେ ଅଙ୍ଗନୱାଡି କେନ୍ଦ୍ର ଖୋଲାହେବା ପର୍ଯ୍ୟନ୍ତ ପ୍ରାକ୍ ରନ୍ଧା ଖାଦ୍ୟ, ରାଗି/ମାଣ୍ଡିଆ ଲଡୁ ମିକ୍ସ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କ ଘରେ ଯୋଗାଇ ଦିଆଯିବ । ଘରେ ମାଆମାନେ ଲଡୁ ପ୍ରସ୍ତୁତ କରି ଶିଶୁଙ୍କୁ ଖାଇବା ପାଇଁ ଦେବେ । ଅଙ୍ଗନୱାଡି କେନ୍ଦ୍ର ଖୋଲା ହେଲେ ସେଠାରେ ଶିଶୁମାନଙ୍କୁ ଏହା ଖାଇବା ପାଇଁ ଦିଆଯିବ । ବିଭିନ୍ନ ଉଦ୍ୟୋଗ ପରିଚାଳନା କ୍ଷେତ୍ରରେ ଅଭିଜ୍ଞ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଣ୍ଡିଆ ଲଡୁ ମିକ୍ସ ପ୍ରସ୍ତୁତ କରିବେ । ଉତମମାନର ଏବଂ ସ୍ୱାସ୍ଥ୍ୟକର ମାଣ୍ଡିଆ ପ୍ରସ୍ତୁତି ନିମନ୍ତେ ଆବଶ୍ୟକୀୟ ଯନ୍ତ୍ରାଂଶ ସହ ମାଣ୍ଡିଆ ପ୍ରକ୍ରିୟାକରଣର ୟୁନିଟ୍ ସ୍ୱୟଂ ସହାୟକ ଗୋଷ୍ଠୀସ୍ତରରେ ପ୍ରତିଷ୍ଠା କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ । ପ୍ରଥମ ପର୍ଯ୍ୟାୟରେ ୨ ଜୁଲାଇ ୨୦୨୦ରୁ ସଦର ବ୍ଲକ୍‌ର ୩୩୫ଟି ଅଙ୍ଗନୱାଡି କେନ୍ଦ୍ରରେ ନାମ ଲେଖାଯାଇଥିବା ଶିଶୁମାନଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ସାମିଲ୍ କରାଯାଇଛି । ପରେ ପରେ ଜିଲ୍ଲାର ୩୨୫୭ଟି ଅଙ୍ଗନୱାଡି କେନ୍ଦ୍ରର ସମସ୍ତ ଶିଶୁଙ୍କୁ ୧ ସେପ୍ଟେମ୍ବର ୨୦୨୦ ରୁ ଉକ୍ତ କାର୍ଯ୍ୟକ୍ରମରେ ସାମିଲ୍ କରାଯିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି କହିଥିଲେ ।

# ବର୍ଷାର ଦେଖାନାହିଁ- ଗଜାମରୁଡି ଆଶଙ୍କାରେ ଚାଷୀ

ନୂଆପଡା,୩/୭ (ନି.ପ୍ର): ପ୍ରଥମ ମୌସୁମୀ ବର୍ଷାରେ ଉତ୍ସାହିତ ହୋଇ ଚାଷୀ ମାନେ କୃଷିକାର୍ଯ୍ୟରେ ନିୟୋଜିତ ହେଉଥିବା ବେଳେ ନୂଆପଡା ଜିଲ୍ଲାର ଖଡିଆଳ ଅ ଳରେ ଏବେ ଗଜାମରୁଡିର ଆଶଙ୍କା ଦେଖାଦେଇଛି। ପାଣିପାଗ ବିଭାଗ ପକ୍ଷରୁ ଭଲ ବର୍ଷା ହେବାର ସୂଚନା ପାଇ ଚାଷୀ ମାନେ ଗତ ୧୦ ରୁ ୧୫ ତାରିଖ ଭିତରେ ଧାନ ବୁଣିବା ସହ ତଳି ପକାଇଥିଲେ । ଆଶା ଥିଲା ଏବର୍ଷ ଶିଘ୍ର ରୁଆ, ବେଉଷଣ କାର୍ଯ୍ୟ ଆରମ୍ଭ ହୋଇଯିବ । କିନ୍ତୁ ୧୫ ଦିନ ବିତି ଯାଇଥିଲେ ସୁଦ୍ଧା ବର୍ଷାର ଦେଖାନାହିଁ । ସବୁଦିନ ମେଘ ଉଠୁଛି, କାଭା କେଉଠି ବର୍ଷା ହେଉଛି ତ ଅନ୍ୟ ଅ ଳରେ ଶୁନ୍ୟେ ଶୁନ୍ୟେ ଉଡିଯାଉଛି । ଅନ୍ୟପକ୍ଷରେ ଧାନ ବିହନ ଗଜା ହୋଇ ସାରିଥିବା ବେଳେ ସବୁଦିନ ପ୍ରବଳ ଖରା ହେଉଛି । ଯାହାଫଳରେ ଧାନଗଛ ସବୁ ମରିବାରେ ବସିଲାଣି । ଆଉ ଦିନେ ଦୁଇ ଦିନ ମଧ୍ୟରେ ବର୍ଷା ନହେଲେ ଗଜା ମରୁଡି ତୟ। ସବୁ ଜମିକୁ ଜଳସେଚନ ପାଇଁ ବର୍ଷ ବର୍ଷ ଧରି ଦାବୀ ହୋଇ ଆସୁଥିଲେ ମଧ୍ୟ ସରକାର ଗୁରୁତ୍ୱ ଦେଉନାହାନ୍ତି । ତିଖାଲି ପ୍ରକଳ୍ପରେ ଖଡିଆଳ ଅପେକ୍ଷା ବଲାଙ୍ଗିର ଜିଲ୍ଲାର ଅନେକ ଅ ଳରେ ଜଳସେଚନ ହେଉଛି । ଏନେଇ ତ୍ୱରିତ ପଦକ୍ଷେପ ନନେଲେ ଚାଷୀ ମାନେ ଆଉ ଚାଷ କରିବାକୁ ଇଚ୍ଛା ପ୍ରକାଶ କରିବେ ନାହିଁ ବୋଲି ମତ ପ୍ରକାଶ ପାଇଛି ।

# ଧାମନଗର ଅଞ୍ଚଳରେ ଗଡ଼ିଲା ରାଜସ୍ୱ ରଥ

## ଆବେଦନକାରୀଙ୍କୁ ଘରେ ଜମିପଟ୍ଟା ପ୍ରଦାନକଲେ ତହସିଲଦାର



ଧାମନଗର ,୩/୭ (ନି.ପ୍ର): ଓଡ଼ିଶା ସରକାରଙ୍କ ନୂଆ ଯୋଜନା ଆବେଦନକାରୀଙ୍କ ଘରେ ପହଂଚିବ ଜମିପଟ୍ଟା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଜନସାଧାରଣଙ୍କୁ ଜମିପଟ୍ଟା ତାଙ୍କ ନିଜଘରେ ପହଞ୍ଚାଇବା ପାଇଁ ରାଜସ୍ୱବିଭାଗ ତରଫରୁ ପଦକ୍ଷେପ ନିଆଯାଇଛି। ଗତ ବୁଧବାର ଠାରୁ ଏହି ଉଦ୍ଦେଶ୍ୟରେ ଧାମନଗର ଅଞ୍ଚଳରେ ରାଜସ୍ୱ ରଥର ଶୁଭାରମ୍ଭ କରାଯାଇଛି। ଧାମନଗର ବିଡ଼ିଓ ତଥା ଧାମନଗର ତହସିଲଦାର ଦାୟିତ୍ୱରେ ଥିବା ଦୁର୍ଗାଚରଣ ମୁର୍ମୁଙ୍କ ପରାମର୍ଶ କ୍ରମେ ଅତିରିକ୍ତ ତହସିଲଦାର ଅନୁପ କୁମାର ବେହେରା ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଧାମନଗର ତହସିଲରେ ଜମିଜମା ସମ୍ବନ୍ଧରେ ଆବେଦନ କରିଥିବା ଜନ ସାଧାରଣଙ୍କୁ ପଟ୍ଟା ସେମାନଙ୍କର ଘରେ ପହଂଚାଇବା ପାଇଁ ରାଜ୍ୟ ସରକାର ରାଜସ୍ୱ ବିଭାଗର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ନିଷ୍ପତ୍ତି ଅନୁସାରେ ବୁଧବାର ଦିନ ଧାମନଗର ବ୍ଲକ ଅନ୍ତର୍ଗତ ଅସୁରାଳି ଓ କୋଠାର ଅଞ୍ଚଳରେ କିଛି ବ୍ୟକ୍ତିଙ୍କୁ ଜମିପଟ୍ଟା ସେମାନଙ୍କ ଘରେ ଦିଆଯାଇଥିବା ଅତିରିକ୍ତ ତହସିଲଦାର ଶ୍ରୀ ଅନୁପ କୁମାର ବେହେରା ଆମ ପ୍ରତିନିଧିଙ୍କ ସୂଚନା ଦେଇଥିବା ଜଣାଯାଇଛି। ରାଜ୍ୟ ସରକାରଙ୍କ ଜନସାଧାରଣଙ୍କ ପାଇଁ ବିଭିନ୍ନ ଜନହିତ ଯୋଜନା କରିଚାଲିଥିବାବେଳେ ପୁଣି ରାଜସ୍ୱ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି।

# ଧର୍ମଶାଳା ଯୁବ ବିଜେଡି ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

ଧର୍ମଶାଳା,୩/୭ (ନି.ପ୍ର): ସାରା ବିଶ୍ୱରେ କରୋନା ଯେଉଁ ଭଳି ଉଗ୍ରରୂପ ନେଉଛି ଏବଂ ଅମ୍ଳଜାର ଘୋର ଅଭାବ ଦେଖା ଦେଇଛି ତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅମ୍ଳଜାନର ଅଭାବ ନ ହେବାପାଇଁ ବୃକ୍ଷରୋପଣ କରିବାକୁ ଆହ୍ୱାନ ଦେଇଛନ୍ତି । ଏହାକୁ ଆଖି ଆଗରେ ରଖି ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକଙ୍କ ନେତୃତ୍ୱରେ ଜିଲ୍ଲା ଯୁବ ବିଜେଡି ସମ୍ପାଦକ ବିକାଶ ଦାସ, ବ୍ଲକ୍ ଯୁବ ବିଜେଡି ସାଧାରଣ ସମ୍ପାଦକ ଜୟନ୍ତ ଜେନାଙ୍କ ତତ୍ତ୍ୱାବଧାନରେ ୧୧ନଂ ଜୋନରେ ଧର୍ମଶାଳା ଯୁବ ବିଜେଡି ସହଯୋଗରେ ବୃକ୍ଷ ରୋପଣ କରାଯାଇଛି । ବର୍ତ୍ତମାନ ସମୟରେ ଯେଉଁ ଭଳି ଭାବରେ ଅମ୍ଳଜାନର ଘୋର ଅଭାବ ଦେଖାଦେଇଛି ସେ ସମସ୍ୟାକୁ ଆଖି ଆଗରେ ରଖି ଆଗାମୀ ପିଢୀରେ ଯେଭଳି ଅମ୍ଳଜାନର ଅଭାବ ନ ପଡିବ ସେଥିପାଇଁ ବୃକ୍ଷ ରୋପଣ କରାଯାଇଥିଲା । ଜିଲ୍ଲା ଉପସଭାପତି ସୁବ୍ରତ ଧଳ, ସଞ୍ଜୟ ନାୟକ, ବ୍ଲକ୍ ଯୁବ ବିଜେଡି ସମ୍ପାଦକ ସ୍ମୃତିରଞ୍ଜନ ବେହେରା, ଏଣ୍ଡଳବା ବିଜେଡି ସଭାପତି ସୁଧାଂଶୁ ସାହୁ, ବ୍ଲକ୍ ଯୁବ ବିଜେଡି ଉପସଭାପତି ବୁଲୁ ବେହେରା, ସାଧାରଣ ସମ୍ପାଦକ ପ୍ରସନ୍ନ ରାଉତ, ରିତେଶ୍ ମିଶ୍ର, ସମ୍ପାଦକ ଶୁଭେନ୍ଦୁ ବେହେରା, ଜୋନ ସଭାପତି ଶକ୍ତି ରଞ୍ଜନ ଦାସ, ୯ ଗୋଟି ପଂଚାୟତର ଯୁବ ବିଜେଡି ସଭାପତି ରଞ୍ଜନ ସ୍ୱାଇଁ, ସୁଶାନ୍ତ ରାଉତ, ରମାକାନ୍ତ ବାଉଳ, ପ୍ରଶାନ୍ତ ନାୟକ, ଜିତେନ୍ଦ୍ର ରାଉତ, ସଞ୍ଜୟ ପାଲ୍, ଜୟଦେବ ସ୍ୱାଇଁ, ରବିନ୍ଦ୍ର ସେନାପତି ଓ ବିଶ୍ୱଜିତ୍ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବେଆଇନ୍ ବିଦେଶି ମଦ ଜବତ : ୨ଜଣ କୋର୍ଟ ଚାଲାଣ



ଧାମନଗର ,୩/୭ (ନି.ପ୍ର): ଧାମନଗର ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ଦିନକୁ ଦିନ ଚୋରାମଦ ଓ ସୁରା ବେପାର ବଢି ଚାଲିଥିବାବେଳେ ଗାଁ ଗହଳିରେ ମଧ ଏହି ମଦବେପାରିଙ୍କ ସଂଖ୍ୟା ବଢିଚାଲିଛି। ସରକାରୀ ମଦଦୋକାନିରୁ ମଦକିଣି ଚୋରାରେ ଚଢା ଦରରେ ଗାଁ ଗହଳିରେ ବିକ୍ର କରୁଥିବା ଧାମନଗର ଥାନାରେ ପହଂଚିଥିବାବେଳେ ଗୁରୁବାର ରାତିରେ ଧାମନଗର ପୋଲିସ ପକ୍ଷରୁ ସାଧା ପୋଷାକରେ ଥାନା ଅଧିକାରୀ ପ୍ରଦୀପ କୁମାର ମହନ୍ତଙ୍କ ନିର୍ଦ୍ଦେସକ୍ରମେ ଏକ ପୋଲିସ ଟିମ୍ ଦୋବଲ ଅଂଚଳରେ ପହଂଚି ବିଭିନ୍ନ ସ୍ଥାନାମାନଙ୍କରେ ଚଢାଉକରି ବିପୁଳ ବେଆଇନ୍ ମଦ ଜବତ କରିବା ସହିତ ୨ଚୋରା ମଦବେପାରିଙ୍କୁ ଗିରଫ କରିଥିବା ଜଣାଯାଇଛି। ମଦବେପାରି ହେଲେ ମିଶ୍ରପୁର ଗ୍ରାମର ପୁର୍ଣ୍ଣଚନ୍ଦ୍ର ସାହୁ ଓ ମୁସ୍ତଫାପୁର ପଂଚାୟତର ବେଲମଳା ଗ୍ରାମର ସୁଶାନ୍ତ କୁମାର ସାହୁ ଏହି ଚୋରା ବିଦେଶି ମଦବିକ୍ରୟ କରୁଥିବା ୨ଜଣଙ୍କ ନିକଟରୁ ୪୦ଲିଟରରୁ ଉର୍ଦ୍ଧ୍ୱ ବିଦେଶି ମଦ ଜବତ କରିବା ସହିତ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପଲିସ ପକ୍ଷରୁ ଜଣାଯାଇଛି। ଧାମନଗର ଅଂଚଳରେ ଲକ୍‌ଡ଼ାଉନ୍ ଓ ସଟ୍‌ଡ଼ାଉନ୍‌ର ସୁଯୋଗନେଇ ମଦମାଫିଆମାନେ ଲାଲେଲାଲ ହେଉଥିବାବେଳେ କିଛି ପରିବାର ମଧ ନଷ୍ଟ ହେଉଥିଫବା ସାଧାରଣରେ ଆଲୋଚନା ହେଉଛି। ଏ ଦୀଗରେ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବାପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

# ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଘେରାଉ କଲେ ବିଜେପି

ଜୟପୁର,୩/୭ (ନି.ପ୍ର): ଭାରତୀୟ ଜନତା ପାର୍ଟି କୋରାପୁଟ ଜିଲା ତରଫରୁ ବିକ୍ଷୋଭ କରାଯାଇଛି । ବିଜେପିର ଜିଲା ସଭାପତି ସୁମନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ବିଜେପିର ନେତା ଉପସ୍ଥିତ ରହି ବିକ୍ଷୋଭ କରିଥିଲେ । ବିଜେପି ତରଫରୁ ଧାନ ବିକ୍ରି ପାଇଁ ରେଜିଷ୍ଟ୍ରେସନ କରିଥିବା ସମସ୍ତ ଚାଷୀଙ୍କ ଧାନ ରାଜ୍ୟ ସରକାର କିଣନ୍ତୁ , ଟୋକେନ ଲ୍ୟାପସ ଚାଷୀଙ୍କ ଧାନ ସରକାର ନିଜ ପ୍ରତିଶ୍ରୁତି ଅନୁଯାଇ ତୁରନ୍ତ ଉଠାଇବା, କେନ୍ଦ୍ର ସରକାରଙ୍କ ଅଧିକାରି ମାନେ ଦେଇଥିବା ରିପୋର୍ଟକୁ ରାଜ୍ୟ ସରକାର ସମୀକ୍ଷା କରିବା ସହ ଏହାର ରିପୋର୍ଟ ରାଜ୍ୟବାସୀଙ୍କୁ ଜଣାନ୍ତୁ, ପ୍ରତି କ୍ୱିଂଟାଲ ପିଛା ୮କୁ ୧୦ କେଜି କାଟନି ଛଟନି କରୁଥିବା ବନ୍ଦ କରିବା ଏବଂ କେନ୍ଦ୍ର ସରକାର ଚାଷୀଙ୍କୁ ଯୋଗାଇ ଦେଉଥିବା ବସ୍ତା, ସୁତୁଲି ଓ ପରିବହନ ଖର୍ଚ୍ଚ କିଏ ହଡପ କରୁଛି ତାହା ତଦନ୍ତ କରାଯାଉ ଆଦି ଦାବୀ ରହିଛି । ଆସନ୍ତା ୫ ତାରିଖ ମଧ୍ୟରେ ଚାଷୀଙ୍କ ଧାନ ନଉଠିଲେ ସମସ୍ତ ରାସ୍ତା ଘାଟ ବନ୍ଦ କରିବା ସଙ୍ଗେ ସଙ୍ଗେ ସମସ୍ତ ମଣ୍ଡି ଆଗରେ ଧାରଣା ଦିଆଯିବ ବୋଲି ଜିଲା ବିଜେପି ସଭାପତି ସୁମନ୍ତ କୁମାର ପ୍ରଧାନ ସରକାରଙ୍କୁ ଚେତାବନି ଦେଇଛନ୍ତି । ଜୟପୁର ସ୍ଥିତ ଜିଲା ଯୋଗାଣ ଅଧିକାରିଙ୍କ କାର୍ଯ୍ୟାଳୟ ଘେରାଉ କରି ଜିଲା ଯୋଗାଣ ଅଧିକାରିଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି । ଆଜିର ଘେରାଉରେ ଗୌତମ ସାମନ୍ତରାୟ, ସାଧୁ ଦାସ ଚୈଧୁରି, ବିପଦ ଭଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ତୁକଲା ପଂଚାୟତକୁ ଶତ ପ୍ରତିଶତ ଟିକାକରଣ ନେଇ ବିଡିଓଙ୍କ ତତ୍ପରତା

ନୂଆପଡା, ୨ ଜୁଲାଇ (ହି.ସ.)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକର ତୁକଲା ଗ୍ରାମକୁ ଶତପ୍ରତିଶତ କୋଭିଡ ଟିକାକରଣ ନେଇ ଖଡିଆଳ ବିଡିଓ ନାରାୟଣ ସାହୁ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି । ଘର ଘର ବୁଲି କୋଭିଡ ଟିକା ନେବା ପାଇଁ ସଚେତନ କରିଥିବା ବେଳେ ନିର୍ଦ୍ଧାରିତ ସବୁବର୍ଗଙ୍କୁ ଟିକାଦେବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ଟିକା ବର୍ତମାନ ସରିଯାଇଥିବାରୁ ଟିକା ଆସିବାର ଅଛି, ଆସନ୍ତା ସୋମବାର ଠାରୁ ଟିକାକରଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

# ରୋଟାରୀ ବର୍ଷ ପ୍ରାରମ୍ଭରେ ରୋଟାରୀ କ୍ଲବ ମିଡ୍‌ଟାଉନର ବହୁମୁଖୀ କାର୍ଯ୍ୟକ୍ରମ

## ନୂତନ ସଭାପତିଙ୍କ ଦାୟିତ୍ୱ ଗ୍ରହଣ ଓ ସମ୍ବର୍ଦ୍ଧନା ସମାରୋହ




ଭଦ୍ରକ,୩/୭ (ନି.ପ୍ର): ଆନ୍ତର୍ଜାତୀୟ ରୋଟାରୀ ନୂତନ ବର୍ଷ ଜୁଲାଇ ୧ ପ୍ରଥମ ଦିବସରେ ରୋଟାରୀ କ୍ଲବ ମିଡ୍ ଟାଉନ ଭଦ୍ରକ ଆନୁକୁଲ୍ୟରେ ବୃକ୍ଷରୋପଣ, ଡାକ୍ତର ଦିବସ, ଚାଟାର୍ଡ ଆକାଉଣ୍ଟ୍‌ସ ଦିବସ ପାଳନ ହୋଇଯାଇଛି । କ୍ଲବର ସଦସ୍ୟମାନେ ପୂର୍ବାହ୍ନରେ ସହରର ଅନତି ଦୂରରେ ଥୋରଦା ଗ୍ରାମ ସ୍ଥିତ ଥୋରଦା ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଦାସ ପରିଚାଳନାରେ ସହଯୋଗ କରିଥିଲେ। ରୋଟାରୀ କ୍ଲବର ସଦସ୍ୟମାନେ ଯୋଗ ଦେଇ ବୃକ୍ଷରୋପଣର ଆବଶ୍ୟକତା ଏବଂ ଉପାଦେୟତା ସମ୍ପର୍କରେ ଉପସ୍ଥିତଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଜନ୍ମ ଦିନରେ ଗୋଟିଏ ଲେଖାଏ ଗଛ ଲଗାଇବାକୁ ଅନୁରୋଧ କରିବାକୁ ପ୍ରଧାନ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଅପରାହ୍ନରେ ରୋଟାରିଆନ ଶିଶିର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏକ ନିରାଡମ୍ବର ସଭାରେ ଚଳିତ ବର୍ଷ ପାଇଁ ନବ ନିର୍ବାଚିତ ସଭାପତି ପବିତ୍ର ମୋହନ ଖିଲାର ଦାୟିତ୍ୱ ଗ୍ରହଣ କରିଥିଲେ। ରୋଟାରିଆନ ଶ୍ରୀଯୁକ୍ତ ଖିଲାରଙ୍କ ଅଧକ୍ଷତାରେ ଅନୁଷ୍ଠିତ 'ଡାକ୍ତର ଦିବସ ଓ ଚାଟାର୍ଡ ଆକାଉଣ୍ଟ୍‌ସ ଦିବସ' ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବେଦଜ୍ଞ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଯୋଗ ଦେଇ ଡାକ୍ତର ଓ ଅର୍ଥନୀତି ସମୀକ୍ଷକଙ୍କର ସମାଜ ପ୍ରତି ରହିଥିବା ବିଭିନ୍ନ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଡିଷ୍ଟ୍ରିକ୍ଟ ଆସିଷ୍ଟାଣ୍ଟ ଗଭର୍ଣ୍ଣର ରୋଟାରିଆନ ଅତିଶ କୁମାର ବେହେରା ଏହି ଅବସରରେ ପୂଜ୍ୟପୂଜାର ପରମ୍ପରା ଆମ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ, ରୋଟାରୀ କ୍ଲବ ମିଡଟାଉନ ସେହି ପରମ୍ପରାକୁ ବାଜୟ ରଖି ସମାଜର ପୂଜାଷ୍ପଦଙ୍କୁ ସମ୍ମାନ ଦେଇ ଆସିଛି ବୋଲି କହିଥିଲେ। ଡାକ୍ତର ଶିବାଶିଷ ମହାରଣା, ଡାକ୍ତର ଦେବରାଜ ପାଣିଗ୍ରାହୀ, ଡାକ୍ତର ଅଶ୍ୱିନୀ କୁମାର ଭାରତୀ, ଡାକ୍ତର ଅକ୍ଷୟ କୁମାର ମୋଦି, ଚାଟାର୍ଡ ଆକାଉଣ୍ଟା ଜୟନ୍ତ କୁମାର ସେନାପତି, ଅକ୍ଷୟ ନାରାୟଣ ଦତ୍ତ ଏବଂ ସେବା ନିବୃତ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରାଙ୍କୁ ମୁଖ୍ୟ ଅତିଥି ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ଅମିତ କୁମାର ମଲ୍ଲିକ, ରୋଟାରିଆନ ଶିଶିର କୁମାର ମିଶ୍ର, ରୋଟାରିଆନ ଅଶୋକ କୁମାର ଲାଖାନୀ, ରୋଟାରିଆନ ପ୍ରୀତିରଂଜନ ଜେନା, ରୋଟାରିଆନ ରତନ ଗୁପ୍ତା, ରୋଟାରିଆନ ଚଇତାଳୀ ଖିଲାର, ରୋଟାରିଆନ ପୁଷ୍ପିତା ଜେନା, ରୋଟାରିଆନ ସସ୍ମିତା ମିଶ୍ର, ରୋଟାରିଆନ ଇନ୍ଦ୍ରଜିତ ସାହୁ, ରୋଟାରିଆନ ବସନ୍ତ କୁମାର ପାଣିଗ୍ରାହୀ, ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ, ରୋଟାରିଆନ ସୀତାକାନ୍ତ ଦାସ, ରୋଟାରିଆନ ଚନ୍ଦ୍ରଭାନୁ ନାୟକ, ଲାୟନ ଅଶୋକ ମହାନ୍ତି, ଲାୟନ ସରୋଜ କୁମାର ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ରୋଟାରିଆନ ବିକ୍ରମ ଖେମ୍‌କା ଓ ମୀରା ଖେମ୍‌କା ପରିଚାଳନାରେ ସହଯୋଗ କରିଥିଲେ।

# କେନ୍ଦୁଝରରେ ଶୁଭାରମ୍ଭ ହେଲା ପଂଚାୟତ ସ୍ତରୀୟ ଶିଶୁ ସୁରକ୍ଷା କମିଟିଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କେନ୍ଦୁଝର,୩/୭ (ନି.ପ୍ର): ଓଡିଶା ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଜିଲ୍ଲାପାଳ ଆଶିଷ ଠାକ୍‌ରେଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚଳିତ ଜୁଲାଇ ମାସ ୧ ତାରିଖ ଠାରୁ ଆନନ୍ଦପୁର ଓ ସାହାରପଡା ବ୍ଲକ ଅଧିନସ୍ଥ ୩୮ଟି ଗ୍ରାମ ପଂଚାୟତକୁ ନେଇ ପଂଚାୟତସ୍ତରୀୟ ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ ଭର୍ଚୁଆଲ ମାଧ୍ୟମରେ ଆରମ୍ଭ ହୋଇଛି। ଏହି ବୈଠକରେ ଉପରୋକ୍ତ ଦୁଇ ବ୍ଲକର ୩୮ଟି ଗ୍ରାମ ପଂଚାୟତର ଶିଶୁ ସୁରକ୍ଷା କମିଟିର ଅଧ୍ୟକ୍ଷା /ଅଧ୍ୟକ୍ଷ ସରପଂଚ ,ଆବାହିକା ଆଇସିଡିଏସ୍ ,ସୁପରଭାଇଜର, ସଦସ୍ୟ / ସଦସ୍ୟା ଅଙ୍ଗନୱାଡି କର୍ମୀ, ଆଶା, ଯୁବକ ସଂଘର କର୍ମକର୍ତ୍ତା, ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା, ଶିକ୍ଷକ / ଶିକ୍ଷୟିତ୍ରୀ, ୱାର୍ଡମେମ୍ବର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିର ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଦେବାଙ୍ଗନା ବାରିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ବିଶଦ ଭାବେ ଆଲୋଚନା କରି ସଦସ୍ୟ /ସଦସ୍ୟାଙ୍କୁ ଅବଗତ କରାଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ କରୋନା ମହାମାରୀ ସମୟରେ ଶିଶୁମାନଙ୍କର ସୁରକ୍ଷା, ବିପଦସଂକୁଳ ପରିସ୍ଥିତିରେ ଥିବା ଶିଶୁଙ୍କର ଥଇଥାନ, 'ଆଶୀର୍ବାଦ' ଯୋଜନାର କାର୍ଯ୍ୟକାରିତା, ଶିଶୁମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବା ସମସ୍ତ ସରକାରୀ ଯୋଜନା, ଶିଶୁ ସୁରକ୍ଷା କମିଟିର ସଦସ୍ୟ/ ସଦସ୍ୟାଙ୍କ ଦାୟିତ୍ୱ ଓ କର୍ତବ୍ୟ ସଂପର୍କରେ ଆଲୋକପାତ କରାଯିବା ସହିତ ପଂଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟିମାନଙ୍କୁ କିପରି ଅଧିକ କ୍ରିୟାଶୀଳ କରିବା ଉପରେ ଆଲୋଚନା କରାଯାଇଥିଲା। ଆକ୍ସନ ଏଡ୍ ସଂସ୍ଥାର ଜିଲ୍ଲା ସଂଯୋଜକ ଗୋବିନ୍ଦ ଚନ୍ଦ୍ର ସେଠୀ ଏହି ଶିବିରରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅଣ ଆନୁଷ୍ଠାନିକ ଶିଶୁ ଯତ୍ନ ଓ ସେବା ଅଧିକାରୀ ସୌମ୍ୟରଞ୍ଜନ ଦାଶ ପ୍ରଶିକ୍ଷଣ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଚଳିତ ଜୁଲାଇ ଦ୍ୱିତୀୟ ସପ୍ତାହ ମଧ୍ୟମରେ ଜିଲ୍ଲାର ଅନ୍ୟାନ୍ୟ ବ୍ଲକରେ ପର୍ଯ୍ୟାୟକ୍ରମେ ଗ୍ରାମ ପଂଚାୟତସ୍ତରୀୟ ପ୍ରଶିକ୍ଷଣ ଶିବିର ଆୟୋଜନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୪ ଜୁଲାଇ, ୨୦୨୧
email : rabibarachayan2015@gmail.com

ରବିବାର ଚୟନ
ପୃଷ୍ଠା ୩

......ସୁଚୟନ ସୁଚୟନ ସୁଚୟନ......
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର


ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୩୪**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ବ୍ରାହ୍ମଣ ଓ କାୟସ୍ଥମାନେ ଶିକ୍ଷିତ। ନିମ୍ନଜାତୀୟ ସାଧାରଣ ଲୋକଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ହୋଇନଥିଲା। ଭୂମିହାର ବ୍ରାହ୍ମଣମାନେ ଅତ୍ୟନ୍ତ ପ୍ରଭାବଶାଳୀ। ଭୂମିହାରମାନେ ସାଧାରଣତଃ 'ବାଭନ' ନାମରେ ପରିଚିତ। ଏମାନେ ବ୍ରାହ୍ମଣ ବୋଲି ନିଜକୁ ଦାବି କରନ୍ତି। ଏମାନଙ୍କ ମଧ୍ୟରେ ଶିକ୍ଷିତ ଓ ଧନବାନ ଭୂମ୍ୟଧିକାରୀ ସର୍ବାପେକ୍ଷା ଅଧିକ। ବିହାରର ଦରଭଙ୍ଗା ମହାରାଜାଙ୍କ ଛଡ଼ା ପ୍ରାୟ ସମସ୍ତ ଜମିଦାର ଭୂମିହାର ବ୍ରାହ୍ମଣ । କାଶୀ ନରେଶ, ବେତିୟା, ହଥୁଆ, ପ୍ରଭୃତି ରାଜାମାନେ ସମସ୍ତେ ଏହି ଶ୍ରେଣୀୟ । ଦରଭଙ୍ଗା ମହାରାଜା ବ୍ରାହ୍ମଣ।

ରାଜା ପ୍ରଜାମଧ୍ୟରେ ସଦ୍ଭାବ ଥିବା ଅନୁଭବ କଲି । ବିହାରର ଅଶିକ୍ଷିତ ପ୍ରଜା ସୁଦ୍ଧା ନିଜ ହକ୍ ବୁଝେ । ବଙ୍ଗ ପ୍ରଜାସ୍ୱତ୍ୱ ଆଇନ ଅନୁଯାୟୀ ପ୍ରଜାମାନେ ଆସି ନିଜ ନିଜ ହକ୍ ସାବ୍ୟସ୍ତ କରନ୍ତି। ହଥୁଆ ମହାରାଜା ଗୁରୁ ମହାଦେବ ଆଶ୍ରମ ପ୍ରସାଦ ସାହି ବାହାଦୂର ସେତେବେଳେ ଅଳ୍ପବୟସ୍କ ନାବାଳକ ଥିବାରୁ ତାହାଙ୍କ ମାତା ନିଜ ହସ୍ତରେ ଜମିଦାରୀ ପରିଚାଳନା ଭାର ଗ୍ରହଣ କରିଥିଲେ। ମ୍ୟାନେଜର୍ ରଖିଥିଲେ ଜଣେ ଇଂରେଜ Hutchins ସାହେବଙ୍କୁ । ସମଗ୍ର ଜମିଦାରୀ କେତେଗୁଡ଼ିଏ ଚକ (Circle)ରେ ବିଭକ୍ତ ହୋଇଥିଲା ଓ ପ୍ରତ୍ୟେକ ଚକରେ ଜଣେ ଜଣେ ସର୍କଲ୍ ଅଫିସର୍ ରହିଥିଲେ । ସେମାନେ ରାଜସ୍ୱ ଆଦାୟ କରନ୍ତି ଓ ପ୍ରଜାଙ୍କ ଭଲମନ୍ଦ ବୁଝନ୍ତି । ସର୍କଲ୍ ମଧ୍ୟରେ କେତେକ ସମ୍ମିଳିତ ଗ୍ରାମ ଉପରେ ସର୍କଲ ଅଫିସର୍‌ଙ୍କ ଅଧୀନରେ ଜଣେ ଲେଖାଏଁ ସଜାୱାଲ (ଓଡ଼ିଶାରେ ସର୍ବରାକାର ପରି) ଓ ପ୍ରତ୍ୟେକ ଗ୍ରାମରେ ଜଣେ ଲେଖାଏଁ ପଟୁଆରୀ ନିଯୁକ୍ତ ଥାଆନ୍ତି। ପଟୁଆରୀମାନେ ନିଜ ନିଜ ଗ୍ରାମର ବନ୍ଦୋବସ୍ତ ଖତିୟାନ ଓ ତହସିଲ କାଗଜ ରଖନ୍ତି। ପଟୁୟାରୀ ଓ ସଜାୱାଲମାନେ ଦରମା ପାଆନ୍ତି ନାହିଁ। ରାଜସ୍ୱ ଉପରେ କମିଶନ୍ ପାଆନ୍ତି। ସର୍କଲ୍ ଅଫିସରମାନେ ସମସ୍ତେ ଉଚ୍ଚଶିକ୍ଷିତ। ଦୁଇଶତ ଟଙ୍କା ବେତନରେ ସେମାନଙ୍କ ଚାକିରି ଆରମ୍ଭ ହେଉଥିଲା। ସମସ୍ତଙ୍କୁ ବିନାଭଡ଼ାରେ ସୁସଜ୍ଜିତ ବାସଗୃହ ଦିଆହୋଇଥିଲା। ଦେଖିଲି, ଏମାନେ ସରକାର ଡେପୁଟିଙ୍କ ଅପେକ୍ଷା ଅଧିକ ଆରାମପ୍ରଦ ତୃପ୍ତ ଜୀବନଯାପନ କରୁଥିଲେ ।

ମୋର କାର୍ଯ୍ୟ କେବଳ ହଥୁଆ ରାଜ୍ୟ ମଧ୍ୟରେ ଥିଲା। ସେହି ସମୟରେ ଏହି ଜମିଦାରୀ ମଧ୍ୟରେ ସ୍ଥାନେ ସ୍ଥାନେ ନୀଳ କୋଠିମାନ ଥିଲା। ମହାତ୍ମା ଗାନ୍ଧୀଙ୍କ ଆନ୍ଦୋଳନ ଫଳରେ ୧୯୧୭ ସାଲରେ ସେସବୁ ଲୁପ୍ତ ହେଲା ଓ ନୀଳକୋଠି ଅଧିକାରୀ ଗୋରା ସାହେବମାନେ ବିହାର ପରିତ୍ୟାଗ କରି ଚାଲିଗଲେ। ହଥୁଆ ଅପେକ୍ଷା ଚମ୍ପାରଣ ଜିଲ୍ଲାର ବେତିୟା ଜମିଦାରୀରେ ଏହି ନୀଳକୋଠିର ସଂଖ୍ୟା ଅତ୍ୟଧିକ ଥିଲା, ଯେହେତୁ ବେତିୟା ମହାରାଜାଙ୍କ ଅପୁତ୍ରିକ ଅବସ୍ଥାରେ ମୃତ୍ୟୁପରେ ତାହାଙ୍କ ରାଣୀ ଜମିଦାରୀର ଅଧିକାରିଣୀ ବୋଲି ଗୃହୀତ ହୋଇଥିଲେ ହେଁ ତାଙ୍କୁ ସ୍ଥାନାନ୍ତରରେ ରଖାହୋଇଥିଲା ଓ ସରକାରୀ ଜମିଦାରୀ ପରିଚାଳନା ଭାର ନିଜ ତତ୍ତ୍ୱାବଧାନରେ (Court of wards) ରଖି ଜଣେ ଗୋରା I.C.S. ଅଫିସରଙ୍କୁ ମ୍ୟାନେଜର୍ ପଦରେ ନିଯୁକ୍ତି କରିଥିଲେ। ନୀଳକୋଠିର ମାଲିକ ସମସ୍ତେ ଗୋରା। ଗୋରା ମେନେଜରଙ୍କଠାରୁ ନୀଳଚାଷ ସକାଶେ ସମସ୍ତ ପ୍ରକାର ସୁବିଧା ପ୍ରାପ୍ତି ଏହି ଗୋରା ବ୍ୟବସାୟୀମାନଙ୍କ ପକ୍ଷରେ କଷ୍ଟକର ହେଉନଥିଲା ।

ବିହାରରେ ଏହି ନୀଳଚାଷ ପ୍ରଜାମାନଙ୍କ ପକ୍ଷରେ ଅତ୍ୟନ୍ତ ପୀଡ଼ାଦାୟକ ହୋଇଥିଲା । ନୀଳ ବ୍ୟବସାୟୀ ଗୋରାମାନେ ଆସି ଭିନ୍ନ ଭିନ୍ନ ଅଞ୍ଚଳରେ ଜମିଦାର କିମ୍ବା ଜମିଦାରୀର ମେନେଜର୍‌ଙ୍କଠାରୁ ଗୋଟିଏ ଲେଖାଏଁ ଇଲାକା ପଟ୍ଟାଦ୍ୱାରା ନେଉଥିଲେ ଓ ସେହି ଇଲାକାରେ ରାଜସ୍ୱ ଆଦାୟ ଓ ପରିଚାଳନାର ଅନ୍ୟାନ୍ୟ ବିଭାଗର ଭାର ଗ୍ରହଣ କରି ମଧ୍ୟସ୍ୱତ୍ୱାଧିକାରୀର ଅଧିକାର ହାସଲ କରୁଥିଲେ । ସେହି ଇଲାକାର ଭୂମି ସମ୍ବନ୍ଧରେ ସେମାନଙ୍କ ପ୍ରଜାଙ୍କ ଉପରେ ସର୍ବେସର୍ବା ହେଉଥିଲେ ବୋଇଲେ ଚଳେ । ବହୁକାଳର ଦଖଲ ଫଳରେ ସେହିଠାରେ ନୀଳଚାଷ ସମ୍ବନ୍ଧରେ ଏକପ୍ରକାର ଅଲଂଘନୀୟ ଗୋଟିଏ ପ୍ରଥା ଜାରିକରି ରଖିଥିଲେ । ଏହି ପ୍ରଥାନୁସାରେ ପ୍ରତ୍ୟେକ ପ୍ରଜାକୁ ବିଘା ପ୍ରତି ତିନି ଚାରି କଠା ଭୂମିରେ (ଏକ କଠାକ ଚାରି ଡେସିମିଲ) କୋଠିର ମାଲିକ ସକାଶେ ନୀଳଚାଷ କରି ଦେବାକୁ ହୁଏ । ଏହି ପ୍ରଥା ତିନିକାଠିଆ ଚାରିକାଠିଆ ନାମରେ ଅଭିହିତ ହେଉଥିଲା। ପ୍ରଜାମାନେ ଏହି ଚାଷ କରିବାକୁ ବାଧ ହେଉଥିଲେ ଓ ନକଲେ ଅଦାଲତଦ୍ୱାରା ଦଣ୍ଡିତ ହେଉଥିଲେ। ଏଥିରେ ପ୍ରଜାଙ୍କୁ ସ୍ୱତନ୍ତ୍ର ପାରିଶ୍ରମିକ ମିଳୁନଥିଲା । ତେଣୁ ନୀଳଚାଷ କରିଦେବାପାଇଁ ପ୍ରଜାମାନେ କୁଣ୍ଠିତ ହେଉଥିଲେ। ବସ୍ତୁତଃ ନୀଳକୋଠିର ମାଲିକ ଓ ପ୍ରଜାଙ୍କ ମଧ୍ୟରେ କଳହ ଓ ଅଶାନ୍ତିର ଏହା ପ୍ରଧାନ କାରଣ ଥିଲା। ଏଥିଯୋଗୁଁ ପ୍ରଜାମାନଙ୍କ ଉପରେ ଅତ୍ୟନ୍ତ ଅତ୍ୟାଚାର ମଧ ହେଉଥିଲା। ବିଦେଶୀୟ ଶାସନ ବିଦେଶୀୟ ବ୍ୟବସାୟୀଙ୍କ ପ୍ରଧାନ ପୃଷ୍ଠପୋଷକ ହୋଇଥିବାରୁ ପ୍ରଜାମାନଙ୍କ ଅନ୍ତରତମ ପ୍ରଦେଶ ମଧ୍ୟରେ ଗୋରାଙ୍କ ବିରୁଦ୍ଧରେ ବିଦ୍ରୋହାଗ୍ନି ସର୍ବଦା ପ୍ରଚଣ୍ଡ ଭାବରେ ପ୍ରଜ୍ୱଳିତ ହୋଇ ରହୁଥିଲା । ମହାତ୍ମା ଗାନ୍ଧୀ ୧୯୧୪ ସାଲରେ ଦକ୍ଷିଣ ଆଫ୍ରିକାରୁ ଭାରତବର୍ଷକୁ ଫେରିଆସିବା ପରେ ଏହି ଅତ୍ୟାଚାର ପ୍ରତି ତାହାଙ୍କ ମନୋଯୋଗ ଆକୃଷ୍ଟ ହେଲା। ନିଜେ ଏହି ଅଞ୍ଚଳକୁ ଆସି ସେ ଏ ସମ୍ବନ୍ଧରେ ତଦନ୍ତ ଆରମ୍ଭ କରିଦେଲେ। ଇଉରୋପୀୟ ନୀଳକୋଠି ମାଲିକମାନଙ୍କ ଆର୍ତ୍ତନାଦରେ ବିହାର ତ୍ୟାଗକରି ଚାଲିଯିବା ସକାଶେ ତାଙ୍କ ପ୍ରତି ବିହାର ଓ ଓଡ଼ିଶାର ସରକାରଙ୍କ ହୁକୁମ ଜାରି ହେଲା। କିନ୍ତୁ ଏଥିରେ ସେ ନିଜ କର୍ତ୍ତବ୍ୟରୁ ବିଚଳିତ ନହୋଇ ସରକାରଙ୍କ ହୁକୁମ ଅମାନ୍ୟ କଲେ। ତାଙ୍କ ବିରୁଦ୍ଧରେ ଫୌଜଦାରୀ ଅଦାଲତରେ ମୋକଦ୍ଦମା ଦାଏର ହେଲା। ତଥାପି ସେ ଅବିଚଳିତ ଭାବରେ ନିଜ କର୍ତ୍ତବ୍ୟ ସମ୍ପାଦନରେ ବଦ୍ଧପରିକର ହୋଇ ରହିଲେ । କିନ୍ତୁ ବିହାର ଓ ଓଡ଼ିଶାର ତଦାନୀନ୍ତନ ଛୋଟଲାଟ୍ ସାର୍ ଏଡ଼ୱାର୍ଡ ଗେଟ୍ ଦମନ ନୀତି ପରିତ୍ୟାଗ କରି ଗୋଟିଏ ତଦନ୍ତ କମିଟି ବସାଇଲେ ଓ ତହିଁରେ ଅନ୍ୟ ସଭ୍ୟଙ୍କ ସହିତ ମହାତ୍ମା ଗାନ୍ଧୀ ଜଣେ ସଭ୍ୟ ହୋଇ ରହିଲେ । ତଦନ୍ତ ଉତ୍ତାରେ ସଭ୍ୟମାନଙ୍କ ରିପୋର୍ଟ ଉପରେ ଗୋଟିଏ ଆଇନ ପ୍ରଣୀତ ହେଲା ଓ ଏହି ଆଇନ୍ ବଳରେ ନୀଳଚାଷ ବିହାରରୁ ଏକାବେଳକେ ଉଠାଇ ଦିଆଗଲା । ଗୋରାମାନେ କୋଠି ଭାଙ୍ଗି ଚାଲିଗଲେ ।

ବଙ୍ଗକବି ଦୀନବନ୍ଧୁ ମିତ୍ରଙ୍କ 'ନୀଳଦର୍ପଣ'ରୁ ବଙ୍ଗ ପ୍ରଦେଶସ୍ଥ ନୀଳକୋଠି ସମୂହର ପ୍ରକୃତ ରୂପ ଦେଖିବାକୁ ମିଳେ ।

ବନ୍ଦୋବସ୍ତ କାର୍ଯ୍ୟରେ ଲୋକମାନଙ୍କ ଅବସ୍ଥା ସୂକ୍ଷ୍ମଭାବରେ ଅନୁସନ୍ଧାନ କରିବାକୁ ହୁଏ ଓ ଏଥିରେ ସେମାନଙ୍କ ଆର୍ଥିକ, ମାନସିକ ଓ ନୈତିକ ଅବସ୍ଥାର ପୂର୍ଣ୍ଣ ପରିଚୟ ମିଳେ। ବିହାର ଅଧିବାସୀଙ୍କ ମଧ୍ୟରେ ଆର୍ଥିକ ଅବସ୍ଥାରେ ବୈଷମ୍ୟ ଅତ୍ୟଧିକ ଲକ୍ଷିତ ହେଉଥିଲା। ଏକଗ୍ରାମରେ ଦଳେ ଅତ୍ୟନ୍ତ ଧନବାନ ଓ ଆଉ ଦଳେ ଅତ୍ୟନ୍ତ ଗରିବ । କୃଷିକାର୍ଯ୍ୟ ଶେଷକରି ମାଘ ଫାଲଗୁନ ମାସରେ ଏହି ଗରିବ ପ୍ରଜାମାନେ ବଙ୍ଗପ୍ରଦେଶ ପ୍ରଭୃତି ନାନା ସ୍ଥାନକୁ ଚାଲିଯାନ୍ତି ଓ କୁଲି ଓ ଅପର ଶାରୀରିକ କାର୍ଯ୍ୟକରି ଉପାର୍ଜିତ ଅର୍ଥସହ ଆଷାଢ଼ ମାସ ଆଡ଼କୁ ଫେରିଆସନ୍ତି। ବିଦେଶରେ ଏମାନଙ୍କ ବ୍ୟବସାୟ ଅତ୍ୟନ୍ତ ଲାଭଜନକ । କଲିକତାରୁ ପଶ୍ଚିମକୁ ଯାଇଥିବା ରେଳପଥର ପ୍ରାୟ ପ୍ରତ୍ୟେକ ଷ୍ଟେସନରେ କୁଲିମାନେ ବିହାର ପ୍ରଦେଶର। ଅନେକ ଗ୍ରାମରେ ମହାଜନଙ୍କ ଅତ୍ୟାଚାର କମ୍ ନଥାଏ। ଏହି ଗରିବ ପ୍ରଜାମାନଙ୍କୁ ଋଣଜାଲରେ ମହାଜନମାନେ ଆବଦ୍ଧ କରି ରଖାଥାନ୍ତି ଓ ସେମାନଙ୍କ ପ୍ରାୟ ସମସ୍ତ ଅର୍ଜିତ ଅର୍ଥ ତାଙ୍କ ପଦତଳରେ ସମର୍ପଣ କରାନ୍ତି। ଜମିର ଉର୍ବରତ୍ୱ ଅନୁପାତରେ ମହାଜନର ତତ୍ପ୍ରତି ଲୋଭ ବୃଦ୍ଧି ହେଉଥାଏ ଓ ପରିଶେଷରେ ସେ ଗରିବର ସମସ୍ତ ସମ୍ବଳ ଭୂମି ଗ୍ରାସକରେ । ଧନାର୍ଜ୍ଜନରେ ତୃଷ୍ଣାର ଅବସାନ ହୁଏନାହିଁ । ଧନ ଯେତେ ଅର୍ଜିତ ହେଉଥାଏ ଧନାର୍ଜ୍ଜନର ତୃଷ୍ଣା ତୀବ୍ରରୁ ତୀବ୍ରତର ହେଉଥାଏ । ବିହାର ବନ୍ଦୋବସ୍ତରେ ଏହା ମୁଁ ଅନୁଭବ କରୁଥିଲି । (କ୍ରମଶଃ)

## ପର୍ଦ୍ଦା ପଛର କଥା -୪

**ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୭୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।**


ଭାଗ-୮

### 'ଚକ୍ରବ୍ୟୁହ'ରୁ 'ଭାଇ ଭାଇ' (୧)

ଥରେ ଜଣେ ବଂଧୁ ମତେ କହିଲେ 'ସର୍ବାଧିକ ଚଳଚ୍ଚିତ୍ରରେ ସଂଳାପ ରଚନା କରି ତମେ ରେକର୍ଡ କରିଛ ।' ମୁଁ ହସିଲି, ଏକଥା ମୁଁ ନିଜେ ବି ଜାଣିନଥିଲି । ସାମ୍ବାଦିକ ବନ୍ଧୁ ଗୌରୀଶଙ୍କର ପଣ୍ଡା ମୁଁ ସମ୍ପୃକ୍ତ ଥିବା ଚଳଚ୍ଚିତ୍ରର ନାମ ସହ ମୁକ୍ତିଲାଭ ଦିବସର ବିସ୍ତୃତି ତାଲିକା କରି ମୋ ପାଖକୁ ପଠାଇ ଦେଲେ । ସେତେବେଳେ ମୁଁ ସଂପୃକ୍ତ ଥିବା ଚଳଚ୍ଚିତ୍ର ଗୁଡ଼ିକର ସଂଖ୍ୟା ଥିଲା ଷାଠିଏ (କେବଳ ସଂଳାପ ରଚନା) । ୨୦୧୯ ମସିହା ମାର୍ଚ୍ଚ ୧୩ ତାରିଖ ଥିଲା ମୋ ପାଇଁ ସ୍ମରଣୀୟ ଦିବସ । ସଂଯୋଗ ବଶତଃ ମୋର ବୟସ ଷାଠିଏ ହୋଇଥିଲା ଏବଂ ରାଜ୍ୟସ୍ତରୀୟ ପୁରସ୍କାର ପାଇଥିବା ସଂଖ୍ୟା ଥିଲା ଷାଠିଏ । ତେଣୁ କିଛି ପ୍ରଯୋଜକ ଓ ସାମ୍ବାଦିକ ବନ୍ଧୁ ଭୁବନେଶ୍ୱର ଜୟଦେବ ଭବନରେ "ରଜନୀରଂଜନ@ ୬୦" ନାମରେ ଏକ ଭବ୍ୟ ଉତ୍ସବର ଆୟୋଜନ କରିଥିଲେ । ସମ୍ମାନୀୟ ବିଜୟ ମିଶ୍ର ସମୁଦାୟ ଷାଠିଏଟି ଚଳଚ୍ଚିତ୍ରର ସ୍କ୍ରିପ୍ଟିଂ ସହ ସଂପୃକ୍ତ ଥିଲେ । ସେଭଳି ପ୍ରତିଭାଙ୍କ ସହ ତୁଳନୀୟ ହେବାର ଧୃଷ୍ଟତା ମୋର ନାହିଁ । ତେବେ ନିଜକୁ ପର୍ଯ୍ୟାଲୋଚନା କରିବାକୁ ସମୟ ମିଳିଯାଏ ।

ପ୍ରକୃତରେ ରେକର୍ଡ ଉଦ୍ଦେଶ୍ୟରେ ମୁଁ ଯାତ୍ରା ଆଗକୁ ବଢ଼ାଇନି । ଲେଖିବା ମୋର ପ୍ରବୃତ୍ତି । ମୁଁ କେବଳ ଲେଖିଚାଲେ । ସଫଳତା ବିଫଳତାରେ ମୋର ଆଦୌ ବିଶ୍ୱାସ ନାହିଁ । ଏଠି ସ୍ୱୀକାର କରିବାରେ ମୋର ଦ୍ୱିଧା ନାହିଁ ଯେ, ସଫଳତା ଅନେକ ପାଇଛି, ବିଫଳତା ବି ଢେର୍ । ତଥାପି ଭାଙ୍ଗି ପଡ଼ିନି । ସ୍ୱପ୍ନ ଦେଖିବା ମୋର ହକ୍ । ମୁଁ କେବଳ ଆଗକୁ ବଢ଼ିବାରେ ବିଶ୍ୱାସ ରଖେ ।

ଅନେକ ଚଳଚ୍ଚିତ୍ର ମୋ ଆଶାନୁରୂପକ ସଫଳତା ପାଇପାରିନି । ବହୁ ମୌଳିକ କାହାଣୀରେ ପରିଶ୍ରମ କରିଛି ହେଲେ ଦର୍ଶକମାନେ ତାକୁ ଗ୍ରହଣ କରି ପାରିନାହାନ୍ତି । 'ଜୟ ଜଗନ୍ନାଥ' ଚଳଚ୍ଚିତ୍ରର କଥା କୁହାଯାଇପାରେ । ସବ୍ୟସାଚୀ ମହାପାତ୍ର ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ସର୍ବଭାରତୀୟ ସ୍ତରରେ ୧୩ଟି ଭାଷାରେ ମୁକ୍ତିଲାଭ କରି ସର୍ବକାଳୀନ ରେକର୍ଡ କରିଥିଲା । କିନ୍ତୁ ଦୁର୍ଭାଗ୍ୟର ବିଷୟ ଓଡ଼ିଶାରେ ଏହି ଚଳଚ୍ଚିତ୍ର ଏକ ସପ୍ତାହ ମଧ ଚାଲିପାରିଲା ନାହିଁ । ଅଥଚ 'ଜୟ ଜଗନ୍ନାଥ'ର ସିଡିର ବିକ୍ରି ଥିଲା ଏଯାବତ୍ ସର୍ବାଧୀକ ।

ଅନେକ ଚଳଚ୍ଚିତ୍ର ମୁକ୍ତିଲାଭ କରିପାରିନି । ସୁଟିଂ ମଧ ଅଧାରୁ ବନ୍ଦ ହୋଇଯାଇଛି । ଅନେକ କେବଳ ସ୍କ୍ରିପ୍ଟିଂରେ ସୀମିତ ରହିଯାଇଛନ୍ତି । ଏସବୁରେ ମଧ ବହୁ ସୁଖଦ ଦୁଃଖଦ ଅନୁଭୂତି ଜଡ଼ିତ ।

ସେମିତି ଏକ ବିଫଳ ସ୍ମୃତି ବହନ କରେ ଚଳଚ୍ଚିତ୍ର "ଚକ୍ରବ୍ୟୁହ" । "ମୋ ଭାଇ ଜଗା" ଚଳଚ୍ଚିତ୍ରରେ ପରିଚୟ ହୁଏ କଳା ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ଦାଶଙ୍କ ସହ । ପ୍ରଦ୍ୟୁମ୍ନ ବାବୁ ତା ପୂର୍ବରୁ ଦୁଇଟି ଚଳଚ୍ଚିତ୍ରରେ କଳା ନିର୍ଦ୍ଦେଶନା ଦେଇସାରିଥାନ୍ତି । ନାୟକ ନିହାର ସାମଲଙ୍କୁ ସେ ପ୍ରମୋଟ୍ କରୁଥାନ୍ତି ।

"ମୋ ଭାଇ ଜଗା" ରିଲିଜ୍ ପୂର୍ବରୁ ପ୍ରଦ୍ୟୁମ୍ନ ବାବୁ ଏକ ଚଳଚ୍ଚିତ୍ର ନିର୍ମାଣର ପରିକଳ୍ପନା କଲେ । ନାମ ଦିଆଗଲା "ଚକ୍ରବ୍ୟୁହ" । ସମାଜର ପ୍ରଚଳିତ ବ୍ୟବସ୍ଥା ବିରୁଦ୍ଧରେ ଜଣେ ନିମ୍ନ ମଧ୍ୟବିତ୍ତ ପରିବାରର ପୁଅ କିପରି ଚକ୍ରବ୍ୟୁହ ମଧ୍ୟରେ ଫସି ଯାଉଛି, ତାହାରି ଉପରେ କାହାଣୀଟି ପର୍ଯ୍ୟବେସିତ । ନାୟକ ନିହାର ସାମଲଙ୍କ କିଛି ବନ୍ଧୁ ଆର୍ଥୀକ ସହାୟତା ଦେବା ପାଇଁ ପ୍ରଦ୍ୟୁମ୍ନ ବାବୁଙ୍କୁ ପ୍ରତିଶ୍ରୁତି ଦେଇଥାନ୍ତି । ସେତେବେଳେ ନିହାର ରହୁଥାନ୍ତି ରସୁଲଗଡ଼ ପାଖରେ । ତାଙ୍କରି ଘରେ 'ଚକ୍ରବ୍ୟୁହ'ର ସ୍କ୍ରିପ୍ଟିଂ ଚାଲିଲା । ପ୍ରଦ୍ୟୁମ୍ନ ବାବୁ ଯେହେତୁ ନିର୍ଦ୍ଦେଶକ କ୍ଷେତ୍ରରେ ନୂତନ, ତେଣୁ ଜଣେ ଅଭିଜ୍ଞ ନିର୍ଦ୍ଦେଶକ ଭାବରେ ଜ୍ୟୋତି ନାୟକଙ୍କ ସହ ଯୋଗାଯୋଗ କରାଗଲା । ଜ୍ୟୋତିବାବୁ ଶିଶିର ମିଶ୍ରଙ୍କ ସହ କାର୍ଯ୍ୟ କରିଥିଲେ ଓ ସେତେବେଳକୁ କେତୋଟି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇସାରିଥାନ୍ତି । ସେଭଳି ଜଣେ ଅଭିଜ୍ଞ ଟେକ୍ନିସିଆନ ଆମ ସାଥିରେ ଯୋଗ ଦେଇଥିବାରୁ ଆମ୍ଭେମାନେ ଉତ୍‌ଫୁଲ୍ଲିତ ଥାଉ । ନାୟିକା ଭାବରେ ଜଣେ ନବାଗତାଙ୍କୁ ଇଣ୍ଟ୍ରୋଡ୍ୟୁସ୍ କରିବାକୁ ସ୍ଥିର କରାଗଲା । ଅନ୍ୟାନ୍ୟ ଭୂମିକାରେ ବହୁ ପ୍ରତିଷ୍ଠିତ କଳାକାରଙ୍କୁ ଚୁକ୍ତିବଦ୍ଧ କରାଗଲା । ସଂଗୀତ ନିର୍ଦ୍ଦେଶନା ନିମେନ୍ତ ପ୍ରଦ୍ୟୁମ୍ନ ବାବୁ ସ୍ୱର୍ଗତ ସରୋଜ ନନ୍ଦଙ୍କ ନାମ ପ୍ରସ୍ତାବ ଦେଲେ । ସରୋଜ ନନ୍ଦ ସେତେବେଳେ ପ୍ରତିଷ୍ଠିତ ହୋଇନଥାନ୍ତି । କେବଳ "ଆକାଶର ଆଖି" ଚଳଚ୍ଚିତ୍ରର ସଂଗୀତ ନିର୍ଦ୍ଦେଶନା ଦେଇ କଟକ ଚାଲିଆସିଥାନ୍ତି ଓ କିଛି ଆଲବମ୍‌ରେ ଆରେଞ୍ଜର ଭାବରେ କାମ କରୁଥାନ୍ତି । ତତ୍କାଳୀନ କଟକର ସଂଗୀତ ଦୁନିଆର ଭିଡ଼ ଭିତରେ ସରୋଜ ନନ୍ଦ ନିଜର ସଂଘର୍ଷ ଜାରି ରଖିଥାନ୍ତି ।

ସରୋଜ ନନ୍ଦଙ୍କ ସ୍ୱର ସଂଯୋଜନାରେ ମ୍ୟୁଜିକ୍ ସିଟିଂ ଆରମ୍ଭ ହେଲା । ସମୁଦାୟ ଛଅଗୋଟି ଗୀତର ସିକ୍ୟୁଏନ୍ସ ବାହାରିଥିଲା । ଗୀତ ରଚନା ନିମନ୍ତେ ଶ୍ରୀକାନ୍ତ ଗୌତମ, ଅଜିତ୍ ଦାସ ମହାପାତ୍ର ଓ ମୋ ନାମକୁ ପ୍ରଦ୍ୟୁମ୍ନ ବାବୁ ସୁପାରିଶ କଲେ । ପ୍ରତ୍ୟେକଙ୍କ ଉପରେ ଦୁଇ ଦୁଇଟି ଗୀତ ଲେଖିବାର ଦାୟିତ୍ୱ ପଡ଼ିଲା । ଶ୍ରୀକାନ୍ତ ଗୌତମ ସେତେବେଳେ ଆଲବମ୍ ଜଗତରେ ପ୍ରତିଷ୍ଠିତ ଓ ପ୍ରକାରାନ୍ତରେ ସରୋଜ ନନ୍ଦଙ୍କ ସହ ବହୁ ଗୀତର ସ୍ୱର କରିଥାନ୍ତି । ଦୁଇଟି ଡୁଏଟ୍ ରଚନା କରିବାର ଭାର ତାଙ୍କୁ ଦିଆଗଲା ସରୋଜ ନନ୍ଦଙ୍କ କଥାନୁସାରେ । ଅଜିତ୍ ଦାସ ମହାପାତ୍ର ଥିଲେ ମୋଠୁ ଗୋଟେ ବର୍ଷ ସିନିୟର । ଜଣେ କବି ଓ ଗୀତିକବି ଭାବରେ ତାଙ୍କର ପରିଚିତି ଥିଲା । ପ୍ରଦ୍ୟୁମ୍ନ ବାବୁଙ୍କ ଭିଣୋଇ । ତା'ଛଡ଼ା ଓଡ଼ିଆ ଚଳଚ୍ଚିତ୍ର 'ଭୁଲି ହୁଏନା'ର ପ୍ରଯୋଜନା କରି ବେଶ୍ ଅଭିଜ୍ଞତା ସାଉଁଟି ଥିଲେ । 'ଭୁଲି ହୁଏନା' ଥିଲା ବିଜୟ ମହାନ୍ତିଙ୍କ ନିର୍ଦ୍ଦେଶନାରେ ପ୍ରଥମ ଓ ଶେଷ ଚଳଚ୍ଚିତ୍ର । ଅଜିତ୍ ଭାଇ 'ଚକ୍ରବ୍ୟୁହ'ର ସ୍କ୍ରିପ୍ଟିଂ ଓ ମ୍ୟୁଜିକ୍‌ରେ ବହୁ ସହାୟତା କରିଥିଲେ । ମୋ ପାଇଁ ଏକ ଡୁଏଟ୍ ସହ ଏକ ଥୀମ୍ ସଙ୍ଗର ସିକ୍ୟୁଏନ୍ସ ରହଲା । ସବୁ ଗୀତର ରଚନା ପରେ ଥୀମ୍ ସଙ୍ଗର ରଚନା ପାଇଁ ମୋର ଟେନ୍‌ସନ୍ ବଢ଼ିଗଲା । (କ୍ରମଶଃ)

## କବିତା..... ଆମ ସମୟର

### ।। ବୁଝି ମୁଁ ପାରୁନି ।।



ହଂସନାଥ ମୁଦୁଲି

ବୁଝି ମୁଁ ପାରୁନି
କାହିଁକି ସଭିଏଁ
ଦୋଷୀ ମଣୁଛନ୍ତି ମୋତେ
ମୁଁ ମରିଚୀକା
ସତ ନୁହେଁ ଜମା
ଆଲୋକ ଖେଳେ ମୋ ସାଥେ ।

ଆଲୋକର ଧାର ଭୂଇଁକୁ ତତାଇ
ତତାଏ ବାୟୁର ସ୍ତର
ତା' ଭିତର ଦେଇ ଆଲୋକ ଚାଲିଲେ
ଦେଖାଏ ଭେଳିକି ତାର
ପଥିକ ଆଖିରେ
ମାୟା ରୂପ ଜୁଟେ
ଜଳ ଦିଶିଯାଏ ଭ୍ରାନ୍ତେ ।

ଜୀବନ ଜୀଇବା ପାଇଁ ଜଳ ଲୋଡ଼ା
ଜଳ ବିନା ମନ ଘାରେ
ଜଳ ବୋଲି ଭାବି ମରିଚୀକା ପଛେ
ଖୁସିଲାଗେ ଧାଇଁବାରେ
ହାରିବା ମଣିଷ
ନାଆଁ ଧରି ମୋର
ଗାଳିଦିଏ ଅବିରତେ ।

+ ଖଣ୍ଡଗିରି, (ଡୁମୁଡୁମା-କ)
ଭୁବନେଶ୍ୱର-୭୫୧୦୩୦
(ମୋ) ୯୭୭୭୯୬୮୭୧୯

### ।। ମା' ବୁଢୀ ।।



ପୂର୍ଣ୍ଣଚନ୍ଦ୍ର ମହାରଣା

ଜେଜି ମା'
କଥା ପଦକରେ
ବୋଉ ଉପରେ
ଗରଗର !!

ଉଠିବା ଟିକିଏ ଡେରିହେଲେ
ବୁଢୀ ପୁରାଣ ପଢିବା ଥୟ !!

କେହି ନ ଉଠୁଣୁ ବୋଉ
ମୋର ଉଠେ
ବାସିକାମ ସାରିଦେଇ
ଜେଜି ମା' କୁ ପଚାରେ
ବୋଉ କଣ କରିବି !!

ବୁଢୀ ଗୋଡ଼ ଲମ୍ବେଇ
ପାନ ଚାକୁଳଉ ଥାଏ,
ପିକଦାନୀରେ ପଚ କରି
ଛେପଗାଳି ରୋଷେଇ
ବରାଦ ବତାଏ !!

ଆଲୋ କଣ ନାଇଁ ମୋର
ଯେ ପଚାରୁଛୁ !!

ଶଂଘାରେ ତ ଟଙ୍ଗା ହେଇଚି ପିତା ଶୁକୁଆ
ଝୋବାରେ ତ ଗୁଆଘିଅ, ଘୁମରେ
ଉସୁନା ଚାଉଳ
ଓଳିଆରେ ଖରୁଟିଆ ମୁଗ
ଠଣାରେ ତ ଘଣାପେଡା ଷୋରିଷ ତେଲ,
ଗୁହାଳ ଚାଳରେ
ନାଉ କଖାରୁ, ବାରିଆଡେ ତ
କଣ୍ଟେଇ ବାଇଗଣ, ଧାନୁଆ ଲଙ୍କା
ଶାଗ ପୋଇ
କଣ ନାଇଁ !!

ଆଲୋ ସେ ସାନ ଟୋକାଟା
ପାରୁସୁଆରେ ମୂତୁଚି ,
ତା ବୋପାକୁ କହିଲୁନି
ଗଣିଆ ମାଛ ଦିଟା ଆଣିଥାନ୍ତା !!

ଭାଜି କି ଖୋଇଦେଲେ ତ
ଥରେକେରେ ଥମ!!

କୋଉକଥା ବୁଝିବାର ନାହିଁ ଖାଲି ବୋପା
ହବାକୁ ହମହମ !!

+ ବାଳକାଟି, ଖୋର୍ଦ୍ଧା-୭୫୨୧୦୦
(ମୋ)୯୯୩୭୭୭୭୬୫୨

### ।। ଲୁହ ।।



ପ୍ରୀତିଲତା ପଣ୍ଡା

ତିନିଗାର ଡେଇଁଲି ବୋଲି
ଚଳେଇଲ ନିଆଁର ଧାସରେ
ବାଳୁତ ବଂଶୀଟେ ଶୁଣିଲି ବୋଲି
ଠିଆକଲ କୃଷ୍ଣର ଛାଇରେ
ସ୍ୱୟମ୍ବରା ହେଲି ବୋଲି ବାଣ୍ଟିଦେଲ
ପଂଚୁପାଣ୍ଡବରେ।

ମୁଁ କେବେ ଅହଲ୍ୟା ଶିଳା
ନଈ ମଝିର କୈବର୍ତ୍ତ୍ୟ କନ୍ୟା
ଦେବକୀର ଅବରୁଦ୍ଧ ବେଦନା
ମୋ ଆଖିରେ ତ
ଅନ୍ଧପଟି ବାନ୍ଧି ଥିଲା
ତମ ସମୃଦ୍ଧ ହସ୍ତିନା।

ମୋତେ ଇଚ୍ଛା ମାଳ ଧରାଇ ଦେଇ
ମୋ ସରାଗର ଅନ୍ଧାରୀ ବାଟରେ
ଆସି ପୁଣି ଫେରିଗଲ ଧର୍ମ ଦେବତା
ମାଟି ପାତ୍ରରେ ଭରା ନଈର ଜଳେ
ଭାସିଗଲା ମୋ କୁଆଁରୀ ଆକାଂକ୍ଷା ।

ତମ ମୋହନ ବଂଶୀର
ମୁଁ ଅଧାହଣା ବାଉଁଶର ଗଛ
ତମେ ନୀଳନାଡ
ମୁଁ ମଞ୍ଜି ପରି ଦୁଇଫାଳ ।

ତମ ଅବତାରୀ ଈଶ୍ୱରଙ୍କ ସବୁ କାଳ
ମୁଁ ରକ୍ତ ଜୁଡୁବୁଡୁ ଦ୍ୱାର ।
ଏବେ ତ ତମେ ବୁଝି ନେଇଛ
ମୁଁ କେବଳ ଗୋଟିଏ ଦେହ
ଅପେକ୍ଷା କର -
ନୂଆ ଅଭିଧାନ ଲେଖିବ
ନାରୀର ମାନେ ଲୁହ।

+ ଧରିତ୍ରୀ ନଗର, ଆରଡି ଛକ, ଭଦ୍ରକ
(ମୋ) ୯୦୪୦୫୮୮୬୬୦

### ।। ଦୃଶ୍ୟ ପରି ଦୃଷ୍ଟାନ୍ତ ।।



ନକୁଳ ଚନ୍ଦ୍ର ସାହୁ

ଏଇଟା କଦମ୍ବ ଫୁଲର ଋତୁ

ମେଘଟା ନୀଳଶାଢି
ତମେ ତାକୁ ସରସର ଆର୍ଦ୍ର କରିଦେଇଛ

କାହିଁକି
ତମକୁ କହିଛି କି କାମଦେବ ?

ଧାନପତ୍ରର ସବୁଜ ଓଠ
ଆଁ କରିଛି
ସୃଜନୀର ପଦ୍ମକୋଷ
ଅନନ୍ତ ସୁବାସରେ ଫୁଲି ଉଠିବ
ଅନାଦିକୁ ମଦନର ମୃଣାଳ ବାନ୍ଧି ରଖିବ !!

+ ଶବ୍ଦ ଘର, ଗୋଡିସାହି, କଟକ
(ମୋ) ୯୪୩୭୭୪୦୨୬୪

### ।। ତଥାପି ଜୀବନ ।।

ବୃନ୍ଦାବନ ଦାସ



ଉଜୁଡା କ୍ଷେତରେ ଲହଡି ଭାଙ୍ଗୁଛି ଭଙ୍ଗା ସପନର ଢେଉ
କ୍ଷେତ ଦାଢେ ବସି ଲୁହ କେ ଢାଳୁଛି, ସହି ନିୟତିର ଦାଉ ।

କିଏ ସିଏ ଆଉ ମାଟିର ମଣିଷ ମାଟି ସଂଗେ ମାଟି ହୋଇ
ରକତ ନିଗାଡି ନିତିନିତି ଯୁଝେ ପେଟ ଚାଖଣ୍ଡକ ପାଇଁ
ପୂରୁ କି ନପୂରୁ ନିଜ ପେଟ ତା'ର, ପୂରାଏ ଜଗତ ପେଟ
ମାଟିରୁ ଫଳେଇ ସୁନାର ଫସଲ ପେଟ ଲାଗି କରେ ନାଟ ।

ଟୁପୁର ଟାପୁର ବରଷା ବିନ୍ଦୁରେ ଝଲୁଥିଲା କେତେ କଢ଼ି
ନୀଳ ପଣତରେ ସଜେଇ ନିଜକୁ, ହସୁଥିଲା କ୍ଷେତବାଡ଼ି ।

କିଏ ଜାଣିଥିଲା ସେଇ ବରଷା ଯେ କ୍ଷଣକେ ହୋଇବ କାଳ
ବଢ଼ି ସାଜି ଘାଇ ସୁଅରେ ଦଂଶିବ ଜୀବନକୁ ମାଳ ମାଳ
ଆଖି ଖୋଲି ଦେଖ ଜନପଦ ଅବା କେଦାରମାଳାରେ ରହି
କେମିତି ଲୋଟୁଛି ଶ୍ରମ ଲୁହଲହୁ ଅସହିଣୀ ଦୁଃଖ ସହି ।

ଏସନ ଆତଙ୍କ କରୋନା ସାଙ୍ଗକୁ ଏ ନିଷ୍ଠୁର ନଈବଢ଼ି
ତଥାପି ମଣିଷ ଅଣ୍ଟା ସଳଖୁଛି ଚାଲିବ ଆଗକୁ ମାଡ଼ି ।

+ ଅଧ୍ୟାପକ,
ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ,
ଡେରାବିଶ
କେନ୍ଦ୍ରାପଡ଼ା-୭୫୪୨୮୯
(ମୋ) ୯୭୭୭୮୪୩୦୩୧

# ପୃଥିବୀ ଓ ମଣିଷଜାତି


ନମିତା ପାଇକରାୟ




ମଣିଷ ତା' ନିଜକୁ ଖୁବ୍ ଚତୁର ମନେ କରେ । ସେ ବିଜ୍ଞାନର ଦ୍ୱାହି ଦେଇ ପ୍ରକୃତିରୁ ଉର୍ଦ୍ଧ୍ୱକୁ ଯିବାକୁ ଚେଷ୍ଟା କରେ । ସବୁବେଳେ ଯେ ବିଜ୍ଞାନକୁ ନିୟୋଜିତ କରି ମଣିଷ ଶ୍ରେଷ୍ଠ ଆସନରେ ବସିବ ପ୍ରକୃତିକୁ ମାତ୍ ଦେଇ, ସେମିତି କେବେ ହୋଇ ପାରିବନି । ମଣିଷ କ'ଣ ବିଜ୍ଞାନ ମାଧ୍ୟମରେ ଜାଣିପାରିଲା କି ଆଗରୁ କରୋନା ଭୂତାଣୁର ଆଗମନ ? କରିପାରିଲା ସମୟ ପୂର୍ବରୁ ପ୍ରତିକାରର ବ୍ୟବସ୍ଥା ?

୨୦୧୯ ନଭେମ୍ବରରେ ଚୀନରେ ଯେତେବେଳେ କରୋନା ମହାମାରୀ ବ୍ୟାପିଲା, ସେତେବେଳେ ଆମ ଦେଶ ଭାରତର ମଣିଷମାନେ ଭାବୁଥିଲେ, ହିମାଳୟ ସେପଟେ ଗୋଟେ ଛୋଟିଆ ଅଦୃଶ୍ୟ ଭୂତାଣୁ ଡେଉଁଛି । ସିଏ ହିମାଳୟ ଡେଇଁ ଆସିଲା ବେଳକୁ ଯୁଗ ବିତି ଯାଇଥିବ । କେତେ ହାସ୍ୟସ୍ପଦ କଥା ।

ବ୍ରହ୍ମାଣ୍ଡ ପୁରାଣରେ ବର୍ଣ୍ଣିତ ପ୍ରକୃତି ତା' ନିଜକୁ ନିଜେ ସୁରକ୍ଷା, ସ୍ୱଚ୍ଛ, ସନ୍ତୁଳନ ରଖେ । ପଶୁ ପକ୍ଷୀ, ବିଭିନ୍ନ ପ୍ରାଣୀ, ମନୁଷ୍ୟ, କୀଟ ପତଙ୍ଗ ସମସ୍ତଙ୍କର ଏ ପୃଥିବୀ ଉପରେ ଅଧିକାର ଅଛି । ଯେତେବେଳେ ମନୁଷ୍ୟ ତା'ର ନିଜ ଆହାର ପାଇଁ ହେଉ କିମ୍ବା ଅନ୍ୟ କିଛି ପାଇଁ ଏ ମାନଙ୍କ ହତ୍ୟା କରି କେବଳ ନିଜ ମନୁଷ୍ୟ ଜାତିର ବଂଶବିସ୍ତାର କରିଥାଏ, ସେତେବେଳେ ଏମିତି ମହାମାରୀ ଆସିଥାଏ । ଗାଈଗୋରୁଙ୍କ ସଂଖ୍ୟା କମିଲେ ମଣିଷଙ୍କ ଉପରେ ନିଶ୍ଚୟ ବିପତ୍ତି ଆସିଥାଏ । ସେଇଥିପାଇଁ ଗାଁ ମାନଙ୍କରେ, ସମସ୍ତଙ୍କ ଘରର ସମ୍ମୁଖ ଭାଗରେ ଗୁହାଳ ଥାଏ । ଗାଈ ଗୋରୁ ମଣିଷଙ୍କୁ ବିଭିନ୍ନ ପ୍ରକାର ଭୂତାଣୁରୁ ରକ୍ଷା କରିଥାନ୍ତି ।

ବର୍ତ୍ତମାନ ଗାଁମାନଙ୍କରେ ଗାଈ ଗୋରୁ ଦେଖିବାକୁ ମିଳୁନି । ଟ୍ରାକ୍ଟରରେ ଚାଷ କରିବା ଦ୍ୱାରା ଷଣ୍ଢ ସଂଖ୍ୟା ବଢ଼ି ଚାଲିଛି । ସହର ସାରା ମାଳ ମାଳ ଷଣ୍ଢ ବୁଲୁଛନ୍ତି । ବେଳେବେଳେ ବିଭିନ୍ନ ଦୁର୍ଘଟଣା ଷଣ୍ଢମାନଙ୍କ ପାଇଁ ମଧ୍ୟ ହୋଇଥାଏ । ଚାଷୀ ନିଜ ହାତ ବାରିସୀ ବଳଦଙ୍କୁ ନଷ୍ଟ କରି ଟ୍ରାକ୍ଟରରେ ଚାଷ କରିବାକୁ ସୁବିଧା ମଣୁଛି । କିନ୍ତୁ ଗରିବ ଚାଷୀ ହଇରାଣ ହେଉଛି ଏଇ ଟ୍ରାକ୍ଟର ପାଇଁ । କାରଣ ପାଗଯୋଗ ଦେଖି ଚାଷ କରିବାକୁ ହୁଏ, ଠିକ୍ ସମୟରେ ଟ୍ରାକ୍ଟର ନ ମିଳିଲେ ଫସଲ ଉତ୍ପାଦନ ଠିକ୍ ଭାବେ ହୋଇ ପାରେନି । ଚାଷୀ ଗରିବରୁ ଆହୁରି ଗରିବ ହେଉଛି ।

ଗୋଟେ ସାମାନ୍ୟ ଅଦୃଶ୍ୟ ଭୂତାଣୁ ସାରା ବିଶ୍ୱକୁ କବଳିତ କରି ରଖିଛି । କରୋନା ରୋଗୀଙ୍କୁ ସାରା ବିଶ୍ୱରେ ଯେଉଁପରି ବ୍ୟବହାର କରାଗଲା, ଏହା ବିଲ୍‌କୁଲ ଗ୍ରହଣ ଯୋଗ୍ୟ ନୁହେଁ । ସେଇଥି ପାଇଁ ସମଗ୍ର ବିଶ୍ୱର ମଣିଷମାନେ ଭୟଭୀତ ହୋଇ ପଡିଛନ୍ତି । ମଣିଷ ଜାତି ବିଲୁପ୍ତ ହେବା ପୂର୍ବରୁ ତାକୁ ବଞ୍ଚାଇ ରଖିବା, ପ୍ରତି ମଣିଷର ଧର୍ମ ।

ସରକାର କରୋନା ପାଇଁ ଯେଉଁସବୁ ନୀତି ପ୍ରବର୍ତ୍ତନ କରିଛନ୍ତି, ସେଥିରେ କେମିତି ବିରୋଧାତ୍ମକ ନୀତିକୁ ମଣିଷ ଭେଟୁଛି । ସଙ୍ଗରୋଧ ପାଇଁ ଲକ୍‌ଡାଉନ ସଟ୍‌ଡାଉନ ନୀତି ଅବଲମ୍ବନ କରିଛନ୍ତି, ସମସ୍ତେ ଘର ଭିତରେ ଅଛନ୍ତି । କିନ୍ତୁ ସରକାରୀ ଡାକ୍ତରଖାନାରେ ଟିକା ନେବା ପାଇଁ ପୋକମାଛି ପରି ଭିଡ଼ ଜମାଉଛନ୍ତି । କରୋନା ମୁକ୍ତ ହେବା ପାଇଁ ଏ ବ୍ୟବସ୍ଥା ନା ଘରକୁ କରୋନାକୁ ନିମନ୍ତ୍ରଣ କରିବାକୁ ମଣିଷମାନେ ଭିଡ଼ ଲଗାଇଛନ୍ତି । ପ୍ରତ୍ୟେକ ଦେଶରେ ପ୍ରତ୍ୟେକ ମଣିଷ ଟିକା ପାଇବା ଉଚିତ୍ । ସାଧାରଣ ଜନତାଙ୍କୁ ଅନଲାଇନ ବୁକିଂ ବା ଟୋକନ ପଇଠ କରିବା ସବୁ ବିଭିନ୍ନ ଆଳରେ ଅଯଥା ଛନ୍ଦି ଦେଇ ଡାକ୍ତରଖାନା ଗୁଡ଼ିକ ସବୁ ଯାତ୍ରା ପଡ଼ିଆରେ ରୂପାନ୍ତରିତ ହେଉଛି, ଏଥିରେ କ'ଣ ମହାମାରୀକୁ ରୋକା ଯାଇ ପାରିବ ?

ଏ ପୃଥିବୀ ଈଶ୍ୱରଙ୍କ ଦୁର୍ଲଭ ସୃଷ୍ଟି । ଆମେ ସମସ୍ତେ ଯାତ୍ରୀ । କିଛି ସମୟ ଏ ସୁନ୍ଦର ପୃଥିବୀକୁ ଉପଭୋଗ କରିବା ପାଇଁ ଆମେ ମଣିଷ ଜନ୍ମ ପାଇଛେ । ପୁନଶ୍ଚ କେତେ କେତେ ପୂଣ୍ୟର ଫଳ ଏ ଅମୂଲ୍ୟ ମଣିଷ ଜନ୍ମ । ଆମ ସମଗ୍ର ଜୀବନଧାରଣ କରିବା ପାଇଁ ଯାହା ଆମ ପାଇଁ ଲୋଡ଼ା ଈଶ୍ୱର ସେ ସବୁ ଖଞ୍ଜି ଦେଇଛନ୍ତି । ଆମେ ସେ ସବୁକୁ ବିନା ମୂଲ୍ୟରେ ବ୍ୟବହାର କରି ପୁଣି ଆମ ଉତ୍ତରପିଢି ପାଇଁ ସୁରକ୍ଷିତ ରଖିଯିବା ଆମ ଦାୟିତ୍ୱ । କିନ୍ତୁ ଆମେ କରୁଚେ କଣ ? ମଣିଷ ଯେତେ ଚେଷ୍ଟା କଲେ ବି ମାଟି, ପାଣି, ପବନ, ଅଗ୍ନି, କେବେହେଲେ ତିଆରି କରି ପାରିବନି । ତେଣୁ ଏସବୁକୁ ଅଯଥା ପରିଚୟ କରିବା ଅର୍ଥ ମୃତ୍ୟୁକୁ ପାଖକୁ ଡାକିବା ।

ସମୟ ଥାଉ ଥାଉ ସଜାଗ ହୋଇ ସତର୍କ ରହିବା ଆମର କର୍ତ୍ତବ୍ୟ । ଗୁଡ଼ାଏ ଅଯଥା କଳ କାରଖାନାକୁ ବନ୍ଦ କରିଦେବା ଉଚିତ, କୃଷିକୁ ଉତ୍କୃଷ୍ଟ କରିବା ଉଚିତ, ଶିଶୁ ଶୈଶବ ଅବସ୍ଥାରୁ ମାଟି ସହ ଜଡ଼ିତ ହୋଇ ରହିବା ଦରକାର । ଅନେକ ପ୍ରକାର ଫଳ ଫୁଲର ବୃକ୍ଷ ଲୋପ ପାଉଛି ତାକୁ ପୁନଃ ରୋପଣ ଏବଂ ସଂରକ୍ଷଣର ଆବଶ୍ୟକତା ଲୋଡ଼ା । ଅନେକ ପ୍ରକାର ପ୍ରାଣୀ, କୀଟପତଙ୍ଗ ବିଲୁପ୍ତ ପ୍ରାୟ । ସେମାନଙ୍କର ପୁନଃରୁଦ୍ଧାରର ଆବଶ୍ୟକତା ରହିଛି । ଏ ସୃଷ୍ଟିରେ ସୃଷ୍ଟି ହୋଇଥିବା ପ୍ରତ୍ୟେକ ଜୀବନ ଗୁରୁତ୍ୱପୂର୍ଣ୍ଣ ।

ମଣିଷ ଜାତିର କୌଣସି ଅଧିକାର ନାହିଁ ପୃଥିବୀକୁ ନଷ୍ଟ କରିବା ପାଇଁ । ସେ ଯଦି ଶିଘ୍ର ଏ କଥା ନ ବୁଝେ ତାକୁ ପୃଥିବୀ ନଷ୍ଟ କରିଦେବ । ମଣିଷ ଜାତିର ଭିଟାମାଟି ହେଉଛି ପୃଥିବୀ। ମଣିଷ ଯେତେ ଉଚ୍ଚକୁ ଗଲେ ବି ଯଦି ତା'ର ଭିଟାମାଟି ସୁରକ୍ଷିତ ନାହିଁ ତା' ହେଲେ ତା'ର କୌଣସି ପରିଚୟ ନାହିଁ । ଏବେ ସମୟ ଆସିଛି ଆସ ମଣିଷ ଜାତି ଆମ ଭିଟାମାଟିକୁ ପୃଥିବୀକୁ ସ୍ୱଚ୍ଛ ସୁରକ୍ଷିତ ରଖିବା ପ୍ରକୃତିକୁ ନିରୀକ୍ଷଣ କରିବା କେମିତି ଈଶ୍ୱର ଚିତ୍ର ଆଙ୍କୁଛନ୍ତି ପ୍ରତି ମୁହୂର୍ତ୍ତରେ ।


+ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ-୧, ନିଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧, (ମୋ) ୯୮୬୧୩୮୫୦୪୬


## ଧାରାବାହିକ ଉପନ୍ୟାସ

# ନାତି




ଡ. ରତିକାନ୍ତ ବେହେରା

କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ)୯୪୩୯୪୪୨୯୪୨




ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ । - ଲେଖକ

ଭାଗ-୩୪

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଭବେଶ ତଳକୁ ଆସିଲା ଶୁଭଦା ପାଖରୁ କ୍ଷୀର ନେବାପାଇଁ । ସେଇଠୁ ଡାକ୍ତର ପଟ୍ଟନାୟକଙ୍କୁ ଫୋନ୍ ଲଗେଇଲା ଶୁଭକାନ୍ତ । ଠିକ୍ ସମାନ କଥା ବି କହିଲେ ଡାକ୍ତର ପଟ୍ଟନାୟକ ।

ଦୁଇ ମିନିଟ୍‌ରେ ନାଜାଲ୍ ଫିଡ଼ିଂ ହୋଇଗଲା ପିଲାର । ପୂର୍ବରୁ ନାକବାଟେ ଏକ ସରୁ ପାଇପ୍ ଭିତରକୁ ଦିଆଯାଇଥିଲା । କ୍ଷୀରକୁ ଇଂଜେକ୍‌ସନ୍ ସିରିଞ୍ଜରେ ପୂରେଇ ଭିତରକୁ ଛାଡ଼ି ଦିଆଗଲା ।

ଦୀନନାଥ ଆଉ କଳ୍ପଲତା ନିଜ ଦୃଷ୍ଟିକୋଣରୁ କଥାଟିକୁ ହିଁ ବିଚାର କରୁଥିଲେ । ସେମାନଙ୍କର ଭାବନା ଥିଲା ଶୁଭଦା ଗଲାପରେ ଦିନେ ଦୁଇ ଦିନ କଟକରେ ରହିବ । ରହଣୀ ସମୟରେ ନାତି ତା' ପାଖରୁ ସିଧାସଳଖ କ୍ଷୀର ଖାଇପାରିବ । ତାପରେ ସେମାନେ ଲେଉଟି ଆସିବେ । ଅଥଚ ଏବେ ଦୁଇଦିନ କେବଳ ନାଜାଲ୍ ଫିଡ଼ିଂ ହେବ ! ଏହା ଏକ ଅଯଥା ଏବଂ ଇଚ୍ଛାକୃତ ବିଳମ୍ବ ବୋଲି ସେମାନଙ୍କର ଧାରଣା ହେଲା । ପୁଣି ଦୀର୍ଘଦିନ ପରେ ପୁଅ ଆସିଥିଲା ଓଡ଼ିଶା, ଭଉଣୀକୁ ନେଇ ସେ ନର୍ସିଂହୋମ୍‌ରୁ ଫେରି ଆସିଥିଲେ, ଅନ୍ତତଃ ଦୁଇଦିନ ବାପାମା'ଙ୍କ ପାଖରେ କଟେଇ ପୁଅ ଯାଇଥାନ୍ତା ଚେନ୍ନାଇ । ସବୁ କେମିତି ଭଣ୍ଡୁର ହୋଇଗଲା ।

ସଂଧ୍ୟା ପାଞ୍ଚଟା ବେଳକୁ ଡା. ପଟ୍ଟନାୟକ ବାବୁଙ୍କ ସହିତ କଥା ହେଲା ଶୁଭକାନ୍ତ । କହିଲା -

"ଅପରେସନ୍ ହେବାର ଆଜି ସାତଦିନ ହୋଇଗଲାଣି । ଶୁଭଦା ସଂପୂର୍ଣ୍ଣ ଏବେ ସୁସ୍ଥ ହେଲାଣି । ଏଣୁ ଅଚିରେ ଉପରକୁ, ପୁଅ ପାଖକୁ ଯାଇପାରିବ ଏବଂ ତାକୁ ସିଧାସଳଖ କ୍ଷୀର ଖୁଆଇ ପାରିବ । ବୋଧହୁଏ ଏଥିରେ ଅସୁବିଧା କିଛି ହେବନାହିଁ ?"

ଡା. ପଟ୍ଟନାୟକ ଦଣ୍ଡେ ଚାହିଁଲେ ଡା. ଶୁଭକାନ୍ତଙ୍କୁ । ସେ କିଛି ଭୁଲ କହୁ ନାହାନ୍ତି । ହେଲେ ମେଡ଼ିକାଲ୍ ସାଇନସ୍ ସେଇଆ କହୁନାହିଁ । ଅନ୍ତତଃ ଦୁଇଦିନ ନାଜାଲ୍ ଫିଡ଼ିଂ ହେବା କଥା । ସିଧା ସଳଖ କ୍ଷୀର ଖାଇଲେ ଅବଶ୍ୟ ପିଲା ତୁରନ୍ତ ଠିକ୍‌ଠାକ୍ ହୋଇଯିବ । କିନ୍ତୁ ପିଲା ଉପରେ ଆଉ ଦୁଇ ତିନୋଟି ପରୀକ୍ଷା କରାଯିବା ଉଚିତ୍ । କହିଲେ -

"ପିଲାର ଆଉ ଦୁଇ ତିନୋଟି ଟେଷ୍ଟ୍ ବାକି ଅଛି । ମା' ପାଖରୁ କ୍ଷୀର ଶୋଷି ଖାଇଲେ, ପିଲାର ବ୍ରେନ୍ ଓ ତହିଁରେ ଥିବା ସ୍ନାୟୁ ଘୋର ପ୍ରଭାବିତ ହୋଇ ପାରନ୍ତି । ତେଣୁ ମୁଁ ଲେଖିଦେଉଛି, ଆସନ୍ତାକାଲି ସକାଳେ ଏମ.ଆର୍.ଆଇ କରିବାକୁ । ଏଥିପାଇଁ ଅବଶ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ । ଆମ ପାଖରେ ଏମ୍.ଆର୍.ଆଇ. ଟେଷ୍ଟ୍ ହୋଇ ପାରିବ । ତାପରେ ଆଉ ଦୁଇଟି ପରୀକ୍ଷା ହେବ । କ'ଣ ହେବ, ମୁଁ ପରେ ଜଣେଇବି ।"

ଏପରି କଥାରେ ଶୁଭକାନ୍ତର ଆଉ ପାଟି ଫିଟେଇବାର ଯୁ' ନଥିଲା । ତେଣୁ ସ୍ଥିର ହୋଇ ଚାଲିଆସିଲା ।

ପାଖରେ ଭବେଶ ଛିଡ଼ା ହୋଇ ଡାକ୍ତର ଏବଂ ଶୁଭଭାଇଙ୍କ କଥା ଶୁଣୁଥିଲେ । କହିଲେ-

"ଗୋଟିଏ ଦିନରେ ସବୁ ପରୀକ୍ଷା କରିବାର କ'ଣ ଅସୁବିଧା ଅଛି ? ଆପଣଚାହିଁଲେ ଗୋଟିଏ ଦିନରେ ହୋଇପାରନ୍ତା !"

"ନା । ଦୃଢ଼ ଭାବରେ କହିଲେ ଡା.ପଟ୍ଟନାୟକ । ଆପଣମାନେ ଏବେ ନୂଆ କରି ଡାକ୍ତର ହୋଇଛନ୍ତି। ପେଡ଼ିଆଟ୍ରିକ୍ ଚିକିତ୍ସା ପଦ୍ଧତି ସଂପୂର୍ଣ୍ଣ ଭିନ୍ନ । ଜଣେ ବୟସ୍କ ଲୋକ ଯେଉଁ ପ୍ରଣାଳୀରେ ଚିକିତ୍ସିତ ହୁଏ, ଗୋଟେ ନବଜାତକ ଶିଶୁକୁ ସେହି ପଦ୍ଧତିରେ ଚିକିତ୍ସା କରାଯାଏନି । ଆଜି ବା କାଲି ସକାଳେ ଏମ୍.ଆର୍.ଆଇ. ପାଇଁ ଆବଶ୍ୟକୀୟ ଫିସ୍ ଡିପୋଜିଟ୍ କରି ଦିଅନ୍ତୁ ।"

ଏଥର ଉଭୟେ ବାହାରକୁ ଆସିଲେ, ଶୁଭକାନ୍ତ ଆଉ ଭବେଶ । କାଉଣ୍ଟରରେ ସାତ ହଜାର ଟଂକା ଡିପୋଜିଟ୍ କରି ଦିଆଗଲା । କାଲି ସକାଳେ ଏମ୍.ଆର୍.ଆଇ. କରାଯିବ ।

ସଂଧ୍ୟାରେ ଦୀନନାଥ ଫୋନ୍ ଲଗେଇଲେ ଶୁଭକାନ୍ତକୁ । ଶୁଭକାନ୍ତ କହିଲା -

"ନାଇଁ ବାପା ! ତା'ର ଏବେ ଦୁଇଦିନ ନାଜାଲ ଫିଡ଼ିଂ ଚାଲିବ । ଡାକ୍ତର ବାରଣ କରିଛନ୍ତି ସେ ସିଧା ସଳଖ ମା' ପାଖରୁ କ୍ଷୀର ଟାଣି ଖାଇ ପାରିବ ନାହିଁ । ସେଥିପାଇଁ କାଲି ସକାଳେ ଏମ୍.ଆର୍.ଆଇ. ଟେଷ୍ଟ୍ କରାଯିବ । ତେଣୁ ଏବେ ଟଂକା ଡିପୋଜିଟ୍ କରିଦିଆ ଯାଇଛି ।"

ଦୀନନାଥ ବିରକ୍ତ ହେଲେ । କହିଲେ - "ଯେତେ ସବୁ ପେଖେନା ଏଇ ଡାକ୍ତରଙ୍କ ପାଖରେ । ଏ ପରୀକ୍ଷା ହେବ, ସେ ପରୀକ୍ଷା ହେବ । ମୁଁ ତ କହିଲି ପିଲା ଠିକ୍ ଠାକ୍ ଅଛି । ତାକୁ ନେଇ ତା' ମା' ପାଖରେ ଛାଡ଼ି ଦିଆଯାଉ । ଆଉସବୁ କଥା ଠିକ୍ ହୋଇଯିବ ।"

ଦୀନନାଥଙ୍କ ବିରକ୍ତିରେ ଅନୁରୂପ ପ୍ରତିକ୍ରିୟା ପ୍ରକାଶ କଲା ଶୁଭକାନ୍ତ । କହିଲା -

"କାହାର କହିବା ନ କହିବା ଉପରେ ଚିକିତ୍ସା ପଦ୍ଧତି ପରିଚାଳିତ ନୁହେଁ ବାପା ! ଏଥିପାଇଁ ନିର୍ଦ୍ଦିଷ୍ଟ ଜ୍ଞାନ, ବିଦ୍ୟା ଏବଂ ପରୀକ୍ଷା ନିରୀକ୍ଷାର ଆବଶ୍ୟକତା ରହିଛି । ଏଣୁ ଆପଣ ଏ ସଂପର୍କରେ କିଛି ମନ୍ତବ୍ୟ କରିବା ଅନୁଚିତ ହେବ ।"

ପରଦିନ ନିର୍ଦ୍ଦିଷ୍ଟ ସମୟରେ ନାତିର ଏମ୍.ଆର୍.ଆଇ. ଟେଷ୍ଟ କରାଗଲା । ଅଧଘଣ୍ଟାଏ ପରେ ରିପୋର୍ଟ ପହଞ୍ଚିଲା ୱାର୍ଡ଼ରେ । ଶୁଭକାନ୍ତ ଭଲକରି ତାକୁ ଦେଖିଲା ।

ବ୍ରେନ୍ ସାଇଜ୍ ଏଣ୍ଡ ସେପ୍ - ନର୍ମାଲ ।

ଫଙ୍କସନ୍ ଅଫ୍ ନର୍ଭ୍‌ସ୍ - ନର୍ମାଲ୍ ।

ସ୍ପାଇନାଲ୍ - ନର୍ମାଲ୍ ।

ପିଚୁଟାରୀ - ନର୍ମାଲ୍ ଏଣ୍ଡ୍ ୱେଲ୍ ଫଙ୍କସନିଂ ।

ପିନିଏଲ୍ - ନର୍ମାଲ୍ ଏଣ୍ଡ୍ ୱେଲ୍ ଫଙ୍କସନିଂ ।

ସବୁ ଠିକ୍ ଅଛି । ଆନନ୍ଦରେ ଅଧୀର ହୋଇ ପଡ଼ିଲେ ଭବେଶ । ଶୁଭକାନ୍ତ ବି ଖୁସି ହେଲେ ମନେ ମନେ, ଅପରାହ୍ନରେ ପଟ୍ଟନାୟକ ସାର୍‌ଙ୍କ ସହିତ କଥା ହେବାପାଇଁ ଅପେକ୍ଷା କଲେ । ଭବେଶ ଶୁଭଦାକୁ ଏ ଶୁଭ ଖବର ଜଣେଇ ଦେଲା ।

ସଂଧ୍ୟାରେ ଡା. ପଟ୍ଟନାୟକ ଅନୁମତି ପ୍ରଦାନ କଲେ ଏବେଠାରୁ ପ୍ରତି ତିନିଘଣ୍ଟା ଅନ୍ତରରେ ଶୁଭଦା ଉପରକୁ ଯାଇ ପିଲାକୁ କ୍ଷୀର ଦେଇ ଆସିବ ଏବଂ ନର୍ସକୁ ପିଲାର ନାକରୁ ଫିଡ଼ିଂ ପାଇପ୍ ବାହାର କରି ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଲେ ।

ସଂଧ୍ୟା ଉତ୍ତାରେ ସାତଟା ବେଳେ ଶୁଭଦା ଗଲା ପୁଅ ପାଖକୁ । ସାଂଗରେ ଭାଗ୍ୟବତୀ ଦେବୀ ବି ଗଲେ । ଭେଣ୍ଟିଲେଟ୍‌ରରୁ ବାହାର କରି ନର୍ସ ଆଣି ପୁଅକୁ ଦେଲା ଶୁଭଦା କୋଳରେ । ଗୋଟେ ଅପୂର୍ବ ପୁଲକରେ ଶିରହିତ ହେଉଁ ହେଉଁ ଶୁଭଦା ନର୍ସ ହାତରୁ ପୁଅକୁ ନେଲା ନିଜ କୋଳକୁ । ଆନନ୍ଦାତିଶଯ୍ୟାରେ ଦଣ୍ଡେ ନିଜ ଛାତିରେ ପୁଅକୁ ଜଡ଼େଇ ଧରିଲା ସେ । ଆଖିକୋଣରେ ଜକେଇ ଆସିଲା ଲୁହ । ଅନୁରୂପ ଭାଗ୍ୟବତୀ ଦେବୀଙ୍କ ଆଖିରୁ ଧାରଧାର ଲୁହ ଗଡ଼ି ପଡ଼ିଲା। ଆନନ୍ଦରେ ବିଭୋର ହୋଇ ପଡ଼ିଥିଲେ ଶାଶୁ ବୋହୂ ପିଲାକୁ ଦେଖି । ଆଖିକୁ ସେତେବେଳେ ଆଉ କିଛି ଦୃଶ୍ୟ ହେଉ ନଥିଲା ଶୁଭଦାର, ଆଖ ପାଖରେ କିଏ କିଏ ସବୁ ଯିବା ଆସିବା କରୁଛନ୍ତି ! ସମଗ୍ର ପୃଥିବୀ ଦିଶୁଥିଲା ଶୁଭଦାକୁ ପୁଅମୟ ।

ନର୍ସ ଜଣକ ଛିଡ଼ା ହୋଇ ଏ ଅଭାବିତ ଅପୂର୍ବ ମିଳନର ଦୃଶ୍ୟ ଦେଖୁ ଦେଖୁ ନିଜେ ବି ବିଭୋର ହୋଇ ପଡ଼ିଥିଲେ । କେତେ ସମୟ ପରେ କେଜାଣି, କହିଲେ -

"ଦିଦି ! ପୁଅକୁ ଏବେ କ୍ଷୀର ଦିଅନ୍ତୁ ।"

॥ ୧୮ ॥

ଏବେ ନାତିକୁ ନେଇ ସେମିତି କୌଣସି ଜଟିଳତା ଆଉ ନଥିଲା । ଦୀନନାଥଙ୍କ ଭିତରେ ଥିବା ଶେଷତମ ଆଶଂକାଟି ଦୂର ହୋଇଗଲା । ସେ ଶୁଣିଥିଲେ କିମ୍ବା ତାଙ୍କର ଏମିତି ଏକ ପୂର୍ବ ଧାରଣା ଥିଲା ଯେ, ଜନ୍ମବେଳେ ପିଲା ମା' ପାଖରୁ କ୍ଷୀର ଖାଇ ନଥିଲେ, ପରେ ଆଉ ଖାଏନା ଏବଂ ସେହି ସବୁକ୍ଷେତ୍ରରେ ପିଲାକୁ ବୋତଲ କ୍ଷୀର ଉପରେ ନିର୍ଭର କରିବାକୁ ହୁଏ । କିନ୍ତୁ ନା, ନାତି ଏବେ ମା' ପାଖରୁ ଆଠଦିନ ବ୍ୟବଧାନ ପରେ ବି ଧୀରେ ଧୀରେ କ୍ଷୀର ଖାଇବା ଅଭ୍ୟାସ କରି ନେଉଛି ।

ଏମ୍.ଆର୍.ଆଇ. ଟେଷ୍ଟ ପରେ ଶୁଭକାନ୍ତ ନିଶ୍ଚିତ ହୋଇଯାଇଥିଲା ଯେ, ଭଣଜାର ଆଉ ଭବିଷ୍ୟତରେ ଅର୍ଟିଷ୍ଟିକ୍‌ଜନିତ ସମସ୍ୟା ରହିବ ନାହିଁ । ଜନ୍ମବେଳେ ନ କାନ୍ଦିଥିବା ସମସ୍ତ ପିଲା ଅର୍ଟିଷ୍ଟିକ୍ ନୁହନ୍ତି, ଏମିତି ଏକ ସତ୍ୟରେ ସେ ଉପନୀତ ହେଲା । ଡାକ୍ତରୀ ବିଦ୍ୟା ତ ଅଭ୍ୟାସ ଆଉ ଅଭିଜ୍ଞତା ଉପରେ ନିର୍ଭରଶୀଳ ! ଭଣଜାର ଅର୍ଟିଷ୍ଟିକ୍ ସ୍ୱଭାବକୁ ନେଇ ସାରାଜୀବନ ଭଉଣୀ ଭିଣୋଇ ଯେଉଁ ଦୁଃଖ କଷ୍ଟର ସମ୍ମୁଖୀନ ହୋଇଥାନ୍ତେ ବୋଲି ଆଶଂକା କରୁଥିଲା, ତାହା ଅଚିରେ ଏମ୍.ଆର.ଆଇ. ଟେଷ୍ଟ୍ ପରେ ଦୂର ହୋଇଗଲା । ଏବେ ତା' ଭିତରଟା ବେଶ୍ ମେଘମୁକ୍ତ ଆକାଶ ପରି ସଫା ଦିଶିଲା ।

କିନ୍ତୁ ପୁଅକୁ ନେଇ ଭବେଶ କିଛି ଆଶଂକାରେ ଆନ୍ଦୋଳିତ ହେଉଥିଲା । "ତୁମ ପୁଅର କିଛି ହୋଇନାହିଁ, ସେ ଶତ ପ୍ରତିଶତ ଠିକ୍ ଅଛି" - ଦୀନନାଥଙ୍କର ଏ ଦୃଢ଼ ବଚନକୁ ସେ ଆଦୌ ବିଶ୍ୱାସକୁ ନେଇ ପାରୁ ନଥିଲା । ଶ୍ୱଶୁରଙ୍କର ଏ ଦୃଢ଼ୋକ୍ତି କେବଳ ତା' ପାଇଁ ଏକ ମିଛ ଆଶ୍ୱସନା ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ଭାବୁଥିଲା । ବରଂ ସେ ଡାକ୍ତର ନୀଳମାଧବଙ୍କ କଥାକୁ ଅଧିକ ଗୁରୁତ୍ୱ ଦେଉଥିଲା । "ପିଲାର କନ୍‌ଭଲ୍‌ସନ୍ ବା ମୂର୍ଚ୍ଛା ହେବାଟା ତା' ପାଇଁ ଆଦୌ ଶୁଭଙ୍କର ନୁହେଁ ଏବଂ ଭବିଷ୍ୟତରେ ତାହା ଗୁରୁତର କୌଣସି ସମସ୍ୟା ସୃଷ୍ଟି କରିପାରେ !" ଏ କଥାକୁ ନେଇ ସେ ବେଶୀ ଆନ୍ଦୋଳିତ ହେଉଥିଲା । କେବଳ ଏସ୍.ଏନ୍.ସି.ୟୁ. ନୁହେଁ, କଟକ ଆସିବା ବାଟରେ ନିଜ କୋଳରେ ଥାଇ କାନ୍ଦୁ କାନ୍ଦୁ ହଠାତ୍ ନୀରବ ହୋଇଯିବା ଘଟଣା ତା' ମନରୁ ଏ ପର୍ଯ୍ୟନ୍ତ ଲିଭୁ ନଥିଲା । ଏଥିପାଇଁ ସେ ଅଦୌ ଶଂକାମୁକ୍ତ ହୋଇ ପାରୁ ନଥିଲା ।

ଅନ୍ୟମାନଙ୍କର ଆଶା ଆଶଂକା ସହିତ ଶୁଭଦାର କୌଣସି ସଂପର୍କ କିମ୍ବା ସମ୍ବନ୍ଧ ଥିବାପରି ମନେ ହେଉ ନଥିଲା । ବରଂ ତା' ମନ ଭିତରେ ଥିବା ଦୁଃଖ, ବିଷାଦ ଓ ଅନୁଶୋଚନା ଧୀରେ ଧୀରେ ଅପସରି ଯାଇ ସ୍ୱାଭାବିକ ହେଉଥିଲା । ପୁଅ ସ୍ୱଚ୍ଛନ୍ଦରେ କ୍ଷୀର ଖାଇ ପାରୁଛି । ତେଣୁ ପୁଅକୁ ନେଇ ତା' ଭିତରେ କିଛି ଆଶଂକା ଅଟକି ଯାଇନାହିଁ । କିନ୍ତୁ ଗୋଟିଏ କଥା ସେ ବୁଝିପାରୁ ନ ଥିଲା, ତା' କ୍ଷେତ୍ରରେ ଏତେ ସବୁ ବ୍ୟତିକ୍ରମ ହେଲା କାହିଁକି; ଯାହା ଆଦୌ ହେବାର ହିଁ ନଥିଲା ! ଗର୍ଭଧାରଣଠାରୁ ବେଶ୍ କିଛି ଯତ୍ନଶୀଳତା ଓ ଡାକ୍ତରୀ ପରୀକ୍ଷା ନିରୀକ୍ଷା ଭିତରେ ଥାଇ ଯଦି ଏଇଆ ହୁଏ, ତା'ହେଲେ ବିପଦମୁକ୍ତ ଓ ସମସ୍ୟାବିହୀନ ମାତୃତ୍ୱ ପାଇଁ କେଉଁ ଏଥିକ୍‌ସ୍ ଯଥାଯୋଗ୍ୟ ହୋଇପାରନ୍ତା ! ଏଣୁ ତା' ନିଜର ଏହି ଅସୁବିଧା ପାଇଁ ସେ କୌଣସି ହେତୁ ଖୋଜି ପାଉ ନଥିଲା ।

ଭାଗ୍ୟବତୀ ଦେବୀ ସଂପୂର୍ଣ୍ଣ ରୂପେ ଏଥିପାଇଁ ନିଜର ଭାଗ୍ୟ ଏବଂ ଭଗବାନଙ୍କୁ ହିଁ ବେଶି ଦାୟୀ କରୁଥିଲେ । ଏବେ ନାତିର ଧୀରେ ଧୀରେ ସ୍ୱାଭାବିକ ଅବସ୍ଥାକୁ ଲକ୍ଷ୍ୟ କରି ଶଂକାମୁକ୍ତ ଏବଂ ବିପଦ ଟଳିଗଲା ବୋଲି ଆଶ୍ୱସ୍ତ ହେଉଥିଲେ । "ଭାଗ୍ୟ ତ ଆମପାଇଁ ବାମ ହେଲା, ନ ହେଲେ ଏ ବାରହୀନସ୍ତା ହେବାକୁ ପଡ଼ି ନଥାନ୍ତା !" - ଏମିତି ଏକ ସିଦ୍ଧାନ୍ତରେ ସେ ଅଟଳ ଥିଲେ ।

କଳ୍ପଲତା ଏ ପର୍ଯ୍ୟନ୍ତ ସମସ୍ତ ଅଘଟଣ ପାଇଁ ଦୀନନାଥଙ୍କୁ ହିଁ ଦାୟୀ କରି ଆସୁଥିଲେ । ନର୍ସିଂହୋମ୍‌ରେ ଶୁଭଦା କଥାକୁ ଉତ୍ତମ ଭାବେ ପରିଚାଳନା କରିପାରି ନଥିବାରୁ ଏପରି ଘଟିଲା ବୋଲି କହୁଥିଲେ । କିନ୍ତୁ ଶୁଭଦାକୁ ସେ ପିଲାବେଳେ ବାହାରକୁ ଛାଡୁ ନ ଥିବା, କୌଣସି କାମ କରିବାକୁ ଦେଉ ନଥିବା, ଘରେ ବସି ପାଠପଢ଼ିବା ଓ ଟି.ଭି. ଦେଖିବା ଭିତରେ ସମୟ ଅତିବାହିତ କରିବା ଯାହା ଭବିଷ୍ୟତରେ ତା'ର ପରିଶ୍ରମହୀନତାର କାରଣ ରୂପେ ଛିଡ଼ା ହୋଇ ଏପରି ହେଲା ବୋଲି ଆଦୌ କହୁ ନଥିଲେ । (କ୍ରମଶଃ)

# ଯୌତୁକର ଭୂତ

## ଅଣୁ ଗଳ୍ପ


ରଶ୍ମିରଞ୍ଜନ ପୃଷ୍ଟି




ସୀତାପୁର ନାମକ ଗ୍ରାମରେ ଗୋବିନ୍ଦ ଦାସ ନାମରେ ଜଣେ ସାଧାରଣ ଗୃହସ୍ଥ ଥିଲେ । ତାଙ୍କର ସୁଭାଷିନୀ ନାମକ ଝିଅଟିଏ ଥାଏ । ସେ ତାଙ୍କର ଏକମାତ୍ର ସନ୍ତାନ ।

କ୍ରମେ ସେ ସୁଭାଷିନୀର ବିବାହ ବୟସ ହେଲା । ଏଣୁ ଗୋବିନ୍ଦ ଦାସ ତା'ପାଇଁ ବର ଖୋଜିବାକୁ ଲାଗିଲେ । କିନ୍ତୁ ଯେଉଁଠି ପ୍ରସ୍ତାବ ପଡୁଥାଏ ସେମାନେ ନଗଦ ତିନିହଜାର ଟଙ୍କା ଯୌତୁକ ଦେବାକୁ ଦାବୀ କରନ୍ତି । ବିଚରା ଗୋବିନ୍ଦ ଦାସ ବିବାହ ଖର୍ଚ୍ଚ ନିମନ୍ତେ ଏତେ ଟଙ୍କା କେଉଁଠୁ ଆଣିବ ଭାବି ବାଧ୍ୟ ହୋଇ ପ୍ରସ୍ତାବ ଗୁଡିକ ଛାଡି ଚାଲିଆସେ ।

ଥରେ ସହରରୁ ଗୋବିନ୍ଦ ଦାସଙ୍କ ବାଲ୍ୟବନ୍ଧୁ ସୁଦର୍ଶନ ଆସିଥା'ନ୍ତି । ତାଙ୍କୁ ଗୋବିନ୍ଦ ଦାସ ସବୁକଥା କହିଲେ । ସୁଦର୍ଶନ ତ ସହରରେ ବ୍ୟବସାୟ କରି ବେଶ୍ କିଛି ରୋଜଗାର କରନ୍ତି ।

ସବୁକଥା ଶୁଣି ସୁଦର୍ଶନ କହିଲେ, "ଗୋଟିଏ ପରେ ଗୋଟିଏ ପ୍ରସ୍ତାବ ଟଙ୍କା ଯୋଗୁଁ ବନ୍ଦ କଲେ ଶେଷରେ ଫଳ ଖରାପ ହେବ । ଏବେ ତମେ ଗୋଟିଏ ଭଲ ବରପିଲାଟିଏ ଦେଖି ବାଛି ନିଅ । ମୁଁ ତ ମୋର ବ୍ୟବସାୟରୁ ନିଶ୍ଚୟ ପାଞ୍ଚ ଛ ହଜାର ଟଙ୍କା ଦେବି ।"

ତାଙ୍କ କଥାରେ ଗୋବିନ୍ଦ ଦାସଙ୍କ ମନ ଖୁବ୍ ଉତଫୁଲ୍ଲ ହୋଇ ଉଠିଲା । ସେ ପରଦିନଠାରୁ ବର ଖୋଜିବାରେ ଲାଗି ପଡିଲେ । ନିକଟସ୍ଥ ଏକ ଗ୍ରାମରେ ଯୋଗ୍ୟ ପିଲାଟିଏ ମିଳିଲା । ବରର ବାପ ମା ବାହାଘର ସକାଶେ ନଗଦ ତିନିହଜାର ଟଙ୍କା ଯୌତୁକ ଆକାରରେ ମାଗିଲେ । ସବୁକଥା ତୁଟିଯିବା ପରେ ବିବାହ ତାରିଖ ଧାର୍ଯ୍ୟ ହେଲା । ଗୋବିନ୍ଦ ଦାସ ଜିନିଷପତ୍ର କିଣିବାକୁ ସହରକୁ ଗଲେ । ସେଠାରେ ସେ ତାଙ୍କ ବନ୍ଧୁ ସୁଦର୍ଶନଙ୍କ ଘରେ ରହିଲେ । ସେ ବନ୍ଧୁଙ୍କୁ ତାଙ୍କ ପ୍ରତିଶୃତି କଥା ମନେ ପକାଇ ଦେଲେ ।

ତାଙ୍କ କଥା ଶୁଣି ସୁଦର୍ଶନ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ କହିଲେ ପାଞ୍ଚ ଛ ହଜାର ଟଙ୍କା କଥା ତାଙ୍କର ଆଦୌ ମନେ ନାହିଁ । ଏବେ କିଛିଦିନ ହେବ ତାଙ୍କ ବ୍ୟବସାୟରେ ବହୁତ ଲୋକସାନ ହୋଇଥିବାରୁ ସେ ହଜାରେ ଟଙ୍କା ମଧ୍ୟ ଦେଇ ପାରିବେ ନାହିଁ ।

ସୁଦର୍ଶନଙ୍କ କଥା ଶୁଣି ଗୋବିନ୍ଦ ଦାସଙ୍କ ମଥାରେ ଯେପରି ଶତ ବଜ୍ରପାତ ହେଲା । ସେ ଚୁପ୍‌ଚାପ୍ ଗ୍ରାମକୁ ଫେରି ଆସିଲେ ।

ଗୋବିନ୍ଦ ଦାସ ମହା ଚିନ୍ତାରେ ପଡିଲେ । ଏବେ ତାଙ୍କ ଆଗରେ ଗୋଟିଏ ମାତ୍ର ଉପାୟ ଥିଲା; ତାହା ହେଉଛି ଶୀଘ୍ର ଯାଇ ସମୁଧିଙ୍କୁ କହି ବିବାହ ତାରିଖ ଘୁଂଚେଇ ଦେବା । ଏଇକଥା ଭାବି ଉପରବେଳା ସେ ଦିନେ ତାଙ୍କ ସମୁଧିଙ୍କ ଗ୍ରାମକୁ ଗଲେ । ଯାଉ ଯାଉ ବାଟରେ ହଠାତ୍ ସଂଧ୍ୟା ହୋଇଗଲା । ସେତେବେଳେ ସେ ଗୋଟିଏ ଜଙ୍ଗଲ ରାସ୍ତାରେ ଏକା ଯାଉଥା'ନ୍ତି । ବେଶି ରାତି ହେବା ଭୟରେ ଶୀଘ୍ର ଶୀଘ୍ର ସେ ଚାଲିଥା'ନ୍ତି ।

ମଧ୍ୟେ ମଧ୍ୟେ ସେ ରାସ୍ତାରେ ଲୋକ ଓ ଗାଡି ସବୁ ଯିବା ଆସିବା କରୁଥାଏ; ତେଣୁ ତାଙ୍କର କାହାପ୍ରତି କୌଣସି ଭୟ ମୋଟେ ନଥାଏ । ମଝି ଜଙ୍ଗଲରେ ଗୋଟିଏ ଗଛ ତଳେ ଯିବାବେଳେ ସେ କିଛି ଗୋଟେ ଶବ୍ଦ ଶୁଣି ମୁଣ୍ଡ ଟେକି ଗଛ ଉପରକୁ ଚାହିଁଲେ । ଦେଖିଲେ ଏକ ବିକଟାଳ ମୂର୍ତ୍ତି ସେ ଗଛ ଉପରେ ବସିଛି । ସେ ଗୋବିନ୍ଦ ଦାସ ଆଗକୁ ଡେଇଁ ପଡି ତାଙ୍କୁ ପଚାରିଲା, "ଏପରି ସମୟରେ ଏକେଲା ଯିବାକୁ ତତେ କ'ଣ ଟିକିଏ ବି ଡର ମାଡୁନାହିଁ ?"

ସ୍ୱଭାବତଃ ଗୋବିନ୍ଦ ଦାସ ଭାରି ସାହସୀ ଥିଲେ। ତେଣୁ ସେ ଆଦୌ ଡରିଲେ ନାହିଁ ଓ ବୁଝିଗଲେ ଯେ ତାଙ୍କ ଆଗରେ ଏକ ପିଶାଚ ଠିଆ ହୋଇଛି । ଡରୁଆମାନଙ୍କୁ ପିଶାଚମାନେ ବେଶି ହଇରାଣ କରନ୍ତି । ତେଣୁ ଗୋବିନ୍ଦ ଦାସ ପିଶାଚ ଆଡକୁ କଟମଟ କରି ଅନାଇ କହିଲେ, "କାହିଁକି ଡରିବି ? ଏବେ ମୋର ପାଖ ଗାଁରେ ଗୋଟିଏ କାମ ଅଛି, ମୁଁ ସେଠାକୁ ଯାଉଛି ।"

ପିଶାଚ କହିଲା "କି କାମ କହ । ତେବେ ଯାଇ ମୁଁ ତତେ ରାସ୍ତା ଛାଡିବି ।"

"ମୋ କାମ କଥା କେତେ ଲୋକଙ୍କୁ କହି କହି ଥକି ଗଲିଣି । କେବଳ ତମକୁ ଶୁଣାଇବାକୁ ଯାହା ବାକି ଅଛି !" ଏକଥା କହି ଗୋବିନ୍ଦ ଦାସ ସେ ପିଶାଚକୁ ତା' ଜୀବନରେ ଘଟିଯାଇଥିବା ସମସ୍ତ ଘଟଣା ଶୁଣାଇ ସାରି କହିଲା, "ମୁଁ ବୁଝିପାରୁ ନାହିଁ ମୋ ଝିଅର ଏ ଜନ୍ମରେ ବିବାହ ଯୋଗ ଅଛି ନା ନାହିଁ ।"

ପିଶାଚ କହିଲା "ନାହିଁ କାହିଁକି ? ତୁମେ ତ ସମୟ ଧାର୍ଯ୍ୟ କରିଦେଇଛ । ଆଉ ପୁଣି ସମୟ ବଦଳାଇବାକୁ ଯାଅ ନାହିଁ । ଯୌତୁକ ବାବଦକୁ ମୁଁ ତୁମକୁ ସେ ତିନିହଜାର ଟଙ୍କା ଦେଉଛି ।" ସେ ଏତିକି କହି ଗୋବିନ୍ଦ ଦାସଙ୍କ ଆଖି ଆଗରେ ତୁରନ୍ତ ସେହି ଗଛ ଉପରକୁ ଉଠିଯାଇ ତିନିହଜାର ଟଙ୍କାର ଏକ ପୋଟଳୀ ସହିତ ସେଠୁ ଫେରି ଆସିଲା । ତା'ପରେ ସେ କହିଲା, "ନିଅ, ଏଥିରେ ତିନିହଜାର ଟଙ୍କା ଅଛି । ଯାଇ ଝିଅର ବିବାହ ଶୀଘ୍ର କରିଦିଅ।"

ଏପରି ଭାବରେ ତାଙ୍କ ସମାସ୍ୟାର ସମାଧାନ ହେବ ବୋଲି ସେ ଗୋବିନ୍ଦ ଦାସ କେବେ ବି କଳ୍ପନା ମଧ୍ୟ କରି ନଥିଲେ । ସେ ପିଶାଚକୁ କୃତଜ୍ଞତା ଜଣାଇ ଟଙ୍କା ଥଳି ଧରି ସେଠାରୁ ଫେରିଲେ । ଧାର୍ଯ୍ୟ ହୋଇଥିବା ତାରିଖରେ ବିବାହ ଭଲରେ ଭଲରେ ହୋଇଗଲା । ବିବାହର ଦୁଇଦିନ ପରେ ବରର ମା' ବାପ ତାଙ୍କ ପୁଅ ବୋହୁଙ୍କୁ ଧରି ଗାଡିରେ ସେଇ ରାସ୍ତାରେ ଫେରୁଥା'ନ୍ତି । ଯେତେବେଳେ ସେମାନଙ୍କ ଗାଡି ଜଙ୍ଗଲର ସେଇ ଗଛ ପାଖରେ ଯାଇ ପହଁଚିଲା, ପିଶାଚ ସେ ଗାଡି ଆଗକୁ କୁଦିପଡି କହିଲା, "ଆରେ ପିଶାଚ, ମୁଁ ତତେ ମାରି ଖାଇଯିବି।"

ପିଶାଚକୁ ଦେଖି ସେ ଗାଡିରେ ଥିବା ଲୋକେ ଭୟରେ ଥରି ଉଠିଲେ । ବରର ବାପା ଥରି ଥରି କହିଲା, "ଆମେ ମନୁଷ୍ୟ, ପିଶାଚ ନୋହୁଁ । ପୁତ୍ରର ବିବାହ ପରେ ଆମେ ଏକାଠି ଗାଁକୁ ଫେରୁଛୁ । ଆମ ପାଖରେ ଭଲ ମିଠାଇ ଅଛି । ତୁମର କ'ଣ ଦରକାର କୁହ, ତାହା ଦିଆଯିବ ।"

"ଗାଡି ଭିତରେ ଅର୍ଥ-ପିଶାଚ ଥିବାର ମୁଁ ସଫା ସଫା ଦେଖି ପାରୁଛି । ତାକୁ ମୁଁ ଖାଇଯିବି ।" ଏହା କହି ସେ ପିଶାଚ ଆହୁରି ନିକଟକୁ ଆସିଲା ।

ବରର ମା' କହିଲେ "ଏ ତ ପିଶାଚ ନୁହେଁ, ଆମ ବୋହୂ । ବୋହୂ ତୁ ଆମର ଟିକିଏ ମୁହଁ ଦେଖାଇ ଦେ ତ !"

ଏକଥା ଶୁଣି ପିଶାଚ ଅଟ୍ଟହାସ କରି କହିଲା, "ମୁଁ ତୁମ ସ୍ୱାମୀଙ୍କ ପାଖରେ ଲୁଚିଥିବା ଯୌତୁକର ପିଶାଚକୁ ଠିକ୍ ଦେଖି ପାରୁଛି । ତାକୁ ମୁଁ ଆଜି ଖାଇବି ।"

ବରର ବାପା କହିଲେ, "ଏଇ ଟଙ୍କା କଥା କହୁଛ ? ଏଇଟା ତ ମୋର ସମୁଧି ତାଙ୍କ ଜ୍ୱାଇଁଙ୍କୁ ଯୌତୁକ ରୂପେ ଦେଇଛନ୍ତି । ଭଲ କରି ଦେଖିନିଅ ।"

ପିଶାଚ ଧନପୂର୍ଣ୍ଣ ଥଳୀକୁ ଥରେ ସ୍ପର୍ଶ କରି ଘୃଣାପୂର୍ଣ୍ଣ ସ୍ୱରରେ କହିଲା, "ତମେ ସବୁ ବିବାହର ମଙ୍ଗଳମୟ କାର୍ଯ୍ୟରେ ଯୌତୁକରୂପୀ ପିଶାଚର ନାମ କାହିଁକି ନିଅ ? ଏହି ଧନପିଶାଚ ପାଇଁ କେତେକ ଲୋକ ପିଶାଚଠାରୁ ମଧ୍ୟ ଅତି ଖରାପ ବ୍ୟବହାର କରନ୍ତି ।" ଏତିକି କହି ଥଳିଟି ଧରି ସେ ଗଛ ଉପରକୁ ଚଢିଗଲା ।

ଏକଥା ଦେଖି ସୁଭାଷିନୀ ତା'ର ଶାଶୁଙ୍କୁ କହିଲା, "ଆପଣମାନେ କହିଥିଲେ ଯୌତୁକ ଟଙ୍କା ଆଗରେ ନ ରଖିଲେ ବାହାଘର କେବେବି ହେବ ନାହିଁ । ମାତ୍ର ଏବେ ସେ ଧନ ତ ପିଶାଚ ନେଲା । ଅଧୁନା ମୋର ଗତି କ'ଣ ହେବ ?"

"ସୁଭାଷିନୀର ଶାଶୁ ତା'ର ହାତକୁ ଧରି ପକାଇ କହିଲେ, "ସୁଭାଷିନୀ, ସେଇ ପିଶାଚ ଯୌତୁକରୂପୀ ପିଶାଚକୁ ନେଇ ଯାଇଛି । ତୁ କିନ୍ତୁ ଆମର ମୋଟେ ଚିନ୍ତା କରନା । ମୁଁ ତୋ ପାଇଁ ତିନିହଜାର ଟଙ୍କାର ଗହଣା ବନାଇ ଦେବି। ତୋ ବାପାଙ୍କୁ ଡାକି ଯୌତୁକ ଦାବି କରିଛି ବୋଲି ମୁଁ କ୍ଷମା ପ୍ରାର୍ଥନା ବି କରିବି ।"

ଏକଥା ଶୁଣି ସୁଭାଷିନୀର ଦେହରେ ଟିକେ ପ୍ରାଣ ପଶିଲା । କାହିଁକିନା ସେ ତ ପ୍ରଥମେ ଭାବୁଥିଲା ଏପରି ଭାବରେ ଟଙ୍କା ଗଲେ ହୁଏତ ତା' ଶାଶୁ ଶ୍ୱଶୁର ତା' ସହିତ ଖରାପ ବ୍ୟବହାର କରିବେ । ଏବେ ଚିନ୍ତାର କିଛି କାରଣ ନଥିଲା । ସମସ୍ତେ କିଛି ଶବ୍ଦ ଶୁଣି ଉପରକୁ ଚାହିଁ ଦେଖିଲେ ଟଙ୍କା ଥଳୀ ଧରି ଗଛଡାଳରେ ପିଶାଚ ବସିଛି ଓ ମନ ଖୁସିରେ ତାଳି ମାରୁଛି ।


+ କନିଷ୍ଠ ଅଧ୍ୟାପକ, ସ୍ୱତନ୍ତ୍ର ବି.ଏଡ୍ କଲେଜ, କୋଦଳା

(ମୋ) ୯୯୩୭୪୪୨୩୦୬

## ଚିନ୍ତା ଅନୁଚିନ୍ତା (୧୫)

# ଜନନୀ ଜନ୍ମଭୂମି ରାଷ୍ଟ୍ର ରୂପିଣୀ ଦେବୀ



କବି ଓ ପ୍ରାବନ୍ଧିକ **କାଳୀପଦ ପଣ୍ଡା** ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଏହା ପୂର୍ବରୁ ଶ୍ରୀ ପଣ୍ଡାଙ୍କର ଚିନ୍ତା ଚତୁରଙ୍ଗ, ଚିନ୍ତା ତରଙ୍ଗ, ଚିନ୍ତା ଚେତନା ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ ନୂତନ ସ୍ତମ୍ଭ 'ଚିନ୍ତା ଅନୁଚିନ୍ତା'ରେ ଆପଣ ଭେଟିବେ ଲେଖକଙ୍କ ମାନସମନ୍ଥନକୁ ଗୋଟେ ନିଆରା ଢଙ୍ଗରେ ।

ସୂନାରୁଇ, ବି.କଟିସାହି, ସିଂଲା , ବାଲିଆପାଳ, ବାଲେଶ୍ୱର
(ମୋ) ୯୪୩୭୦୮୯୨୪୧/ ୮୯୧୭୨୫୫୪୯୩

**ଶ୍ରୀ ଅରବିନ୍ଦ, ବଙ୍କିମ୍‌ଚନ୍ଦ୍ର, ନେତାଜୀ ସୁଭାଷ, ବାଲଗଙ୍ଗାଧର ତିଳକ, ଲାଲାଲଜପତରାୟ, ଗାନ୍ଧିଜୀ, ଭଗବତ ସିଂହ ପରି କେତେକେତେ ବୀରସନ୍ତାନ ଭାରତ ଜନନୀର ମହିମାଗାନରେ ଜୀବନକୁ ସମର୍ପି ଦେଇଛନ୍ତି । ଭାରତବର୍ଷର ଜ୍ଞାନଗାରିମାର ପଟାନ୍ତର ନାହିଁ ।**

ଦେବୀସୂକ୍ତ ଅନୁସାରେ 'ଅହଂରାଷ୍ଟ୍ରୀ ସଙ୍ଗମନୀ ବସୁନା', ଅର୍ଥାତ୍ ଦେବୀ କହୁଛନ୍ତି ମୁଁ ଜଗତଈଶ୍ୱରୀ, ମୁଁ ଉପାସକଙ୍କର ବସୁ ବା ସମ୍ପଦ ପ୍ରଦାନକାରୀ । ଏଠାରେ ରାଷ୍ଟ୍ରୀର ଅର୍ଥ ଜଗତସ୍ୱରୂପିଣୀ, ଯେଉଁଥିରୁ କି 'ପୃଥ୍ୱୀମାତା'ର ପରିକଳ୍ପନା ସୃଷ୍ଟ । ସେଥିପାଇଁ କୁହାଗଲା, "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ।"

ଜନନୀ ଓ ଜନ୍ମଭୂମି ଉଭୟେ ଦେବୀ ସ୍ୱରୂପା । ଗର୍ଭଧାରିଣୀ ଜନନୀ ଓ ପାଳନର ସମସ୍ତ ଉପାଦାନରେ ଭରପୂର ପୃଥ୍ୱୀମାତା ଦେବୀ ପର୍ଯ୍ୟାୟରେ । ଏମାନେ ଚିରବନ୍ଦନୀୟା, ଚିର ଆରାଧ୍ୟା । ତେବେ ରାଷ୍ଟ୍ରରୂପିଣୀ ଦେବୀ ତା' କୋଳରେ କଳ୍ପିତ ସନ୍ତାନସନ୍ତତିଙ୍କୁ ଲାଳନପାଳନ ନିମନ୍ତେ ତା' ବକ୍ଷରୁ ଉପାଜାଇଥାଏ ଅମୂଲ୍ୟ ନିଧି । ନାନା ଶସ୍ୟ ସାଙ୍ଗକୁ ନିରବଧି ଅମୃତସମ ବାରିଧାରା ଧାରଣ କରିରଖିଛି ।

ସମସ୍ତ ଜୀବଜଗତ, ଉଦ୍ଭିଦଜଗତ, ପ୍ରାଣୀଜଗତକୁ ତା' କୋଳରେ ଧରି ସମସ୍ତଙ୍କୁ ବଞ୍ଚି ରହିବାର ଉପାଦାନ ଖଞ୍ଜି ଦେଇଥିବାରୁ ସେ ମାତା ରୂପେ ପୂଜିତା ।

ବଙ୍କିମଚନ୍ଦ୍ର ଚଟର୍ଜୀ ତାଙ୍କର କାଳଜୟୀ କବିତା 'ବନ୍ଦେମାତରମ୍'ରେ ଯେଉଁ ରାଷ୍ଟ୍ରରୂପିଣୀ ଭାରତମାତାର ଅପୂର୍ବ ବର୍ଣ୍ଣନା କରିଯାଇଛନ୍ତି ତାହା ତ' ସଭିଙ୍କୁ ବିସ୍ମୟାଭିଭୂତ କରାଏ ।

"ସୁଜଳାଂ ସୁଫଳାଂ
ମଲୟଜ ଶୀତଳାଂ
ଶସ୍ୟଶ୍ୟାମଳାଂ ମାତରମ୍,
ବନ୍ଦେ ମାତରମ୍ ।
ଶୁଭ୍ର ଜ୍ୟୋତ୍ସ୍ନା ପୁଲକିତ ଯାମିନୀ
ଫୁଲ୍ଲ କୁସୁମିତ
ଦ୍ରୁମଦଳ ଶୋଭିନୀ.....
ଇତ୍ୟାଦି ଇତ୍ୟାଦି।"

ରାଷ୍ଟ୍ରସ୍ତରରେ ଦେବୀସତ୍ତା ବା ମାତୃସତ୍ତାକୁ ଭାରତବାସୀ ଦେଖି ଆସିଛନ୍ତି । ସେମିତି କି ଶ୍ରୀଚଣ୍ଡୀରେ "ଯା ଦେବୀ ସର୍ବଭୂତେଷୁ ମାତୃରୂପେଣ ସଂସ୍ଥିତା ।" ଏବଂ "ମୟା ସୋ ଅନ୍ନମତ୍ତି ଯୋ ବିପଶ୍ୟତି ।" ଏଥିରେ ଦେବୀ କହୁଛନ୍ତି ମୋର ଶକ୍ତିରେ ସମସ୍ତେ ଅନ୍ନରୂପି ଆହାର ଦେଖନ୍ତି ଓ ଭୋଜନ କରନ୍ତି ।

ଜନ୍ମଭୂମି ଭାବେ ମାତା ତା'ର ଜୀବନକୁ ଅନ୍ନ ଦିଅନ୍ତି । ସମଗ୍ର ବସୁଧା ହିଁ ଜଗତଜନନୀ ମାତୃସ୍ୱରୂପା । ସେ ରାଷ୍ଟ୍ର ଜନନୀ ବା ରାଷ୍ଟ୍ର ସ୍ୱରୂପିଣୀ ମାତା ରୂପେ ଚିର ପୂଜିତା । ସେହି ରାଷ୍ଟ୍ରରୂପିଣୀ ଦେବୀଙ୍କ ଆରାଧନା ସମସ୍ତ ସନ୍ତାନସନ୍ତତିଙ୍କର ଶ୍ରେଷ୍ଠ ଧର୍ମ । ରାଷ୍ଟ୍ର ରୂପି ଦେବୀଙ୍କର ସୁରକ୍ଷା ସହ ସ୍ଥିତାବସ୍ଥାକୁ ଅକ୍ଷୁର୍ଣ୍ଣ ରଖିବା ମୌଳିକ ଧର୍ମ । ଜନନୀର ଯେଉଁଭଳି ଆଦର ଅଭ୍ୟର୍ଥନା, ବନ୍ଦନା ଆମେ ସନ୍ତାନ ଭାବେ କରିଥାନ୍ତି ସେମିତି ରାଷ୍ଟ୍ରରୂପିଣୀ ମାତାଙ୍କର ଅର୍ଚ୍ଚନା ଓ ସୁରକ୍ଷା ସନ୍ତାନ ଭାବେ କରିବା ବିଧେୟ ।

ଶ୍ରୀ ଅରବିନ୍ଦ, ବଙ୍କିମ୍‌ଚନ୍ଦ୍ର, ନେତାଜୀ ସୁଭାଷ, ବାଲଗଙ୍ଗାଧର ତିଳକ, ଲାଲାଲଜପତରାୟ, ଗାନ୍ଧିଜୀ, ଭଗବତ ସିଂହ ପରି କେତେକେତେ ବୀରସନ୍ତାନ ଭାରତ ଜନନୀର ମହିମାଗାନରେ ଜୀବନକୁ ସମର୍ପି ଦେଇଛନ୍ତି । ଭାରତବର୍ଷର ଜ୍ଞାନଗାରିମାର ପଟାନ୍ତର ନାହିଁ । ଶ୍ରୀଚଣ୍ଡୀରେ କୁହାଯାଇଛି "ଆଧାର ଭୂତା ଜଗତସ୍ତ୍ୱ ମେକା / ମହୀସ୍ୱରୂପେଣ ଯତଃ ସ୍ଥିତାସି ।" ଅର୍ଥାତ୍ ମହୀ ରୂପରେ ତୁମେ ବିରାଜିତା ଜନନୀ । ସେହିଭଳି "ଅପାଂ ସ୍ୱରୂପସ୍ଥିତାତ୍ୱୟୈତତ୍ ।" ତୁମେ ଜଳ ରୂପରେ ବିରାଜିତା ।

ଏହି ଦେବୀ ଜନନୀ ଜଗତମାତାଙ୍କୁ ଆମେ ପ୍ରତିନିୟତ ଭେଟୁଛୁ । ଅଥଚ ତାଙ୍କର ଆରାଧନା ଓ ସୁରକ୍ଷା ଯେ କେତେ ମହତ୍ତ୍ୱ ବହନ କରେ ତାହା ଭୁଲି ଯାଉଛୁ ।

ରାଷ୍ଟ୍ରନାୟକ ରାଜାଙ୍କୁ ବିଷ୍ଣୁ ବୋଲି ଜ୍ଞାନ କରାଯାଏ । କାରଣ ବିଷ୍ଣୁକଳା ଥିବା ବ୍ୟକ୍ତି ହିଁ ରାଜା ହୋଇପାରିବେ ବୋଲି କୁହାଯାଇଥିଲା । ରାଷ୍ଟ୍ରପାଳନର ମୁଖ୍ୟ କର୍ଣ୍ଣଧାର ଯେ କି ରାଜା ବା ରାଷ୍ଟ୍ର ମୁଖ୍ୟ ସେ ରାଷ୍ଟ୍ରର ପ୍ରତୀକ । ସେ ଯେମିତି ଋହିଁବେ ସେ ଦେଶର ସ୍ଥିତାବସ୍ଥା, ସମ୍ମାନ ଓ ସ୍ଥିତିର ଉନ୍ନତି ସହ ପ୍ରଜାଗଣ ସୁଖଶାନ୍ତିରେ ରହିବେ । ଏଣୁ ଭଗବାନ ବିଷ୍ଣୁ ଯେମିତି ନିର୍ବିକାରଚିତ୍ତରେ କେବଳ ତାଙ୍କ ସୃଷ୍ଟିସର୍ଜନାର ସୁରକ୍ଷା ଦେଇ ଦୁଷ୍ଟଦଳନ କରି ସାଧୁସଦ୍‌ଜନଙ୍କ ସୁରକ୍ଷା ପ୍ରଦାନ କରିଥାନ୍ତି । ସେମିତି ରାଷ୍ଟ୍ରନାୟକ ରାଷ୍ଟ୍ରରୂପିଣୀ ଦେବୀଙ୍କ ସମ୍ମାନ, ସୁରକ୍ଷା, ସ୍ଥିତାବସ୍ଥାର ଉନ୍ନତି ସହ ସେହି ଦେବୀଙ୍କ ସନ୍ତାନଗଣ ଅର୍ଥାତ୍ ରାଷ୍ଟ୍ରରୂପିଣୀ ଦେବୀଙ୍କର ସମସ୍ତ ପୁତ୍ରକନ୍ୟାଙ୍କ ଉନ୍ନତିବିଧାନ ଯେ ରାଷ୍ଟ୍ରନାୟକଙ୍କ ମୁଖ୍ୟକର୍ମ, ଏହାକୁ ସଦା ମନେରଖିବାକୁ ପଡ଼ିବ । କାରଣ ବୈଦିକଯୁଗ ଅନ୍ତେ ରାଜାଙ୍କୁ ବିଷ୍ଣୁ ବୋଲି ଜ୍ଞାନ କରାଯାଉଥିଲା । ଜନନୀ-ଜନ୍ମଭୂମି ଯେ ସ୍ୱୟଂ ରାଷ୍ଟ୍ରରୂପିଣୀ ଦେବୀ ଏହା ନିଃସନ୍ଦେହରେ ସ୍ୱୀକାର କରାଯାଇପାରେ । ସେହି ରାଷ୍ଟ୍ରମାତାଙ୍କର ଅର୍ଚ୍ଚନା, ବନ୍ଦନା ଓ ଆରାଧନା ପ୍ରତିଟି ସନ୍ତାନର ଧ୍ୟେୟ ହେବା ଉଚିତ ।



# ଗଣମାଧ୍ୟମ : ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ

■ ଅରୁଣ କୁମାର ଗିରି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଚେଇଣ ଶୋଇଥିବ ଯିଏ ତାକୁ ଉଠେଇବ କିଏ । ସମ୍ପ୍ରତି ଅନେକ ଗୁଡିଏ ଆଖିଦୃଶିଆ ଖବରର ସମ୍ପାଦନ, ସମାଜର କିଛି ହାଇପ୍ରୋଫାଇଲ ବ୍ୟକ୍ତିବିଶେଷ ନିଜେ କରୁଛନ୍ତି ଓ ତାର ସମ୍ପାଦିତ ଅଂଶ ସେମାନଙ୍କର ବଟସ୍କର ସଂବାଦଦାତାମାନଙ୍କୁ ଆମନ୍ତ୍ରଣ କରି ଅର୍ପଣ କରୁଛନ୍ତି । ସେଥିପାଇଁ ବେଳେବେଳେ ଦେଖିବାକୁ ମିଳେ କିଛି ଗୁରୁତ୍ୱପୂର୍ଣ୍ଣ ଖବର ପାଇଁ ଆସିଥିବା ସାମ୍ବାଦିକ ବନ୍ଧୁଗଣଙ୍କର ଖବର, ପରବର୍ତ୍ତୀ ଦିନ ମାନଙ୍କରେ ଖବରକାଗଜ ପୃଷ୍ଠାରେ ବହୁ ସମୟ ଖୋଜି ଖୋଜି ଆଖିରୁ ପଣି ମରିଯାଏ କିନ୍ତୁ ଖବର ମିଳେନାହିଁ । କେବଳ ଏତିକି ନୁହେଁ, କୁପ୍ରବୃତ୍ତିସମ୍ପନ୍ନ ତଥା କିଛି ଅସାମାଜିକ ବ୍ୟକ୍ତିବିଶେଷଙ୍କ ଆକ୍ରୋଶର ଶିକାର ହୋଇ କେତେ ମହତ ତଥା ସତଜନ ମଧ୍ୟ ଯୋଜନାଭୁକ୍ତ ଭାବେ ଗଣମାଧ୍ୟମ ସହାୟତାରେ ସମାଜରେ ନିନ୍ଦିତ ତଥା ଅପମାନିତ ହେଉଛନ୍ତି ।

ଗଣତନ୍ତ୍ରର ଅନ୍ୟ ତିନୋଟି ସ୍ତମ୍ଭ ଅସନ୍ତୁଳିତ ଅବସ୍ଥାରେ ଥିଲାବେଳେ ଜନସାଧାରଣଙ୍କ କେବଳ ଚତୁର୍ଥ ସ୍ତମ୍ଭ ଉପରେ ଆସ୍ଥା ଓ ବିଶ୍ୱାସ ଥିଲା ଓ ଅଛି ମଧ୍ୟ । ତାହାବି ଆଜି କ୍ଷୀଣ ହେବାକୁ ବସିଛି । ସତ୍ୟତା ଓ ନିରପେକ୍ଷତା ଯାହାର ଅମୋଘ ଅସ୍ତ୍ର ଆଉ ତାହାର ପ୍ରୋଯୋଗରେ ସମାଜରେ ଶୃଙ୍ଖଳା ଓ ସଂସ୍କାରରେ ସୁଧାର ଆସିବା ଅବଶ୍ୟମ୍ଭାବୀ । ତାହା ଆଜି ବ୍ୟକ୍ତିସ୍ୱାର୍ଥ ନିମନ୍ତେ ସାପେକ୍ଷିକତା ବହନକରି ସୁସ୍ଥ ସମାଜ ବ୍ୟବସ୍ଥାରେ ଅପୂରଣୀୟ କ୍ଷତି ସାଧନରେ ଅଗ୍ରମୁଖୀ । କିଛି ସଂବାଦଦାତା ଓ କୁତ୍ସିତ ମନୋଭାବ ସମ୍ପନ୍ନ ସାମ୍ବାଦିକ ମାନଙ୍କର କଳକାରନାମା ପାଇଁ ଗଣମାଧ୍ୟମ ଉପରେ ଥିବା ଅଗଣିତ ଦେଶବାସୀଙ୍କ ଭରସାରେ ଭଟ୍ଟା ଆସିବାରେ ଲାଗିଲାଣି । ତେଣୁ ସମସ୍ତ ପ୍ରକାଶନର ପ୍ରତିଷ୍ଠାତା, ସମ୍ପାଦକ ମଣ୍ଡଳୀ ଓ ବରିଷ୍ଠ ସାମ୍ବାଦିକ ତଥା ସଂବାଦଦାତା ନିରୀକ୍ଷକ ବୃନ୍ଦ ଖବର ଗୁଡିକର ସତ୍ୟତା, ନିରପେକ୍ଷତା ଓ ବିଶ୍ୱଶନୀୟତା ଉପରେ ତୀକ୍ଷଣ ଦୃଷ୍ଟି ରଖିବା ସହିତ ସଂବାଦ ପ୍ରସ୍ତୁତିର କାର୍ଯ୍ୟଧାରାରେ ସଂସ୍କାର ଆଣିପାରିଲେ ସମାଜର ପ୍ରମୁଖ ହିତ ସାଧନରେ ବ୍ରତୀ ସମାଜସଂସ୍କାରକ ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ରୂପେ ଅଧିକ ଦୃଢ ଓ ଭରସାଯୋଗ୍ୟ ହୋଇପାରନ୍ତା । (ସମାପ୍ତ)

+ ଚେରଚେଟା, ପାପଡାହାଣ୍ଡି,
ନବରଙ୍ଗପୁର- ୭୬୪୦୭୧,
(ମୋ) ୯୯୩୮୦୦୩୧୮୯

## ପ୍ରେମରେ୍ ପ୍ରେମରେ୍ ଗୀତି ....(୮)



■ ବିପିନ ମହାନ୍ତି

▲ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

### ॥ ମୋ'ର ଗାଆଁକୁ ଆସିଛି ରଜ ॥

ମୋର ଗାଆଁକୁ ଆସିଛି ରଜ
ମନ ମୋ ସଜନୀ ! ଦୋଳି ଖେଳୁଅଛି
ତୁମେ ହୋଇଥିବ ସଜ ।

ଚାଲୁଥିବ ତୁମେ ଝୁମୁରୁଝୁମୁରୁ
ଗାଁ ଦାଣ୍ଡ ଦୁଲୁକେଇ,
କିଶୋରକିଶୋର ମୋ' ଗାଆଁର ମନ
ତୁମ ରୂପେ ଚହଲେଇ,
ତୁମ ଚାହାଣିରେ ଚଗଲାଚଗଲା
ମୋ' ଗାଆଁ ଲାଗିବ ଆଜ ।

ନାଇଥିବ ତୁମେ ପାଦରେ ଅଳତା
ଆଖିରେ କଜଳ ଗାର,
ତୁମ ଓଢ଼ଣୀର ତଳେ ସାତ ମେଘ
ହୋଇଥିବେ ଏକାକାର,
ତୁମରି ପ୍ରେମର ପହିଲି ବରଷା
ମୋ' ଗାଆଁ ଛୁଇଁବ ଆଜ ।

## ...କଥା କିଞ୍ଚିତ...



କେବେକେବେ ବହୁ ପ୍ରତୀକ୍ଷିତ ମଧୁର ସ୍ୱରଟିଏ ଭାସିଆସେ କାହିଁ କେତେଦୂରରୁ । ପାଠଶାଳାରେ, ପାକଶାଳାରେ, ପାଦଚଲା ରାସ୍ତାରେ, ପାହାଡ଼ ମୂଳରେ, ପାଦପମୂଳରେ କି ପାରାବାର କୂଳରେ ଅଲକ୍ଷ୍ୟରେ ପିକ ପକ୍ଷୀ ପରି ମୋ କଣ୍ଠରୁ ଫିଟିପଡ଼େ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ଜୀବନ ସଂଗୀତ'ର ସେଇ ପଦପଙ୍‌କ୍ତି ।

'କିଏ ସେ ଡାକୁଛି ନଇ ସେପାରିରେ ରହି ରହି କେଡ଼େ ବାଗରେ/ ଦୋ'ଦୋ ଚିହ୍ନା ସ୍ୱର ଶୁଣିଥିଲି ପରା କେତେ ଯୁଗଯୁଗ ଆଗରେ/ କେଉଁ ଉହାଡ଼ରେ ଥାଇ ସେ ଡାକୁଛି, ଖଣ୍ଡିସ୍ୱର ତାର ନ ହେଉଛି ବୁଝି /କେଉଁ ଗୁହାଭେଦି ପହଁରି ଆସିଛି, କେଉଁ ନିଛାଟିଆ ସାଗରେ ।'

ସତରେ ସେ ଡାକରେ ଥାଏ କେତେ ସମ୍ମୋହନ, ନିମନ୍ତ୍ରଣ । ସେ ସ୍ୱର କୋଉ ମଧୁପର ଗୁଣୁଗୁଣୁ ? ଝିଙ୍କାରୀର ଝଁ ଝଁ ? କୋଉ ପକ୍ଷୀର କୂଜନ ? ନିଛାଟିଆ ସାଗର ଛୁଇଁ, ପାହାଡ଼ କନ୍ଦର ଦେଇ, ଗାଁ ଗାଁ ପାଟ, ବଣ, ନଈପାରି ହୋଇ ସ୍ୱରଟିଏ ପହଁରି ଆସେ କାହିଁ କେତେ ଦୂରରୁ ।

ସତରେ କେଡ଼େ ବାଗରେ ରହିରହି ନଈ ସେପାରିରୁ ଲଳିତ ମଧୁର ଡାକଟିଏ ଶୁଭୁଥାଏ । ଛୁଇଁଯାଏ କର୍ଣ୍ଣକୁହର । ନଗଲେ କବିର ନିସ୍ତାର ନାହିଁ ଯେମିତି !

ଗହଳବଣର ପାହାଡ଼ିପଡ଼ା । ମଦଭାଟିରୁ ଛୁଟି ଆସୁଥାଏ ମହୁଲି ବାସ୍ନା ।
ଛମ୍‌ଛମ୍ ଡାକୁଥାଏ ଅତନ୍ଦ୍ର ମଧୁଶାଳା । ଗଜରାର ମହକ ।
ନଗଲେ କବିର ନିସ୍ତାର ନାହିଁ ।
ଫିଟିଯାଏ ଦ୍ୱାର । କଅଁଳିଯାଏ ଡେଣା ।
କୋଉଠୁ ନା କେଉଁଠୁ ବେଳ ଅବେଳରେ ଡାକଟିଏ ଶୁଭୁଥାଏ । କାହାର ସେ ଡାକ ? ଈଶ୍ୱର, ଅସୁର, ଶବର ନା ବଇଁଶୀଆଳର ?
ଚନ୍ଦନବଣ, ନଈକୂଳ, ଗହୀର ନା ତୋଟାମାଳର ? ସେଇ ଡାକଟିଏ ଶୁଭିଗଲେ ତ ନଇ ଗାଇବ ଗୀତ । ଡାଳ ବାନ୍ଧିବ ବସା । ଗଛ ଧରିବ କଢ଼ି । ଆକାଶରେ ଘୋଟିଯିବ ବର୍ଷା । ସେ ସ୍ୱର କ'ଣ ବର୍ଷାର ରିମ୍‌ଝିମ୍ ସଂଗୀତ ? କୋଉ ପର୍ବତ ଉପରୁ ଖୁସିରେ ଖସି ପଡୁଥିବା କଣ ଜଳପ୍ରପାତ ? ସେ ସ୍ୱର କଣ ସତରେ କେଉଁ ଦୂର ବଇଁଶୀଆଳର ବିଶ୍ରୁତ ବେଣୁ ଗୀତ ?

**ରୁନୁ ମହାନ୍ତି**

ଚୁଡ଼ଙ୍ଗ ସାହି, ମାତାଗୋସ୍ୱାମୀ ଲେନ୍, ପୁରୀ
(ମୋ)୯୭୭୮୧୭୬୬୬୩



# ॥ କଳି ଯୁଗର ବାଲ୍ମୀକି : ରାମାନନ୍ଦ ସାଗର୍ ॥

● ଦୀପକ ରଂଜନ ମିଶ୍ର

୧୯୮୭ ମସିହାର କଥା । ସେତେବେଳକୁ ମୋର ପ୍ରାୟ ଚତୁର୍ଥ ଶ୍ରେଣୀ । ଟିଭିରେ ପ୍ରସାରିତ ହେଉଥାଏ ରାମାୟଣ । ଆମେ ବାପପୁଅ ଟିଭି ଦେଖିବାକୁ ବେହେରା ଆଜ୍ଞାଙ୍କ ଘରକୁ ଯାଉ ପ୍ରତି ରବିବାର । ସିରିଏଲ ଆରମ୍ଭ ହେଲେ ହାତ ଯୋଡ଼ି ଜୁହାର ହେଉ । ହିନ୍ଦୀ ସେତେବେଳେ ଆଦୌ ବୁଝି ପାରୁ ନଥାଏ ମୁଁ । ବୁଝିବା କି ଦରକାର ଯେ ? ଦେଖିବା କଥା । ସେଇ ସମୟରେ ପଚାରିଲେ ବାପା ବିରକ୍ତ ହୋଇ କହନ୍ତି ପରେ ବୁଝେଇଦେବି ବୋଲି । ମୁଁ ବଲ ବଲ କରି ଚାହିଁ ରହିଥାଏ ଟିଭିକୁ । ପ୍ରାୟ ସବୁଥର ରାମାୟଣ ସରିଲା ବେଳକୁ ଜଣେ ଗୋଲ ମୁହଁର ବୟସ୍କ ଲୋକ ବାହାରନ୍ତି । କିଛି କିଛି କହନ୍ତି । ବାପା, ବେହେରା ଆଜ୍ଞା, ବଡ଼ମା' ସମସ୍ତେ ତାଙ୍କୁ ମନଦେଇ ଶୁଣନ୍ତି । ସିଏ ପରା ଏଇ ରାମାୟଣର ନିର୍ମାତା । ବୋଧେ ବାଲ୍ମୀକି ହୋଇଥିବେ । ତାଙ୍କ ମୁହଁଟି ମୋତେ ଭାରି ସୁନ୍ଦର ଦେଖାଯାଏ । ମୁଁ ତାଙ୍କ ଆଖି, ନାକ, କାନ, କପାଳ ଇତ୍ୟାଦିକୁ ଭଲକରି ଦେଖିବାକୁ ଲାଗେ । ହଠାତ୍ ଆଖି ଅଟକିଯାଏ ବାଁ ପଟ କପାଳ ଉପରକୁ ଥିବା ଏକ ଗଭୀର କ୍ଷତଚିହ୍ନ ଉପରେ । ବାପାଙ୍କର ବି ଠିକ୍ ଏଇ ଜାଗାରେ ଗୋଟିଏ କଟା ଚିହ୍ନ ଅଛି । ସେଇଟିକୁ ଦେଖାଇ ସେ ଥରେ ବର୍ଣ୍ଣନା କରିଥିଲେ କେମିତି ପିଲାଦିନେ ନଦୀରେ ଚିଲାମାରି ଗାଧେଇଲା ବେଳେ ଲୁଚି ରହିଥିବା ପଥର ବାଜି ମୁଣ୍ଡ ଫାଟିଯାଇଥିବା କଥା । ତେବେ ବାଲ୍ମୀକି ବି କ'ଣ ଚିଲା ମାରି ଗାଧୋଉଥିଲେ ତାଙ୍କ ପିଲାଦିନେ ? ? ଘରକୁ ଫେରିବା ପରେ ବାପାଙ୍କୁ ସେଇ କଥା ପଚାରେ । ବାପା ହସି ହସି କହନ୍ତି, "ସିଏ ବାଲ୍ମୀକି କାହିଁକି ହେବେ ? ବାଲ୍ମୀକି ତ କେତେ ହଜାର ବର୍ଷ ପୂର୍ବର ଜଣେ ସନ୍ନ୍ୟାସୀ । ସିଏ ରାମାୟଣ ଲେଖିଥିଲେ । ଇଏ ତାଙ୍କ ଲେଖା ପଢ଼ି ତାକୁ ସିରିଏଲ ବନାଇଛନ୍ତି । ସମସ୍ତେ ସୁବିଧାରେ ଦେଖି ପାରିବେ ବୋଲି । ତେବେ ତାଙ୍କ କପାଳରେ ମୋ ଭଳି କଟାଦାଗ ଟିଏ ଅଛି ବୋଲି ତୁମେ କେମିତି ଦେଖିଲ ବାବା ? କାହିଁ ମୋ ଆଖିରେ ତ ପଡ଼ିନି ।" ତା' ପର ରବିବାର ଦିନ ପ୍ରଥମରୁ ହିଁ ସେଇ ଦାଗ କଥା ମନେ ପକାଇ ଦିଏ ମୁଁ। ବାପା ଦେଖି ଆଶ୍ଚର୍ଯ୍ୟ ହୁଅନ୍ତି । ଗୋଟେ ଗଭୀର କଟାଦାଗ । ତେବେ ତାଙ୍କ କ୍ଷତ ଭଳି ଏଇ କ୍ଷତଟିର ମଧ୍ୟ ନିଶ୍ଚିତ ଗୋଟିଏ ଇତିହାସ ଥିବ ।

୧୯୮୭ ରୁ ଆସି ୨୦୨୧ ହେଲାଣି । ବାପା ସେଇ କ୍ଷତ କଥା ଭୁଲି ସାରିଥିଲେ । ମୁଁ କିନ୍ତୁ ଭୁଲି ନଥିଲି । ଦାଦାଚୁଗ୍‌ଙ୍କ ପାଖରୁ ଶୁଣିଥିଲି ରାମାନନ୍ଦ ସାଗର ଲାହୋରର ବାସିନ୍ଦା ବୋଲି । ବିଭାଜନ ବେଳେ ସେ ବି ଆସିଛନ୍ତି ନବଗଠିତ ଭାରତକୁ ଶରଣାର୍ଥୀ ସାଜି । ବିଭାଜନ ଉପରେ ତାଙ୍କର ଗୋଟିଏ ସୁନ୍ଦର ଉପନ୍ୟାସ ଅଛି ବୋଲି ମଧ୍ୟ ସେ କହନ୍ତି । ସେ ବହିଟି ତାଙ୍କ ପାଖରେ ଥିଲା, ହେଲେ କେହିଜଣେ ପଢ଼ିବାକୁ ନେଇ ଆଉ ଫେରେଇ ନାହିଁ । ତାଙ୍କ ବିଷୟରେ ଜିଜ୍ଞାସା ଆହୁରି ବଢ଼େ । ତେବେ ଅନୁସନ୍ଧିତ୍ସାର ଅନ୍ତ କାହିଁ ? ଗତବର୍ଷ କରୋନା ମହାମାରୀ ଯୋଗୁଁ ସାରା ଦେଶରେ ଲକ୍ ଡାଉନ୍ ଘୋଷଣା ହେବା ପରେ ଦୂରଦର୍ଶନରେ ପୁଣିଥରେ ପ୍ରସାରିତ ହୋଇଥିଲା ରାମାୟଣ । ଏଥର ଦୀପକର ହିନ୍ଦୀ ବୁଝିବାରେ କିଛି ଅସୁବିଧା ନଥିଲା । ଆମେ ସମସ୍ତେ ଏକାଠି ବସି ରାମାୟଣ ଦେଖୁ କାନ୍ଥରେ ଝୁଲୁଥିବା ବଡ଼ ଏଲ୍ ସି ଡ଼ି ଟିଭିରେ । ଜଳ ଜଳ ଦେଖାଯାଏ ବାଲ୍ମୀକିଙ୍କ କପାଳରେ ଥିବା କଟା ଦାଗ। ଇତିହାସ ଛାତ୍ର ହୋଇ ସୁଦ୍ଧା ସେଇ ଦାଗର ଇତିହାସ ଖୋଜି ପାଇପାରି ନଥିବାର ଅବସୋସରେ ମନ୍ଥି ହୋଇଯାଏ ହୃଦୟ । ଇଣ୍ଟରନେଟ୍‌ରେ ବହୁତ ଘାଣ୍ଟେ । ଶେଷକୁ ଆମାଜନର କିଣ୍ଡିଲ୍ ରିଡରରେ ପ୍ରେମ ସାଗରଙ୍କ ଦ୍ୱାରା ତାଙ୍କ ବାପାଙ୍କ ଜୀବନ ବିଷୟରେ ଲିଖିତ ବହିଟିଏ ପାଇ ଖୁସିରେ ବହେ ନାଚିଯାଏ ଘରସାରା । ଏତେବର୍ଷ ଧରି ଯାହାକୁ ଖୋଜୁଥିଲି ସିଏ ଏବେ ହାତ ପାଆନ୍ତାରେ ।

ମା' ଥିଲେ ଇଶାଦେବୀ ଓ ବାପା ଲାଲା ଦୀନାନାଥ ଚୋପ୍ରା । ଲାହୋର ସ୍ଥିତ ଅଜାଙ୍କ ଘରେ ତାଙ୍କର ଜନ୍ମ ହୋଇଥିଲା ୧୯୧୭ ମସିହା ଡିସେମ୍ବର ୨୯ ତାରିଖରେ । ଜନ୍ମ ପରେ ନା ଛୁଆ ଆଖିଖୋଲେ ନା କାନ୍ଦେ । ସମସ୍ତେ ଚିନ୍ତିତ ହୋଇ ପଡ଼ନ୍ତି । କ'ଣ କିଛି ଅସୁବିଧା ଅଛି ଛୁଆର ? ଛାତିରେ ହାତ ଥାପିଲେ ତ ହୃତ୍‌ସ୍ପନ୍ଦନ ବାରି ହେଉଛି । ତେବେ ଇଏ କ'ଣ ବଞ୍ଚିବନି ? ହଠାତ୍ ଧାଇ ମନକୁ କ'ଣ ଆସେ କେଜାଣି ସେ ଚୁଲୀରେ ଗୋବର ଘଷି କିଛି ପକାଇ ନିଆଁ ଲଗାଏ ଓ ସେଇ ନିଆଁରେ ଛୁଆଟିକୁ ନେଇ ସେକେ । କିଛି ସମୟ ପରେ ଛୁଆ ଆଖି ଖୋଲେ ଓ ଚିହିଡ଼ା ଛାଡ଼ି କାନ୍ଦେ । ସଭିଙ୍କ ମନରେ ଭରସା ଆସେ ଛୁଆଟି ବଞ୍ଚିବ ବୋଲି । ଅଜା, ଲାଲା ଲଲିୟାରାମ୍ ବେଦୀ ଶିବକୃପାରୁ ଛୁଆଟି ବଞ୍ଚିଯାଇଛି ବୋଲି ଭାବି ତା'ର ନାମକରଣ କରନ୍ତି - ଚନ୍ଦ୍ରମୌଳି । ଲାଲା ଲଲିୟାରାମ ପ୍ରଥମ ପତ୍ନୀଙ୍କ ଦେହାନ୍ତ ପରେ ଦ୍ୱିତୀୟ ଦାର ଗ୍ରହଣ କରିଥିଲେ । ତାଙ୍କ ନାଁ ଭାଗୋସାହୀ । ସେ ନିଃସନ୍ତାନ ଥିବାଯୋଗୁଁ ବେଳେ ବେଳେ ତାଙ୍କଠାରେ ପାଗଳାମୀର ଲକ୍ଷଣ ଦେଖା ଦେଉଥିଲା । ସେଇ ବିଷମ ପରିସ୍ଥିତିରୁ ତାଙ୍କୁ ଉଦ୍ଧାର କରିବା ପାଇଁ ଲାଲା ଦୀନାନାଥ ଆପଣା ସନ୍ତାନଟିଏ ହେଲେ ତାଙ୍କୁ ପୋଷ୍ୟ ଭାବେ ଦେଇଦେବାକୁ ନିଷ୍ପତ୍ତି କରିଥାନ୍ତି । ତେଣୁ ପ୍ରସବ ପରେ ସ୍ୱାମୀ ଓ ପିତା ଏକପ୍ରକାର ବାଧ୍ୟ କରନ୍ତି ଇଶାଦେବୀଙ୍କୁ ତାଙ୍କ ନବଜନ୍ମିତ ଶିଶୁପୁତ୍ରଟିକୁ ସଉତୁଣିଆ ମା' ହାତରେ ଟେକିଦେବା ପାଇଁ । କୋଉ ମା' ବା ରାଜି ହେବ ଏଭଳି ପ୍ରସ୍ତାବରେ ଯେ ! ଇଶାଦେବୀ ବି ରୋକ୍‌ଠୋକ୍ ମନା କରିଦିଅନ୍ତି । ଖୁବ୍ ଯୁକ୍ତିତର୍କ ଓ କଥା କଟାକଟି ଚାଲେ । ପରିସ୍ଥିତି ଅସମ୍ଭାଳ ହେବାରୁ ଶେଷକୁ ମା' ହାରିଯାଏ । ହେଲେ ଦୁଗ୍ଧପୋଷ୍ୟ ଶିଶୁଟିକୁ ଅନ୍ୟଜଣେ ସ୍ତ୍ରୀଲୋକ ପାଳିବା ସେତେ ସହଜ କଥା ନୁହେଁ । ତେଣୁ ଅଲିଖିତ ଚୁକ୍ତି । ପାଞ୍ଚବର୍ଷ ପର୍ଯ୍ୟନ୍ତ ଛୁଆଟି ତା' ମା' ପାଖରେ ରହିବ ସିନା ହେଲେ ମା' ବୋଲି ଡାକିବନି । ସେ ଦୁହିଁଙ୍କୁ ଡାକିବ ଭାଇ ଭାଉଜ । ମୂଳରୁ ତା' ଭିତରେ ଏଇ ଧାରଣା ସୃଷ୍ଟି କରାଯିବ ଯେ ତା' ବାପା ମା' ଲାହୋରରେ ରହୁଛନ୍ତି । ଟିକିଏ ବଡ଼ ହୋଇଗଲେ ସେ ତାଙ୍କ ପାଖକୁ ଚାଲିଯିବ । ମା' ନଡାକି ଭାଉଜ ଡାକୁଥିଲେ ବି ମା'ପୁଅର ଖୁବ୍ ନିବିଡ଼ ସମ୍ପର୍କ ରହେ । ଦୀନାନାଥ କିନ୍ତୁ କେବେ ପୁଅକୁ ଗେଲ କରନ୍ତିନି କି କାଖ କରନ୍ତିନି । ସେମିତି କଲେ କାଳେ ମାୟା ଲାଗିଯିବ । ତାକୁ ତ ଜନ୍ମ ପୂର୍ବରୁ ଟେକି ଦେଇଛନ୍ତି ଅନ୍ୟ ହାତକୁ । ତା' ସହ ଆଉ କି ଭାବ ବଢ଼ାଇବା ଯେ । ଥରେ ମାତ୍ର ତାଙ୍କ ପିତୃହୃଦୟ ଟିକିଏ ତରଳେ । କେହି କୁଆଡ଼େ ନଥିବା ଦେଖି ଛୁଆଟିକୁ ଝୁଲଣାରୁ ଟେକି ହାତରେ ଧରିଥାନ୍ତି । ସେତେବେଳେ କାହାର ଆସିବାର ପାଦଶବ୍ଦ ଶୁଭେ । ସେ ଏମିତି ଚମ୍‌କି ପଡ଼ନ୍ତି ଯେ ଛୁଆଟି ହାତରୁ ଖସି ତଳେ ପଡ଼ିଯାଏ । ମା' ଛାନିଆଁ ହୋଇ ଛୁଆଟିକୁ ଉଠେଇବାକୁ ଧାଇଁ ଆସିବା ବେଳେ ବାପ ଚାଲିଯାଉଥାନ୍ତି ବାହାରକୁ ନିର୍ଲିପ୍ତ ଭାବଟିଏ ମୁହଁରେ ଧରି ।



ରାମାନନ୍ଦଙ୍କ ଜୀବନର ସେଇ ପ୍ରଥମ ପାଞ୍ଚବର୍ଷ ପିତୃସ୍ନେହରୁ ବଞ୍ଚିତ ହେଲେ ସୁଦ୍ଧା ଖୁବ୍ ଆନନ୍ଦରେ କଟିଥିଲା । କାଶିରାମ ନାମକ ଏକ ଭୃତ୍ୟ ସବୁବେଳେ ଛୁଆଟିର ଦେଖାଶୁଣା କରିବା ଦାୟିତ୍ୱରେ ଥିଲା। ଶ୍ରୀନଗରର ନଗରସେଠ୍‌ଙ୍କ ଗୋଟିଏ ବୋଲି ନାତି ଯେ । ସେମାନଙ୍କର ଖୁବ୍ ଧନୀଘର । ଭଣ୍ଡାରଘରେ ଗଦାହୋଇ ରହିଥାଏ ରୁପା ଓ ସୁନା ଟଙ୍କା । ସେଥିରୁ ମୁଠାଏ ଟଙ୍କା ପେଣ୍ଟ ପକେଟ୍‌ରେ ପୂରେଇ ସିଏ କାଶିରାମ ସହିତ ଚାଲିଯାଉଥିଲେ ଘର ସାମ୍ନାରେ ଥିବା ନଦୀ କୂଳକୁ । ସେଇ ଟଙ୍କାକୁ ଗୋଟି ଗୋଟି କରି ପାଣି ଉପରେ ସମାନ୍ତରାଳରେ ଫିଙ୍ଗି ବେଙ୍ଗଡ଼ିଆଁ ଖେଳୁଥିଲେ । ଉପର ମହଲା ବାଲ୍‌କୋନୀରେ ଛିଡ଼ାହୋଇ ଇଶାଦେବୀ ପୁଅର ଖେଳ ଦେଖନ୍ତି । ଭାବନ୍ତି, ଛୁଆଟା କେତେ ଫିଙ୍ଗିବ ଫିଙ୍ଗୁ । ଆଉ କିଛିଦିନ ପରେ ତ ଚାଲିଯିବ ଲାହୋର । କୋଉ ସବୁଦିନ ଏଇଠି ରହିବ ଯେ ? ତା'ର ଯୋଉଥିରେ ଆନନ୍ଦ କରୁଥାଉ । ବାଞ୍ଝ ସ୍ତ୍ରୀ ପାଖକୁ ପୁଅ ହୋଇଗଲେ ତାକୁ ତ ସାରା ଜୀବନ ଦୁଃଖର ପାହାଡ଼ ମୁଣ୍ଡେଇବାକୁ ପଡ଼ିବ । ଶ୍ରୀନଗରରେ ଗୋଟେବର୍ଷ ସ୍କୁଲରେ ପାଠ ବି ପଢ଼ନ୍ତି ରାମାନନ୍ଦ । ହେଲେ ଆସ୍ତେ ଆସ୍ତେ ତାଙ୍କ ସୁଖର ଦିନ ସରି ସରି ଆସୁଥାଏ । ପହଞ୍ଚିଯାଏ ବିଦାୟର ବେଳା । ଇଶାଦେବୀ ଉପର ବାଲକୋନୀରେ ଛିଡ଼ା ହୋଇଥାନ୍ତି । ଏକମାତ୍ର ପୁତ୍ରର ବିଚ୍ଛେଦ ସହିବା ତାଙ୍କପାଇଁ ଥାଏ ଦୁର୍ବିସହ । ପୁଅର ସ୍କୁଲ ୟୁନିଫର୍ମ ପିନ୍ଧା ଫଟୋଟିକୁ ଛାତିରେ ଜାକିଧରି ସେ ଲୁହ ବୁହେଇ ଚାଲିଥାନ୍ତି । ତଳେ ଟୋଙ୍ଗା ପ୍ରସ୍ତୁତ କରାହେଉଥାଏ ଯାତ୍ରା ପାଇଁ । ସେଇ ପାଖରେ ପାଞ୍ଚବର୍ଷ ବୟସ୍କ ରାମାନନ୍ଦ ଠିଆହୋଇ ଅପଲକ ନେତ୍ରରେ ଚାହିଁରହିଥାନ୍ତି ତାଙ୍କ ଜନ୍ମଦାତ୍ରୀଙ୍କ ଆଡ଼କୁ । ତାଙ୍କୁ ଜବରଦସ୍ତ ଉଠେଇ ଗାଡ଼ିରେ ବସେଇ ଦିଆହୁଏ । ଏଇ କରୁଣ ଦୃଶ୍ୟକୁ ଠାକୁର ବି ସହି ପାରନ୍ତିନି । ଟିକିଏ ପୂର୍ବରୁ କାହିଁ କୋଉଠି ମେଘ ଦୃଶ୍ୟମାନ ହେଉ ନଥିଲେ ସୁଦ୍ଧା ଘନେଇଆସେ କଳା ବାଦଲ । ଝରଝର ହୋଇ ଝରିପଡ଼େ ବର୍ଷା। ତିନିଜଣ ଲୋକ ରାମାନନ୍ଦଙ୍କୁ ସାଙ୍ଗରେ ନେଇ ଚାଲିଯାଆନ୍ତି ସେଇ ବର୍ଷାରେ । ସେମାନଙ୍କୁ ଚାରିଦିନ ଲାଗିଯାଏ ରାୱଲପିଣ୍ଡି ପହଞ୍ଚିବାକୁ । ସେଇଠୁ ଟ୍ରେନ୍‌ରେ ଲାହୋର । ଏପଟେ ପୁଅ ବିହୁନେ ଜୀବନଧାରଣ କଷ୍ଟକର ହୋଇପଡ଼େ ମା'ପାଇଁ । ଖାଇବା ପିଇବା ସବୁଥିରେ ଅବହେଳା । ପ୍ରାୟ ଅନ୍ୟମନସ୍କ ରହନ୍ତି ଇଶାଦେବୀ ।

ଲାହୋରରେ ପ୍ରାଥମିକ ସ୍କୁଲରେ ତାଙ୍କର ନାଁ ଲେଖାଇ ଦିଆଯାଏ । କିନ୍ତୁ ସ୍କୁଲ ଯିବା ପୂର୍ବରୁ କିଛି ଘରକାମ ତ କରିବାକୁ ପଡ଼ିବ । ବାସନମଜା, କପଡ଼ାକଚା, ଘର ଓଳା ଓ ପୋଛା ଇତ୍ୟାଦି କେତେକାମ। ମା'ଜୀ ସବୁକାମ ଭାରି କଠୋରତାର ସହ କରିବାକୁ ବାଧ୍ୟ କରନ୍ତି ସେଇ ଛୋଟ ଛୁଆଟିକୁ । ତେଣୁ ଭୋର ସକାଳୁ ଉଠେଇ ଦିଆହୁଏ ତାଙ୍କୁ । ଭାଇ ଭାଉଜଙ୍କ ପାଖରେ ଦୋଳିରେ ଝୁଲୁଥିବା ପିଲାଟି ବାପମା' ପାଖକୁ ଆସି ଚାକର ପାଲଟିଯାଏ । କାମରେ ଟିକିଏ ଖିଲାପ୍ କଲେ ଗାଳି ସାଙ୍ଗକୁ ମାଡ଼ ବି ମିଳେ । ଶୀତଦିନରେ ଘୋଡ଼ିହେବା ପାଇଁ ଶାଲ୍ କି କମ୍ବଳଟିଏ ସୁଦ୍ଧା ଦିଅନ୍ତିନି ଭାଗୋସାହୀ । ଅଧରାତି ଯାଏ ପଢ଼ିବାକୁ ହୁଏ ପାଠ । କାରଣ ସ୍କୁଲରେ ସ୍କଲାରସିପ୍ ନପାଇଲେ ତାଙ୍କ ପାଠପଢ଼ିବା ପାଇଁ ଏତେ ଖର୍ଚ୍ଚ କିଏ କରିବ । ଦିନେ ମଜା ବାସନରେ ଅଇଁଠା ଲାଗିଥିବା ଦେଖି ମା'ଜୀଙ୍କର ବ୍ରହ୍ମ ତାତିଯାଏ । ହାତରେ ଧରିଥିବା ପିତ୍ତଳ ତାଟିଆଟିକୁ ଫିଙ୍ଗିମାରନ୍ତି ରାମାନନ୍ଦଙ୍କ ମୁହଁ ଉପରକୁ । ବାଁ ଆଖି ଉପରକୁ କପାଳରେ ଗଭୀର କ୍ଷତ ସୃଷ୍ଟିହୋଇ ଝରଝର ବୋହିଯାଏ ରକ୍ତ । ଭୁଲ କରିଛି ଯେହେତୁ ଦଣ୍ଡ ପାଇବାକୁ ହକ୍‌ଦାର ସେ । ଗର୍ଭଧାରିଣୀ କେବେ କ'ଣ ଏତିକି ନିର୍ଦ୍ଦୟ ହୋଇ ପାରିବ ପାଞ୍ଚ ଛ'ବର୍ଷର ଛୁଆଟେ ପ୍ରତି । ଛୋଟ ଛୁଆଟେ ପାଇଁ ସେଇଭଳି ପରିସ୍ଥିତିରେ ଜୀବନଧାରଣ ଖୁବ୍ ଅସମ୍ଭବ ମନେହୁଏ। ଏପଟେ ଇଶାଦେବୀ ଛଟପଟ ହେଉଥାନ୍ତି ପୁଅ ପାଇଁ । ସ୍ୱାମୀଙ୍କ ଗୋଡ଼ତଳେ ପଡ଼ି ପ୍ରତିଦିନ କେତେଥର ନେହୁରା ହେଉଥାନ୍ତି ପୁଅଟିକୁ ଉଦ୍ଧାର କରି ଆଣିବାକୁ । ଦୁଇବର୍ଷ ପରେ କିଛିଦିନ ଖାଡ଼ା ଓପାସ ରହିବାରୁ ଦୀନାନାଥ ପତ୍ନୀଙ୍କୁ ନେଇ ଲାହୋର ଯାଆନ୍ତି ପୁଅକୁ ଦେଖିବା ପାଇଁ । ରାମାନନ୍ଦଙ୍କୁ ଆଖି ଆଗରେ ଦେଖି ଚିହ୍ନି ପାରନ୍ତିନି ଇଶାଦେବୀ । ଗୋରା ତକ୍‌ତକ୍ ଛୁଆଟି ତାଙ୍କର କଳା ପଡ଼ିଯାଇଛି । ଦେହରେ ହାଡ଼ଖଣ୍ଡେ ଯାହା ଅଛି । ଫୁଙ୍କିଦେଲେ ଢଳି ପଡ଼ିବା ଭଳି ଅବସ୍ଥା । ବାଁପଟ କପାଳରେ ଠିକ୍ ଆଖି ଉପରକୁ ଏତେବଡ଼ କ୍ଷତଚିହ୍ନ !! ତାଙ୍କ ପୁଅକୁ ମାରିଦେବ ଏଇ ଅଲକ୍ଷଣୀ । ବାଞ୍ଝ ମାଇକିନା ପ୍ରସବ ବେଦନା କେଉଁଠୁ ଜାଣିବ ଯେ । ପୁଅକୁ ସାଥିରେ ନେଇଯିବାକୁ ବାହାରନ୍ତି ଇଶାଦେବୀ । ହେଲେ ତାଙ୍କ ସ୍ୱାମୀ, ଲାଲା ଦୀନାନାଥ ପଥର ଭଳି ନିଶ୍ଚଳ । ଲାହୋରରୁ ଫେରିଲା ପାଖରୁ ପାଗଳାମୀ ବଢ଼ିଚାଲେ ମା'ଙ୍କର । ପୁଣି ଛୁଆଟିଏ ହେଲେ ସେ କାଳେ ଏଇ ଦୁଃଖ ଭୁଲିଯିବେ ବୋଲି ଭାବନ୍ତି ତାଙ୍କ ସ୍ୱାମୀ । ପୁଅଟେ ଜନ୍ମ ବି ହୁଏ । ଛୁଆଟିର ନାଁ ରଖାଯାଏ ଚିତ୍ତରଞ୍ଜନ ଚୋପ୍ରା । ହେଲେ ସେ ଚିତ୍ତ ଆଉ ମା'ଙ୍କର ଚିତ୍ତରଞ୍ଜନ କରିବ କ'ଣ, ସେତେବେଳକୁ ସିଏ ସମ୍ପୂର୍ଣ୍ଣ ପାଗଳୀ ହୋଇ ସାରିଥାନ୍ତି । ପ୍ରସବର ଦୁଇବର୍ଷ ପରେ ମାତ୍ର ୨୬ ବର୍ଷ ବୟସରେ ମା'ଙ୍କର ଦେହାନ୍ତ ଘଟେ । ସେଇଦିନ ରାତିରେ ଆଦୌ ଶୋଇ ପାରନ୍ତିନି ରାମାନନ୍ଦ । ଦୂରରେ ଥିଲେ ସୁଦ୍ଧା କାହିଁକି କେଜାଣି ମନ ଖୁବ୍ ଟାଣୁଥାଏ ଗର୍ଭଧାରିଣୀଙ୍କ ପାଖକୁ । ଭେଁ ଭେଁ କରି ବିକଳ ହୋଇ କାନ୍ଦି ପକାନ୍ତି । ମଧ୍ୟରାତ୍ରିରେ କାହାରି ସୁଖନିଦ୍ରାରେ ବ୍ୟାଘାତ ଘଟାଇବା ନିହାତି ଅକ୍ଷମଣୀୟ ଅପରାଧ । ଭୀଷଣ ରାଗିଯାଇ କାଠ ଫାଳିଆଟେ ଚୁଲିମୁଣ୍ଡରୁ ଆଣି ଗୋଡ଼ରୁ ମୁଣ୍ଡଯାଏଁ ଛେଚି ପକାନ୍ତି ଭାଗୋସାହୀ। ସେଇ ରାତିଟିକୁ ରାମାନନ୍ଦ କେବେ ଭୁଲି ପାରି ନାହାନ୍ତି । ନା କ୍ଷମା କରି ପାରିଛନ୍ତି ଲାଲା ଦୀନାନାଥ ଚୋପ୍ରାଙ୍କୁ । କ'ଣ ଏମିତି ଆବଶ୍ୟକତା ଥିଲା ଯେ ଶ୍ୱଶୁର ପାଖରେ ପ୍ରତିଜ୍ଞା କରିବାର ? ନିଜ ଜନ୍ମିତ ଏକମାତ୍ର ପୁଅକୁ କେହି କ'ଣ ଜାଣି ଜାଣି କଂସେଇ ହାତକୁ ଟେକିଦିଏ ??

ଲାଲା ଲଲିୟାରାମଙ୍କ ଦେହାନ୍ତ ପରେ ଭାଗୋସାହୀ ଆହୁରି ଉଗ୍ରରୂପ ଧାରଣ କରନ୍ତି । ସେତେବେଳକୁ ମାତ୍ର ୧୧/୧୨ ବର୍ଷ ବୟସ ରାମାନନ୍ଦଙ୍କର । ଘରେ ରହିବା ଏକପ୍ରକାର ଅସମ୍ଭବ ମନେହୁଏ ତାଙ୍କୁ । ଶେଷକୁ ଦିନେ ସ୍କୁଲ ଯିବା ଆଳରେ ଭିନ୍ନ ରାସ୍ତାରେ ଚାଲିଚାଲି କୁଆଡ଼େ ପଳେଇଯିବାକୁ ବାହାରନ୍ତି ରାମାନନ୍ଦ । ରାସ୍ତା କଡ଼ରେ ଗୋଟେ ଚର୍ଚ୍ଚ ପାଖରେ ମୂର୍ତ୍ତିଟିଏ ଦେଖି ଠିଆହୋଇଯାଆନ୍ତି । କ୍ରସ୍‌ରେ ଯୀଶୁଖ୍ରୀଷ୍ଟଙ୍କୁ କ୍ରୁଶବିଦ୍ଧ କରାହୋଇଥାଏ । ହାତ, ପାଦ ତଥା ଛାତିରେ ଲୁହା କଣ୍ଟା ପୋତି ଦିଆହୋଇଥିବାରୁ ଝରଝର ବୋହି ପଡୁଥାଏ ରକ୍ତ । ନିଜକୁ ଯୀଶୁଙ୍କ ସ୍ଥାନରେ ରଖି ସେଇ କଷ୍ଟକୁ ହୃଦୟଙ୍ଗମ କରନ୍ତି । ଘଣ୍ଟାସଂଖ୍ୟା ଚାହିଁ ରହନ୍ତି ସେଇ ମୂର୍ତ୍ତି ଆଡ଼କୁ । ଶେଷକୁ ଖ୍ରୀଷ୍ଟଧର୍ମ ଗ୍ରହଣ କରିବାକୁ ଚିନ୍ତାକରି ଗେଟ୍ ଖୋଲି ଭିତରକୁ ପଶିବା ବେଳେ ତାଙ୍କୁ ପଛପଟୁ ଜଣେ ଗୈରିକ ବସନଧାରୀ ସାଧୁ ଡାକନ୍ତି । କଥା କହିବା ଆଳରେ ସନାତନ ଧର୍ମର ଗୂଢ଼ ରହସ୍ୟଗୁଡ଼ିକୁ ଏମିତି ବୁଝାଇ ଦିଅନ୍ତି ଯେ ସେଥିରେ ତାଙ୍କର ମନ ପରିବର୍ତ୍ତନ ହୋଇଯାଏ । ସେ ଆଉ କୁଆଡ଼େ ନଯାଇ ପୁଣି ଘରକୁ ଫେରିଆସନ୍ତି ଯେମିତି କିଛି ହୋଇନାହିଁ । ସ୍କୁଲ ପାଠ ସରିବା ପରେ ୧୬ ବର୍ଷ ବୟସରେ ସେ ଶ୍ରୀନଗର ଆସନ୍ତି 'ପ୍ରତାପ କଲେଜ'ରେ ଉଚ୍ଚଶିକ୍ଷା ଉଦ୍ଦେଶ୍ୟରେ । ସେଇବର୍ଷ କଲେଜ ମେଗାଜିନ୍‌ରେ ତାଙ୍କର ଗୋଟେ ଗପ ବାହାରେ, 'ପ୍ରୀତମ୍ ପରୀକ୍ଷା' । ଏହା ଏକ ସ୍ୱର୍ଗୀୟ ପ୍ରେମ କାହାଣୀ । ଏତେ ଅଳ୍ପ ବୟସର ପିଲାଟିଏ ତାହା ଲେଖିଥିବା କଥା ଅଧ୍ୟାପକମାନେ ବିଶ୍ୱାସ କରି ପାରନ୍ତି ନାହିଁ । ଶେଷକୁ ଅଧ୍ୟକ୍ଷ ରାମାନନ୍ଦଙ୍କ ପାଖରୁ ଗୋଟେ ହେଣ୍ଡନୋଟ୍ ଲେଖେଇ ନିଅନ୍ତି ଏହା ତାଙ୍କ ମୌଳିକ ରଚନା ବୋଲି । ତୁଳସୀ ଦୁଇପତ୍ରରୁ ବାସିବା ଆରମ୍ଭ କରିଦେଇଥାଏ । ପ୍ରଥମ ଗପରୁ ହିଁ ତାଙ୍କ ଭିତରେ ଯେ କେତେ ପାକଳ ଅନୁଭୂତି ସମ୍ପନ୍ନ ଲେଖକୀୟ ସତ୍ତାଟିଏ ବିଦ୍ୟମାନ ଥିଲା ତାହାର ଅନୁମାନ କରିହୁଏ । କଲେଜ୍‌ରେ ଦୁଇବର୍ଷ ପଢ଼ିବା ପରେ ପୁଣି ରାମାନନ୍ଦ ଫେରିଯାଆନ୍ତି ଲାହୋର । ୧୯ ବର୍ଷ ବୟସରେ ସେ ସିନେମାରେ କାମ କରିବା ଆରମ୍ଭ କରନ୍ତି 'କ୍ଲାପର ବୟ' ଭାବରେ । ପିଲାଟି ସିନେମାରେ କାମ କରୁ କରୁ କାଳେ ହାତରୁ ଖସିଯିବ ଭାବି ଛନ୍ଦିଦେବାର ଯୋଜନା କରନ୍ତି ଭାଗୋସାହୀ । ମୋଟା ଅଙ୍କର ଯୌତୁକ ବି ଏଇ ଆଳରେ ହାତେଇ ହେବ । ଲାହୋରର ଜଣେ ଲୁଗା ବ୍ୟବସାୟୀ ଭବାନୀଦାସଙ୍କ ବଡ଼ଝିଅ ସହିତ ତାଙ୍କର ବିବାହ ସମ୍ପନ୍ନ ହୁଏ । ପଇସାପତ୍ର ନେଣଦେଣର କିଛି ଟେର୍ ବି ପାଆନ୍ତିନି ରାମାନନ୍ଦ । ବାହାଘରର ବର୍ଷେ ଭିତରେ ଭୀଷଣ ଅସୁସ୍ଥ ହୋଇପଡ଼େ ନବବଧୂ । ପ୍ରସବ ସମୟରେ ହିଁ ଦେହାନ୍ତ ଘଟେ ତା'ର । ସାନଭଉଣୀ ଲୀଳାବତୀ ଖୁବ୍ ସେବା କରୁଥାଏ ସେଇ ସମୟରେ । ମା' ଛେଉଣ୍ଡ ଶିଶୁଟିକୁ ବି ଦୁଇମାସ ସମ୍ଭାଳେ । ହେଲେ ଛୁଆଟି ବି ମରିଯାଏ । (କ୍ରମଶଃ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୪ ଜୁଲାଇ, ୨୦୨୧



ସୃଚୟନ ସୃଚୟନ ସୃଚୟନ ସୃଚୟନ ସୃଚୟନ ସୃଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

## ଆଉଜା କବାଟ (୪୩)



# ବିଭାଜିତ ଭାରତବର୍ଷର ପରବର୍ତ୍ତୀ ସାହିତ୍ୟ (୧)

ଡ. ରାଧାରଂଜନ ପଟ୍ଟନାୟକ

ଅଖଣ୍ଡ ଭାରତବର୍ଷର ବିଭାଜନ ଉପମହାଦୀପର ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି । ଏହାର କାରଣ ଏବଂ ପରିଣାମକୁ ବୁଝିବାର ପ୍ରୟାସ ସମାଜ ବୈଜ୍ଞାନିକ କେବଳ ନୁହେଁ, ସୃଜନଶୀଳ ସ୍ରଷ୍ଟାମାନେ ମଧ କରିଛନ୍ତି । ରଚନାକାରଙ୍କର ଏହି ଉଦ୍ୟମ ଏତେ ଗୁରୁତ୍ୱପୂର୍ଣ୍ଣ ଭାବେ ବିଚାର କରାଯାଇଛି ଯେ, ଭାରତ ବିଭାଜନ ପରେ ଇତିହାସ ସାହିତ୍ୟ ଏବଂ ସଂସ୍କୃତି ମଧ ଭାଗଭାଗ ହୋଇଯାଇଛି । ବିଭାଜନର ମାନବୀୟ ସଙ୍କଟ ପ୍ରତ୍ୟେକ କ୍ଷେତ୍ରରେ ଦୃଶ୍ୟ ହୋଇଛି । ସାହିତ୍ୟରେ ମଧ ବିଭାଜନ ସାହିତ୍ୟର ଏକ ନୂଆରୂପ ସାମ୍ନାକୁ ଆସିଛି । ଏହି ସନ୍ଦର୍ଭ ଉପରେ ଲେଖାଯାଇଥିବା ରଚନା ମୁଖ୍ୟତଃ କଥାସାହିତ୍ୟ ଯାହା ଇଂରାଜୀ ବ୍ୟତୀତ ହିନ୍ଦୀ, ଉର୍ଦ୍ଦୁ, ପଞ୍ଜାବୀ, ସିନ୍ଧୀ ସମେତ ବିଭିନ୍ନ ଭାଷାରେ ରଚନା ହୋଇଛି । ହିନ୍ଦୀ ଭାଷାକୁ ସାମ୍ନା କରିବାପାଇଁ ଇଂରାଜୀରେ ମଧ ଅନେକ ଅନୁବାଦ କରାଯିବାର ପ୍ରକ୍ରିୟା ଜାରି କରାଯାଇଛି ।

ଇଂରେଜ ଶାସନରୁ ଦେଶକୁ ସ୍ୱତନ୍ତ୍ର କରିବା ପାଇଁ ନିଜ ପ୍ରାଣକୁ ଆହୂତି ଦେଇଥିବା ଅଶଫକ୍ ଉଲ୍ଲାଖାଁ (Ashfaq Ulla Khan) କେବଳ ସ୍ୱତନ୍ତ୍ର ସେନାନୀ ନଥିଲେ ବରଂ ଉର୍ଦ୍ଦୁ ସାହିତ୍ୟର ଜଣେ ସ୍ୱର୍ଦ୍ଧିତ କବି ଥିଲେ । ଉଲ୍ଲାଙ୍କ ଦ୍ୱାରା ବିଭାଜନ ସାହିତ୍ୟ କ୍ଷେତ୍ରରେ ମଧ ଅନେକ କାମ କରାଯାଇଛି । ତାଙ୍କର ଯୁକ୍ତି ହେଲା ସାହିତ୍ୟର ଇତିହାସ ଲେଖିବା ପାଇଁ କଞ୍ଚାମାଲର ଆବଶ୍ୟକତା ନାହିଁ; ବରଂ ଐତିହାସିକ ବୃତ୍ତାନ୍ତ, ରାଜନୀତିକ ନଥି, ଧାର୍ମିକ ଗ୍ରନ୍ଥ ପ୍ରଭୃତି ପଢ଼ିବା ଦରକାର । ଉଲ୍ଲା କ୍ରମାଗତ ଭାବେ ଭାରତ ବିଭାଜନର ପରବର୍ତ୍ତୀ ପର୍ଯ୍ୟାୟରେ କଥା ଲେଖନକୁ ଆଲୋଚନାତ୍ମକ ବିଶ୍ଳେଷଣ କରିବା ସହ ଅନୁବାଦ କାମରେ ଲାଗିପଡ଼ିଲେ । ତାଙ୍କ ସମ୍ପାଦନାରେ ବିଭାଜିତ ଭାରତବର୍ଷ ପରବର୍ତ୍ତୀ ଆଧାରିତ କାହାଣୀରୁ ସମୁଦାୟ ୩ ଖଣ୍ଡ ଗ୍ରନ୍ଥ ପ୍ରକାଶ କରାଯାଇଛି । ତାଙ୍କଦ୍ୱାରା ନିଆଯାଇଥିବା ସାକ୍ଷାତକାର ଏକ ମହତ୍ୱପୂର୍ଣ୍ଣ ସଂଗ୍ରହ । "ପାର୍ଟିସନ୍ ଡାଏଲଗ୍ସ", "ମେମୋରିଜ୍ ଅଫ୍ ଲାଷ୍ଟ ହୋମ୍"ରେ ବିଭାଜନ ଉପରେ ଲେଖାଯାଇଛି । ଏଥିରେ ୬ ଜଣ ମହତ୍ୱପୂର୍ଣ୍ଣ ରଚନାକାର ଯଥା- ଇନ୍ତିଜାର ହୁସେନ, ଭୀଷ୍ମ ସାହାନୀ, କୃଷ୍ଣା ସୋବତୀ, କୃଷ୍ଣ ବଳଦେବ ବୈଦ୍ୟ, କମଳେଶ୍ୱର ତଥା ବାପ୍ସୀ ସ୍ୱୀଦ୍ଧା ସହ କରାଯାଇଥିବା କଥାବାର୍ତ୍ତାର ଏହା ଏକ ମନୋଜ୍ଞ ସଂକଳନ । ଭାରତ ବିଭାଜନ ଉପରେ ଲେଖାଯାଇଥିବା ତମାମ ସାହିତ୍ୟ ସମ୍ପର୍କରେ ଏଥିରେ ବିଚାର କରାଯାଇଛି । ଯାହାର ସଂକଳନ ଉଲ୍ଲା ପୂର୍ବରୁ ସଂପାଦିତ କରିଛନ୍ତି । ସେ ଏହି ଲେଖାରେ "ମେମୋରିଜ୍ ଅଫ୍ ଲାଷ୍ଟ ହୋମ ସମ୍ ରିଫ୍ଲେକ୍ସନ୍ ଅନ୍ ପାର୍ଟିସନ ଲିଟେରେଚର" ନାମରେ ପ୍ରକାଶ କରିଛନ୍ତି । ତାଙ୍କର ଏହି ପୁସ୍ତକ ବିଶେଷ କରି ସାକ୍ଷାତ୍କାରରେ କରାଯାଇଥିବା କିଛି କଥୋପକଥୋନର ଏକ ଝଲକ ବ୍ୟତୀତ ଅନ୍ୟ କିଛି ନୁହେଁ ।

ଇଂରେଜ ଶାସନରୁ ଦେଶକୁ ସ୍ୱତନ୍ତ୍ର କରିବା ପାଇଁ ନିଜ ପ୍ରାଣକୁ ଆହୂତି ଦେଇଥିବା ଅଶଫକ୍ ଉଲ୍ଲାଖାଁ (Ashfaq Ulla Khan) କେବଳ ସ୍ୱତନ୍ତ୍ର ସେନାନୀ ନଥିଲେ ବରଂ ଉର୍ଦ୍ଦୁ ସାହିତ୍ୟର ଜଣେ ସ୍ୱର୍ଦ୍ଧିତ କବି ଥିଲେ । ଉଲ୍ଲାଙ୍କ ଦ୍ୱାରା ବିଭାଜନ ସାହିତ୍ୟ କ୍ଷେତ୍ରରେ ମଧ ଅନେକ କାମ କରାଯାଇଛି । ତାଙ୍କର ଯୁକ୍ତି ହେଲା ସାହିତ୍ୟର ଇତିହାସ ଲେଖିବା ପାଇଁ କଞ୍ଚାମାଲର ଆବଶ୍ୟକତା ନାହିଁ; ବରଂ ଐତିହାସିକ ବୃତ୍ତାନ୍ତ, ରାଜନୀତିକ ନଥି, ଧାର୍ମିକ ଗ୍ରନ୍ଥ ପ୍ରଭୃତି ପଢ଼ିବା ଦରକାର ।

ଉଲ୍ଲା ବିଭାଜନ ସାହିତ୍ୟର ଯେଉଁ ଥିମ୍‌କୁ ଗ୍ରହଣ କରିଛନ୍ତି । ଲକ୍ଷଲକ୍ଷ ଲୋକଙ୍କୁ ସେଥିରେ ସେମାନଙ୍କ ଇଚ୍ଛା ବିରୁଦ୍ଧରେ ଘର, ବସ୍ତି, ଦେଶ ଭିତରୁ ଜବରଦସ୍ତ ବେଦଖଲ କରିଦିଆଯାଇଛି । ଏକ ଅଜଣା ପର ସହରର ଗାଁ ଏବଂ କଠିନ ଦୁଃଖଦ ଯାତ୍ରାର ପୀଡ଼ା ପ୍ରତ୍ୟେକ ଅନୁଭବ କରିଛନ୍ତି । ସ୍ୱତନ୍ତ୍ରତା ମିଳିବା ନାମରେ ଯେଉଁ ଅମାନବୀୟ ଦୃଶ୍ୟ ସାମ୍ନାକୁ ଆସିଛି ସେଥିରେ ସଭିଏଁ ବିଚଳିତ ହୋଇଗଲେ । ସାହିତ୍ୟରେ ବିଭାଜନର ଗୋଟାଏ ବିରାଟ ପାଚେରୀ ଭଳି ଉଭା ହେଲା । ହିନ୍ଦୀ ଏବଂ ଉର୍ଦ୍ଦୁ ଦୁଇ ଭାଗରେ ସାହିତ୍ୟକୁ ବିଭାଜିତ କରି ତା'ର ବିଶ୍ଳେଷଣ ଏବଂ ଚର୍ଚ୍ଚା ବି କରାଯାଇଛି । ବିଭାଜନ ବୃତ୍ତାନ୍ତର ଅନୁଭୂତି କିଭଳି ତାଙ୍କୁ ମର୍ମାହତ କରିଛି ତା'ର ବାସ୍ତବ ଚିତ୍ର ସେ ଏଥିରେ ଉପସ୍ଥାପନ କରିଛନ୍ତି । ପାକିସ୍ତାନ ଏବଂ ହିନ୍ଦୁସ୍ତାନର ଧର୍ମୀୟ ବିଚାରଧାରାରେ ବିଭାଜିବ ପରବର୍ତ୍ତୀ ସାହିତ୍ୟ ସତେ ଯେମିତି ଏକ ଯାତନା ଦାୟକ ଅନୁଭବକୁ ପ୍ରକାଶ କରିଛି । ଏହି ସମୟରେ ଅଧିକାଂଶ ରଚନାକାର ଭାରତ ବିଭାଜନ ପରବର୍ତ୍ତୀ ସାହିତ୍ୟରେ ନିଜ ଅନୁଭବ ଉପରେ ବିଶେଷ କରି ତର୍ଜମା କରିଛନ୍ତି ।

ଏମିତି ଏକ ଜୀବନଶୈଳୀ ଯେଉଁଠି ଶୈଶବରେ ହିନ୍ଦୁ ଆଉ ମୁସଲମାନଙ୍କ ମଧରେ କୌଣସି ଭିନ୍ନତା ନଥିଲା ମାତ୍ର ତାହା ବିଭାଜନ ପରେ ଏକ ତିକ୍ତତାର ବାତାବରଣ ସୃଷ୍ଟି କରିଛି । ସ୍ୱତନ୍ତ୍ରତା ପୂର୍ବରୁ ସାମାଜିତ ସମ୍ପର୍କ ଥିଲା ଜୀବନ୍ତ । କୌଣସି ଶତ୍ରୁତାର ଭାବ ନଥିଲା । ଇନ୍ତିଜାର ହୁସେନ କହନ୍ତି ବୁଲଂ ସହରରେ ତାଙ୍କ ଗାଁ ଡିବାଇ ଠାରେ ରାମଲୀଳା, ଦିୱାଲି ପର୍ବ ଖୁବ୍ ଜୋରସୋରରେ ପାଳନ ହେଉଥିଲା । ସେଥିରେ ନା ହିନ୍ଦୁଭାବ ଥିଲା ନା ମୁସଲିମ୍‌ଭାବ ଥିଲା । ଦୁଇ ସମ୍ପ୍ରଦାୟର ଲୋକମାନେ ଖୁବ୍ ଉଲ୍ଲାସରେ ରହୁଥିଲେ ଏବଂ ଆନନ୍ଦ ଅନୁଭବ କରୁଥିଲେ । ଭୀଷ୍ମ ସାହାନୀ ମଧ ନିଜ ପିଲାଦିନର ଅନୁଭୂତିକୁ ବଖାଣିବାକୁ ଯାଇ କହନ୍ତି ତାଙ୍କର ଅନେକ ମୁସଲ୍‌ମାନ ବନ୍ଧୁଥିଲେ । କିନ୍ତୁ ସେମାନେ ତାଙ୍କ ଘରକୁ ଆସୁ ନଥିଲେ । କୃଷ୍ଣବଳଦେବ କହନ୍ତି, ଯେତେବେଳେ ମୁଁ ନିଜ ସ୍ମୃତିକୁ ରୋମନ୍ଥନ କରୁଥିଲି ସେତେବେଳେ ମୋର ସାରା ଉପନ୍ୟାସ ଏହି ରୋମନ୍ଥନର ରୂପଚର୍ଯ୍ୟାରେ ଭରିଯାଉଥିଲା । ସ୍ୱାଧୀନତା ପୂର୍ବରୁ ସାମ୍ପ୍ରଦାୟିକତାର ଉତ୍କଟ ବୀଜ ବପନ ହୋଇ ନଥିଲା । ଗୋଟାଏ ସହଜ ସରଳ ଐକ୍ୟବୋଧ ଜୀବନଯାପନ ସଭିଏଁ କରୁଥିଲେ ।

ପାକିସ୍ତାନର ଇତିହାସକାର ଆଇ.ଏଚ.କୁରେସି ଏମିତି ଏକ କଥା ଉଠାଇ କହନ୍ତି, ଐତିହାସିକ ରୂପରେ ହିନ୍ଦୁ ଏବଂ ମୁସଲମାନ ସର୍ବଦା ଅଲଗା ଥିଲେ । ସ୍ୱତନ୍ତ୍ରତା ପରେ ଏହା ବିଭାଜିତ ହେବା ନିଶ୍ଚିତ କଥା ଥିଲା । ଏହା ଉପରେ କୃଷ୍ଣାଜୀ କହନ୍ତି, ଯଦି କୌଣସି ଇତିହାସକାର କୌଣସି ଏକ ବିଶେଷ ପକ୍ଷକୁ ନିଜ ଆଡ଼କୁ ନେଇ ସାହିତ୍ୟ ରଚନା କରନ୍ତି, ତେବେ ସେ ସାହିତ୍ୟ ହୋଇଯାଏ ହେରଫେର୍ ଏବଂ ତାହା ହୋଇଯାଇ କରପ୍ଟ ଲିଟେରେଚର । ସ୍ୱାଧୀନତା ପୂର୍ବରୁ ପ୍ରତ୍ୟେକ ପକ୍ଷ ଅନ୍ୟର ଭିନ୍ନତାକୁ ସମ୍ମାନ କରୁଥିଲେ । ସମାନ ଭାଷା ସମଭାଷାରେ ଭାବବିନିମୟ ମଧ କରୁଥିଲେ । ସେମାନଙ୍କ ଭିତରେ ଧାର୍ମିକ ପରିଚୟ ଭିନ୍ନ ଥିଲେ ବି ଏଭଳି ମୌଳବାଦୀ ଚିନ୍ତାଧାରା ଆଦୌ ନଥିଲା । ତତ୍କାଳୀନ ସମୟରେ ମିଆଁମିର୍ ସାହାବ ଏବଂ ଜଗୁ ଭଗତଙ୍କର ସମ୍ପର୍କ ଏହାର ଜ୍ୱଳନ୍ତ ଉଦାହରଣ । ହିନ୍ଦୁ ଏବଂ ମୁସଲମାନ ଶାନ୍ତି ଓ ସହାବସ୍ଥାନ ଭିତରେ ଜୀବନ ଅତିବାହିତ କରୁଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ମଣିଷ ମଣିଷ ଭିତରେ ଚିନ୍ତାଧାରା, ବିଚାରଶୈଳୀ ଏବେ ଉତ୍କଟ ହେଲା ଯେ, ଯାହାର ପ୍ରଭାବ ଚଳମାନ ଏକବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଆମକୁ ଦଂଶନ କରିଚାଲିଛି ।

ସ୍ୱାଧୀନତା ପୂର୍ବରୁ ଏମିତି ଉତ୍କଟ ମାନସିକତା ଦେଖାଯାଇ ନଥିଲା । ଯାହା ବର୍ତ୍ତମାନ ସଚରାଚର ଦୃଷ୍ଟି ସାମ୍ନାକୁ ଆସୁଛି । ଧର୍ମକୁ ନେଇ ଦଙ୍ଗା, ରକ୍ତପାତ ଏବଂ ପ୍ରତିହିଂସା ମନବୃତ୍ତି ଯେଭଳି ପ୍ରତ୍ୟେକଙ୍କୁ କବଳିତ କରିଛି । ୧୯୪୦ ପରେ ଭାରତ ଯେ ବିଭାଜନ ହୋଇଯିବ ଏକଥା ସଭିଙ୍କୁ ଜଣାଥିଲା । ଏ ସମ୍ପର୍କରେ କୃଷ୍ଣାଜୀ ମଧ ନିଜର ମତ ଦେଇଛନ୍ତି । ତାଙ୍କ ଶବ୍ଦରେ ପାକିସ୍ତାନ ଭଳି ଧର୍ମଭିତ୍ତିକ ରାଷ୍ଟ୍ର ଗଠନ କରିବାର ଦାବୀ ଏକ ଆକସ୍ମିକ ଓ ବିଚିତ୍ର ଘଟଣା ଥିଲା । ବିଭାଜନର ବାସ୍ତବ ଦୃଶ୍ୟକୁ ସେ ନିଜ ଆଖିରେ ଦେଖିଛନ୍ତି, ଅନୁଭବ କରିଛନ୍ତି । ୧୯୪୬-୪୭ରେ ହୃଦୟ ବିଦାରକ ଦମନଲୀଳାକୁ ପ୍ରତିହତ କରାଯାଇ ପାରିଥାଆନ୍ତା । ହିଂସାକୁ ମଧ ରୋକାଯାଇ ପାରିଥାଆନ୍ତା । କିନ୍ତୁ ତାହା ହେଲା ନାହିଁ । (କ୍ରମଶଃ)

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

## ସ୍ମୃତି ଶତଦଳ ୨୦୨



# ତନ୍ମୟ ତଥାସ୍ତୁ

ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କରୋଡ୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭

**କବିଟିର ସବୁବେଳେ ତୃତୀୟ ନୟନ ଥାଏ, ଯେଉଁଥିରେ ସେ ଧରାର ସବୁତକ ସୌନ୍ଦର୍ଯ୍ୟ ଦେଖିପାରେ । ପ୍ରତ୍ୟକ୍ଷ ଦର୍ଶନ ନହେଲେ ବି, ପ୍ରତୀକାତ୍ମକ ଦର୍ଶନ କରେ ସେ । ଚକ୍ଷୁ ବନ୍ଦ କରି ପ୍ରକୃତିର ଅନନ୍ୟ ଶୋଭା ଓ ବନ ଅରଣ୍ୟ, ବୃକ୍ଷରାଜି ତଥା ବୋହିଯାଉଥିବା ଝରଣାର ଦୃଶ୍ୟ ସେ ଅବଲୋକନ କରିପାରେ**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଜୀବନ ତମାମ କବିତାର ହାତଧରି ସେଇ ଅଖଣ୍ଡ ଓ ଅନୁପମ ଯାତ୍ରାରେ ନିମଗ୍ନ ଥାଏ କବି, ଶହ ଶହ କୋଶ ଚାଲିଲେ ବି ସେ ଅସରା କେବେ ହେଲେ ସରେ ନାହିଁ । "ଆଗରେ ରହିଛି ପଡ଼ି ଦୂରପଥ, ବହୁକ୍ରୋଶ ବାକି, ଯାତ୍ରୀ ମୁଁ ଚାଲିଛି ପୁଣି ଚାଲୁଥିବି ନମୁଦୁଣୁ ଆଖି ।"

ହୃଦୟ ଓ ମନର ନିର୍ଯ୍ୟାସକୁ କାଳିରେ ବୁଡ଼ାଇ କଲମରେ ଲେଖିବା ବଡ଼ ଗହନ କଥା । ଲେଖିଲା ବେଳେ ସେ ଅକ୍ଷର ସବୁ ସୁବର୍ଣ୍ଣ ଅକ୍ଷର ଭଳି ମନେହୁଏ, ଶବ୍ଦସବୁ ମୁଗ୍ଧ ଏବଂ ମଧୁର ଲାଗେ ଏବଂ ବହିଟିଏ ଛପା ହୋଇଗଲେ ଓ ବହିର ଅକ୍ଷର ଗୁଡ଼ିକ ଉପରେ ହାତ ବୁଲାଇ ଆଣିଲେ ବହିର ଧାଡ଼ି ଧାଡ଼ି ଶବ୍ଦ ସବୁ ଲାଗେ ଖୁବ କୋମଳ, ଖୁବ୍ ନରମ ଆଉ ଖୁବ୍ ମୁଲାୟମ୍ ।

ଆଗରୁ ବହିର ଉନ୍ମୋଚନ ବା' ଲୋକାର୍ପଣ ଉତ୍ସବ ଏତେ ହେଉନଥିଲା କିନ୍ତୁ ଆସ୍ତେ ଆସ୍ତେ ଲୋକାର୍ପଣ ଉତ୍ସବରେ ଗୁରୁତ୍ୱ ବଢ଼ିଲା । 'ତନ୍ମୟ ତଥାସ୍ତୁ' ଲୋକଲୋଚନକୁ ଆସିବାରେ ଶ୍ରଦ୍ଧେୟ ସାନଭାଇ କବି ସୁନୀଲ କୁମାର ପୃଷ୍ଟିଙ୍କର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ସେ ଖୁବ୍ ଆଗ୍ରହ ଓ ଆନ୍ତରିକତାର ସହ କବିତା ଗୁଡ଼ିକ ସଜାଇ ଦେଲେ କାରଣ ମୁଁ ସେ ସମୟରେ ଏସ୍‌ସିବି ଗାଇନିକ ଡିପାର୍ଟମେଣ୍ଟରେ ପ୍ରଫେସର ଥିଲି । ହସ୍‌ପିଟାଲ କାମ, କ୍ଲିନିକ୍ କାମ ତଥା ଅପରେସନ୍ ଆଦି କରିବାକୁ ଖୁବ୍ ବ୍ୟସ୍ତ ରହିଯାଉଥିଲି । ତେଣୁ ସବୁ କବିତାଗୁଡ଼ିକ ଏକାଠି କରି ସଜାଡ଼ିବାକୁ ସମୟ ହେଉନଥିଲା । ସାନଭାଇ ସୁନୀଲ ତାକୁ ବାଧ ବାଧକତା ସହ କରାଇନେଲେ କହିଲେ ଅତ୍ୟୁକ୍ତି ହେବନାହିଁ । ଏମିତିକି ଲୋକାର୍ପଣ ଉତ୍ସବ ପାଇଁ ବହି ମଧ ପ୍ରସ୍ତୁତ ହୋଇଗଲା । ଏହାର ଲୋକାର୍ପଣ ଉତ୍ସବ ପାଇଁ ଆମେ ଅନୁରୋଧ କରିଥିଲୁ ବିଶିଷ୍ଟ କବି ଶ୍ରୀଯୁକ୍ତ ରମାକାନ୍ତ ନାଥ, ଶ୍ରୀମତୀ ପ୍ରତିଭା ଶତପଥୀ ଓ ପ୍ରମୋଦ କୁମାର ମହାନ୍ତିଙ୍କୁ । ସମସ୍ତେ ସଦୟ ସ୍ୱୀକୃତି ପ୍ରଦାନ କରିଥିଲେ ।

ଉପଯୁକ୍ତ ସମୟରେ ସମସ୍ତ ଅତିଥି ଆସି ପହଞ୍ଚିଯାଇ ଥିଲେ । ଆମ ହସ୍‌ପିଟାଲର ଜୀବାନନ୍ଦ ପଦ୍ମାବତୀ ଅଡିଟୋରିୟମ୍ ବେଶ୍ ପ୍ରଶସ୍ତ- ସେଇଠାରେ ହିଁ ସବୁ ପ୍ରସ୍ତୁତି କରାଯାଇଥିଲା । ସେଠି ଡଃ ବିଜୟାନନ୍ଦ ସିଂ ମଧ ମଚାଂସୀନ ଥିଲେ । ବହୁ ବିଶିଷ୍ଟ କବି ଓ ଲେଖକମାନେ ସେଦିନର ଶ୍ରୋତା ଥିଲେ । 'ତନ୍ମୟ ତଥାସ୍ତୁ'ର ଲୋକାର୍ପଣ ଉତ୍ସବ ଚମତ୍କାର ଭାବରେ ହେଲା । ସେ ଉତ୍ସବଟି ଯେ ଏତେ ପ୍ରାଣସ୍ପର୍ଶୀ ହେବ ତାହା ମୋ କଳ୍ପନାର ବାହାରେ ଥିଲା । ସେଦିନ ଅଦିନରେ ଅଚାନକ ସମୁଦ୍ରରେ ଲଘୁଚାପ ସୃଷ୍ଟି ହେଲା ଏବଂ ଅସରା ଅସରା ବର୍ଷା ମୋର ସମସ୍ତ ଜୀବକୋଷ ଓ ପ୍ରାଣସତ୍ତାକୁ ଆର୍ଦ୍ର କରିଦେଲା ।

"ଅଚାନକ ସମୁଦ୍ରରେ/ ଲଘୁଚାପ ସୃଷ୍ଟି ହେଲା- ପ୍ରଥମ ମୌସୁମୀ ବର୍ଷା, ଏ ମାଟିକୁ ଛୁଇଁବା ଆଗରୁ/ ଓଦା କରିଦେଲା ମୋର ଆଶା ଆଉ ହତାଶାମାନଙ୍କୁ/ ଓଦା କରିଦେଲା ମୋର ଦୀର୍ଘ ତ୍ରିକାଳକୁ ।" (ଲଘୁଚାପ- ତନ୍ମୟ ତଥାସ୍ତୁ)

ମେଘ ଏକ ସାଂକେତିକ ଶବ୍ଦ ଯାହାର ପ୍ରତିଟି ସୂକ୍ଷ୍ମ ଅଂଗରୁ ଝରିଯାଏ, ମେଘଫୁଲ "ଏମିତି ସୁକୃତ କାହିଁ/ ମୋ ଠାରେ ଯେ/ ମେଘମୟ ହାତରେ ମୁଁ/ ତୁମକୁ ଛୁଇଁଲା ମାତ୍ରେ/ ମେଘଦ୍ୱାର କବରୀରୁ/ ଫିଟିପଡ଼ି ଝରିଯିବ ଶବ୍ଦର ଝରଣା/ କବିତାର ମେଘପୁଷ୍ପ/ ଭିଜାଇ ଦେବ ମୋ' ଦେହ ଚାହୁଁ ଚାହୁଁ ସାରା ଅଂଗ/ ପିନ୍ଧିନେବ କବିତାର/ ଭଳି ଭଳି ବିଚିତ୍ର ପୋଷାକ । ଏବଂ ସେ ପରମ ପୁରୁଷଙ୍କୁ ପୁଣି ପ୍ରଶ୍ନ କରିଛି- "ଏମିତି ନିଷ୍ଠା ବି ନାହିଁ ମୋ ଠାରେ ଯେ/ ପ୍ରିୟ ମୋର ପରମ ଈଶ୍ୱର/ ତୁମକୁ ଛୁଇଁଲା ମାତ୍ରେ/ ଅମୃତ ଅଭିଷେକର ସିଂଚନରେ/ ପାଖୁଡ଼ା ପାଖୁଡ଼ା ମୋର ଆତ୍ମା ଫୁଲ ହେବ ପ୍ରସ୍ଫୁଟିତ, ତୁମ ସ୍ୱର ଜୀବନ୍ୟାସ ଦେବ ମତେ / ନିଭୃତା ନଦୀ ମୁଁ ହେବି ଉତ୍ତରିତା/ ତୁମ ମଧୁର ସ୍ପର୍ଶରେ/ ମୋ ଦେହ ପାଲଟି ହେବ/ କମନୀୟ କବିତାର/ ମୁଗ୍ଧ ନୀଳୋତ୍ପଳ ।"

କବିଟିର ସବୁବେଳେ ତୃତୀୟ ନୟନ ଥାଏ, ଯେଉଁଥିରେ ସେ ଧରାର ସବୁତକ ସୌନ୍ଦର୍ଯ୍ୟ ଦେଖିପାରେ । ପ୍ରତ୍ୟକ୍ଷ ଦର୍ଶନ ନହେଲେ ବି, ପ୍ରତୀକାତ୍ମକ ଦର୍ଶନ କରେ ସେ । ଚକ୍ଷୁ ବନ୍ଦ କରି ପ୍ରକୃତିର ଅନନ୍ୟ ଶୋଭା ଓ ବନ ଅରଣ୍ୟ, ବୃକ୍ଷରାଜି ତଥା ବୋହିଯାଉଥିବା ଝରଣାର ଦୃଶ୍ୟ ସେ ଅବଲୋକନ କରିପାରେ । ସେଥିପାଇଁ କବି ଭୀମଭୋଇ ବା ବିଶ୍ୱ ବିଖ୍ୟାତ କବି ଜନ୍‌ମିଲଟନ୍ ଅନ୍ଧ ହୋଇ ମଧ ଅତି ଅମୂଲ୍ୟ 'କାବ୍ୟ' ଗ୍ରନ୍ଥ ସବୁ ରଚନା କରି ଯାଇଛନ୍ତି, ଯାହା ଆଜି ଏକ ଏକ ଦୁର୍ଲଭ ରଚନା ଭାବରେ ପରିଗଣିତ ହେଉଛି ।

କବି ଗାଳ୍ପିକ, ଔପନ୍ୟାସିକ ବା ପ୍ରାବନ୍ଧିକ ଯେକୌଣସି ଲେଖାଟିଏ ଲେଖୁନା କାହିଁକି ତା'ର ହୃଦୟର ସମସ୍ତ ରକ୍ତ କୋଷକୁ ଚିପୁଡ଼ି ସେଥିରୁ ନିର୍ଯ୍ୟାସ ବାହାର କରି କାଳି ଓ କଲମରେ ତାକୁ ସଜାଇ ଦେଇଥାଏ । ସମୟ କ୍ରମେ ତା'ର ମୂଲ୍ୟାୟନ ହୋଇଥାଏ ଏବଂ ସେଇ କବିତା ଓ ଗଳ୍ପ ସବୁ କାଳଜୟୀ ଲେଖା ଭାବେ ପରିଗଣିତ ହୋଇଥାଏ ।

ଏହି କ୍ରମରେ କବି ସୁନୀଲ ପୃଷ୍ଟିଙ୍କ ଭାଷା ସହ ଲେଖାଟିକୁ ସ୍ଥାନିତ କରୁଛି- "ସାମ୍ପ୍ରତିକ ଓଡ଼ିଆ କବିତାର ଉତ୍ତୀର୍ଣ୍ଣ ସ୍ୱର ସରୋଜିନୀ ଷଡ଼ଙ୍ଗୀଙ୍କ କବିତା ଆବେଗ ଓ ଆଧାତ୍ମିକତାର ଏକ ଅଦ୍ଭୁତ ମିଶ୍ରରାଗ । କେବେ କେବେ ଗଭୀର ରାତ୍ରିର ଅନ୍ଧାର ଭିତରୁ ଆକାଶ ଭରା ତାରା ଆଲୁଅର ଛାଇ । ରହସ୍ୟ ଓ ରସଘନ ଅନୁଭବର ନିଆରା ଉପଲବ୍ଧି ସରୋଜିନୀଙ୍କ କବିତା ।

ତାଙ୍କ କବିତାରେ ନାରୀର ଭଲ ପାଇବା ଓ ସେଇ ଭଲ ପାଇବାକୁ ନେଇ ଏକ ଅନିନ୍ଦ୍ୟ ଜଗତର ଅନ୍ୱେଷାରେ ବାହାରିଯିବା ଘଟୁଥାଏ । ସେଠି ଆତ୍ମବିଶ୍ୱାସ ଯେତିକି, ତା'ଠୁ ଆଶା ବି ଅଧିକ ଓ ଆଶ୍ରା କେବେ ରୂପାନ୍ତରିତ ସବୁ ସୁନ୍ଦର ପ୍ରାପ୍ତିର ପୁଲକ । ସଂକ୍ଷେପରେ ସରୋଜିନୀଙ୍କ କବିତା ଅପୂର୍ବ ପ୍ରାପ୍ତି ଓ ବହୁ ଅନିର୍ବଚନୀୟ ଆହ୍ଲାଦର ଆବିଷ୍କାର ।

'ସୂର୍ଯ୍ୟାସନ', 'ଆଖି କଥା କହେ', 'ଶ୍ୱେତାମ୍ବରୀ', 'ଅମ୍ବିକା', 'ଅସବର୍ଣ୍ଣା', 'ମନସ୍ୱିନୀ', ପରବର୍ତ୍ତୀ ସପ୍ତମ କବିତା ସଂକଳନ 'ତନ୍ମୟ ତଥାସ୍ତୁ', ଏକ ଅନିନ୍ଦ୍ୟ ପ୍ରାପ୍ତିର ପୁଲକ ।

ନାରୀ ପାଖରେ ବହୁ ସୁନ୍ଦରତମ ଅନୁଭବର ଜାଗତିକ ଓ ପରଜାଗତିକର ଅବସ୍ଥିତି ଆବିଷ୍କାର କରିହୁଏ, 'ତନ୍ମୟ ତଥାସ୍ତୁ' କବିତା ସଂକଳନରେ । କେବେ ପ୍ରଣୟର ଇନ୍ଦ୍ରଧନୁ ଉଏଁ ତ, କେବେ ଘନ ରହସ୍ୟର ଛାୟା ପଟଳରେ ପ୍ରତିଶ୍ରୁତିର ମୟୂରଚନ୍ଦ୍ରିକାର ରଙ୍ଗ ଉଙ୍କିମାରେ । ମନେ ହୁଏ ଆତ୍ମବିସ୍ମୃତିର ସେ ଅଭୁଲା ମୁହୂର୍ତ୍ତ ଆଜି ଏଇଠି ଉପସ୍ଥିତ, କେବେ କବିତାର ଓଠରୁ ଝରିଯିବ ତଥାସ୍ତୁ ।

ଓଡ଼ିଆ କବିତା ପାଠକମାନଙ୍କ ପାଇଁ ସରୋଜିନୀଙ୍କ ଏହି ସଂକଳନ ଅନନ୍ୟ ଅନୁଭବର ଏକ ସଫଳତମ ଯାତ୍ରା ।" (କ୍ରମଶଃ)

## ପୁସ୍ତକ ସମୀକ୍ଷା

**'ଶବ୍ଦ'**
(କବିତା ସଂକଳନ)
କବି: ଶ୍ରୀଯୁକ୍ତ ରତ୍ନାକର ରାଉତ
ପ୍ରକାଶକ- ଡ୍ରିମ୍ସ
୧୧୫ (ପି) ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୭୫୧୦୧୩
ମୂଲ୍ୟ-୬୦/-




ଶବ୍ଦର ବିସ୍ଫୋଟନ ଯୁଗରୁ ଯୁଗାନ୍ତ ପର୍ଯ୍ୟନ୍ତ । ସମୟର ନିରବ ପଦାଯାତ୍ରାକୁ ବାଙ୍ମୟ ଭଙ୍ଗୀରେ ବିଘଟିତ କରେ କବିତା । ଶବ୍ଦ ହିଁ ସତ୍ୟର ଉଦ୍ଘରକ ଓ ପ୍ରଚାରକ । ଘଟିତ ସତ୍ୟ, ଫଳିତ ସତ୍ୟ, ଆସନ୍ନ ସତ୍ୟ, ବିପନ୍ନ ସତ୍ୟ- ସବୁକୁ ଏକାଠି କଲେ ଶବ୍ଦ ହିଁ ଶିବ ସୁନ୍ଦରମୟ ମହାସତ୍ୟ । ସମୟର ସ୍ୱର ଓ ସଂକେତକୁ ଚରିତ୍ରର କାବ୍ୟଘଟ ଦେବାରେ କବିତ୍ୱକୁ ଚରିତାର୍ଥ କରିଥିବା କବି ରତ୍ନାକର ରାଉତଙ୍କର ଅନ୍ୟତମ ଚର୍ଚ୍ଚିତ କବିତା ସଂକଳନ 'ଶବ୍ଦ'ର ଅନୁଚ୍ଚ ଏବଂ ଅତ୍ୟୁଚ୍ଚ ନାଦକୁ ତନଖି ଦେଖିଲେ (ଶୁଣିଲେ) ଶବ୍ଦକୁ ସତ୍ୟ ବୋଲି ବୁଝାପଡ଼େ ।

ସେଣ୍ଟ ଆଣ୍ଡ୍ ଫମ୍ (ଫେଣ ଓ ବାଲୁକା) କବିତାରେ ଖଲିଲ ଜିବ୍ରାନ୍ କହୁଛନ୍ତି- "Be careful of word you say/ keep then short and sweet/ you never know, from day to day/ which ones you will have to eat." ଶବ୍ଦକୁ ସଯତ୍ନେ ସାଇତି ରଖିବାର ସଂକ୍ଷିପ୍ତାୟନ ଭିତରେ ବି ଶବ୍ଦକୁ ହଜମ କରିପାରିବାର ଆହ୍ୱାନରେ କବି ଆତ୍ମା ଚିର ଚେତନଶୀଳ । ଶବ୍ଦ ହିଁ ଶକ୍ତି, ଶବ୍ଦ ହିଁ ସଂହତି । ଶବ୍ଦ ହିଁ ବ୍ରହ୍ମାଣ୍ଡର ପରିପ୍ରକାଶ । ଶବ୍ଦ ହିଁ ସମୟର ଶଙ୍ଖନାଦ । ଏହି କ୍ରମରେ ସମବାଚୀ ଅଥଚ ଭିନ୍ନ ଶୀର୍ଷକର ୩୩ଟି କବିତାକୁ ନେଇ ଶ୍ରୀଯୁକ୍ତ ରାଉତଙ୍କର 'ଶବ୍ଦ' କବିତା ସଂକଳନର ଶବ୍ଦ ବିହାର ।

ଶବ୍ଦଟିଏ କେତେବେଳେ ଆସି ଚେତନାର ଯୋଗାଯୋଗ କେନ୍ଦ୍ରରେ ଛିଡ଼ା ହେବ, କବାଟ ଠକ୍ ଠକ୍ ନକରି ସତ୍ୟର ସମର୍ଥନ ସୂଚକ ଝିଟିପିଟିର ଠିକ୍ ଠିକ୍ ଆୱାଜ ଦେବ, ସେଇ ପ୍ରତୀକ୍ଷାରେ ସଂସାରର ସମସ୍ତ କବି । ତେବେ ସମୟର କେଉଁ ସନ୍ଧିରେ ଲୁଚି ରହିଥାଏ ସେଇ ଶବ୍ଦ । କବିକୂଳ କ'ଣ ହରାଇ ବସିଲା ନିଷ୍ଠା !! "ତୁ ବାଟ ଭୁଲିଛୁ/ ଶବ୍ଦକୁ ସାଇତିବାକୁ ତୋ'ର ନିଷ୍ଠା କାହିଁ/ ସେ ପରା ବ୍ରହ୍ମ, ଭାରି ସ୍ୱାଭିମାନୀ/ ବିଜୁଳି କନ୍ୟା ପରି ଏଇ ଅଛି/ ଏଇ ନାହିଁ/ ଚାଲିଗଲେ ରଖି ଦେଇଯିବ ଦାଗ/ କେଉଁ ଅଭୁଲା ଖୁଅଟେ/ ଯୋଖି ରହିଥିବ କେଉଁଠି/ କେଉଁ କନ୍ଦରରେ +++ ।" ସଂକଳନଟିର 'ଶବ୍ଦ' ଶୀର୍ଷକରେ ଲିଖିତ କବିତାର ଏଇ ପଂକ୍ତିରୁ ଜଣାପଡ଼େ ଶ୍ରୀଯୁକ୍ତ ରାଉତଙ୍କର ଶବ୍ଦଭୁକ୍ ପ୍ରବଣତା ।

ସଂକଳନଟିର ପ୍ରକାଶ କାଳ ୨୦୦୭ ମସିହା । ଇଙ୍କ ଓଡ଼ିଶା ଦ୍ୱାରା ପ୍ରକାଶିତ ଏହି ସଂକଳନଟିକୁ କବି ଉତ୍ସର୍ଗ କରିଛନ୍ତି ଓଡ଼ିଶାର ଅନ୍ୟତମ ବରେଣ୍ୟ ଜନନେତା ଶ୍ରୀଯୁକ୍ତ ଦୁର୍ଯୋଧନ ମାଝିଙ୍କୁ । ଜୀବନର ବାସ୍ତବତାକୁ ସୂଚାଉ ସୂଚାଉ ଗଭୀର ଜୀବନ ବୋଧ ଭିତରକୁ ପ୍ରବେଶିବା ହେଉଛି ଶ୍ରୀଯୁକ୍ତ ରାଉତଙ୍କର କାବ୍ୟଗଢ଼ଣର ବିଶେଷତ୍ୱ । ସାମାଜିକ ଦୃଶ୍ୟପଟରେ ଜୀବନୀୟ ନିର୍ଯ୍ୟାସକୁ ଠାବ କରିବା ଏବଂ ଜୀବନୀୟ ନିର୍ଯ୍ୟାସ ଭିତରେ ସାମାଜିକ ପ୍ରତିବଦ୍ଧତାକୁ ଜାହିର କରିବାରେ ସଫଳକାମ କବି ରତ୍ନାକର ରାଉତ ସ୍ୱକୀୟ କାବ୍ୟ ଉଚ୍ଚାରଣ ମାନଙ୍କରେ ନନ୍ଦଦାସ ଓ ରାମୁଲୁ ପରି କତିପୟ ପ୍ରତୀକଧର୍ମୀ ଚରିତ୍ରକୁ ଫୁଟାଇଛନ୍ତି 'ଶବ୍ଦ' ସଂକଳନରେ । ଶବ୍ଦ ବା ପଂକ୍ତିର ସ୍ଥାୟୀତ୍ୱ ଉପରେ ଆସ୍ଥାବାନ ହୋଇ ଟୋନି ମରିସିନ୍ ନିଜର ନୋବେଲ ଉଦ୍‌ବୋଧନରେ ବକ୍ତବ୍ୟ ବାଢ଼ିଥିଲେ- "We die. That may be the meaning of life. But we do language. That may be the measure of our lives."ଭାଷା ବା ସାହିତ୍ୟର ଏହି ପାରାମିଟର 'ଶବ୍ଦକୁ' ତତ୍ତ୍ୱ ଆଡ଼କୁ ନନେଇ ଶ୍ରୀଯୁକ୍ତ ରାଉତ ସାମାଜିକ ଦୃଷ୍ଟିଭଙ୍ଗୀର ଏକ ଏକ ମାନକ ଭାବରେ କେମିତି ବ୍ୟବହାର କରିଛନ୍ତି ଦେଖାଯାଉ ।" +++ କାନ୍ଧ ଲଗାଇଥିବା କଂକାଳ ମାନେ/ ଏବେ ସେମିତି ପଡ଼ିରହିଛନ୍ତି ଇତସ୍ତତଃ/ କିଏ ରଖୁଛି ତାଙ୍କର ଖୋଜ ଖବର/ ଶୀର୍ଷରେ ପହଂଚିଗଲା ପରେ ଆରୋହୀ/ ଶିଡି ପଡ଼ିଛି ଭାଙ୍ଗିରୁଜି/ ତାକୁ ଲୋଡୁଛି କିଏ/+++ (କବିତା- ଭଂଗା ଶିଡ଼ି- ୩୭) ।"

ସୁନନ୍ଦା ପ୍ରଧାନଙ୍କ ଦ୍ୱାରା ଅଂକିତ 'ଶବ୍ଦ' ସଂକଳନର ପ୍ରଚ୍ଛଦରେ ସ୍ଥାନିତ ଗଭୀର ନିଶିଥରେ ଫୁଟିବାକୁ ପ୍ରତୀକ୍ଷମାଣ ରଜନୀଗନ୍ଧା କଳିକା । ସହଜ ସରଳ ଏବଂ ବୋଧଗମ୍ୟ ଭାଷାରେ ଶ୍ରୀଯୁକ୍ତ ରାଉତ ସ୍ୱକୀୟ ସୃଜନକଳାର ସ୍ୱତଃ ପ୍ରବାହିତ ଧାରାଟିଏ । ସାଧାରଣ ଜନ ଜୀବନ ଏବଂ ଆଧୁନିକତା ରହିତ ବ୍ୟକ୍ତି ମନସ୍ତତ୍ତ୍ୱ ତଥା ଯନ୍ତ୍ରଣାକୁ ବିବିଧ ପ୍ରସଙ୍ଗ ମାନଙ୍କରେ ସେ ଦେଇଛନ୍ତି ସାର୍ବଜନୀନ ଆବେଦନର ପରିଭାଷା ।

ତାଙ୍କ କବିତାର ଚିତ୍ର ସବୁ ଚଳନ୍ତି ସମୟରୁ ହିଁ ହୋଇଛି ଉତ୍ତଳିତ । ସେ ବ୍ୟସ୍ତ ସହରର ଅନାମଧେୟ ଗଳିରୁ ଆବିଷ୍କାର କରିଛନ୍ତି 'ରାମୁଲୁ' ଚରିତ୍ର । "ରାମୁଲୁ ରିକ୍‌ସାବାଲା/ ଅନେକ ଦିନ ହେବ ଆସିଲାଣି ଏ ସହରକୁ/ ଏଠିକାର କୁଆ, କୁକୁଡ଼ାମାନେ କେତେବେଳେ ରାବନ୍ତି/ ବାଦୁଡ଼ି ମାନେ କେତେବେଳେ ଶୁଅନ୍ତି/ ଏବଂ ସାପମାନେ ଗାତରୁ ବାହାରି/ କେତେବେଳେ ପୁଣି ଗାତକୁ ଫେରନ୍ତି/ ସେ କଥା ସେ କିଛି ଜାଣି ପାରିଲାନି ଆଜି ଯାଏଁ (କବିତା, ରାମୁଲୁର ନୂଆବର୍ଷ, ପୃ- ୦୯)

କୋଲେରିକ୍ କହିଲେ Best word in the best order ର କଥା । ତେବେ ଶବ୍ଦର ଅଦଳବଦଳ ଏବଂ ଯୋଡ଼ି-ଯମକ ଯୋଡ଼ି-ଅନୁପ୍ରାସକୁ ଛନ୍ଦି ଛନ୍ଦି ହିଁ କଣ କେବଳ ଶବ୍ଦ ଖେଳ ଦ୍ୱାରା best order ର ପ୍ରଭାବ ଶାଳୀ ମନ୍ତବ୍ୟଟିଏ ରଖାଯାଇ ପାରେ କବିତାରେ ? କବିଟିଏ ଆବେଗର ସ୍ୱଚ୍ଛନ୍ଦ ପରିପ୍ରକାଶ ପାଇଁ କବିତା ଲେଖେ ଅଥବା ପୁଞ୍ଜିଭୂତ ଆବେଗକୁ ଶବ୍ଦରେ ମୁକ୍ତି ଦେବାର ଯାତନା ଭିତରେ କବିତା ଲେଖେ ? ଟିଂଏସ ଏଲିଅଟ କହୁଛନ୍ତି, Poetry is not a turring loss of emotion, but an escape from emotion, it is not the expression of personality but an escape from personality. ସେହି ମର୍ମରେ ଶ୍ରୀଯୁକ୍ତ ରାଉତଙ୍କର ଶବ୍ଦ ଖୋଜିଛି ଏକ ରୁଦ୍ଧ ଆବେଗରୁ ମୁକ୍ତି ପାଇଁ କବିତାର ଆଧାର ଏବଂ ଭୂମି । 'ନିବିଡ଼ ଅନ୍ଧାର ଛବି' କବିତାକୁ ଥରେ ଦୃଷ୍ଟି ଦିଆଯାଉ । ନିବିଡ଼ ଅନ୍ଧାର ଭିତରେ ଫୁଟି ଉଠିବା ପୂର୍ବରୁ ସହସ୍ରାବାର ଚିନ୍ତା କରୁଥିବା ରଜନ ଗନ୍ଧାର କଳିକା ଅବା କେଉଁଠି କେଉଁ ସୁଗନ୍ଧି ବିଞ୍ଚି ସାମାଜିକ ଏବଂ ବ୍ୟକ୍ତି ଜୀବନର ପୁତିଗନ୍ଧମୟ ପରିବେଶରୁ ଦୂରେଇ ପାରିବ ଆବର୍ଜନା ଏବଂ ଅଳନ୍ଦୁ !! ସାଂପ୍ରତିକ ସମୟର ଦୃଶ୍ୟ ଦେଖି ଦେଖି କବି ପାଲଟି ଯାଉଛନ୍ତି ନିର୍ବାକ, ନିଷ୍ପନ୍ଦ ଏବଂ କବିତାର ପ୍ରାରମ୍ଭରୁ ହିଁ ଗୋଟେ ଦୀର୍ଘଶ୍ୱାସର ଧାଡ଼ିଟିଏ ଲେଖିଛନ୍ତି, 'ଏସବୁ ଦେଖି ଏବେଠାରୁ ଆଉ ବ୍ୟସ୍ତ ହେବାର ନାହିଁ ।'

ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଯେ ଶ୍ରୀଯୁକ୍ତ ରତ୍ନାକର ରାଉତଙ୍କର ଏହି ଚର୍ଚ୍ଚିତ କବିତା ସଂକଳନ 'ଶବ୍ଦ' ପ୍ରକାଶ ପାଇ ଓଡ଼ିଶାର ବହୁ ପାଠକଙ୍କର ଆଦୃତି ସାଉଁଟିବା ସହ ପରବର୍ତ୍ତୀ ସମୟରେ ଶ୍ରୀଯୁକ୍ତ ରାଉତଙ୍କ ଲେଖନୀରୁ ବହୁ କବିତା ସଂକଳନ ମାନ ପ୍ରକାଶ ପାଇ ତାଙ୍କର ଶବ୍ଦ ସଂଚାର ପଥକୁ କରିଛି ଆହୁରି ଶାଣିତ । ବିଂଶ ଶତାବ୍ଦୀର ଶେଷଦଶକ ଆଡ଼କୁ ସମଗ୍ର ବିଶ୍ୱରେ ଅସ୍ତିତ୍ୱବାଦୀ କବିତାର ଧାରାକୁ ସମସ୍ତେ ଆପଣେଇଛନ୍ତି । ପାରମ୍ପରିକ ଜୀବନବୋଧ ପ୍ରତି ବିମୁଖ ହୋଇ ପଡୁଥିବା 'ହିପ୍ପି' ଶୈଳୀର ମଣିଷଙ୍କୁ ପୁଣିଥରେ ତାହା ବିଗତ ତିନିଦଶନ୍ଧି ଧରି ସୁସଂଯତ ଏବଂ ସୁବିନ୍ୟସ୍ତ କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ତେବେ ଦୁର୍ବୋଧ ଆତ୍ମଦର୍ଶନର କବିତା ଭିତରେ କାବ୍ୟ ପ୍ରବାହକୁ ପାଠକୀୟ ମନମୁହାଣ ପର୍ଯ୍ୟନ୍ତ ପହଞ୍ଚାଇବାରେ ବିଫଳ ହୋଇ ରସାତଳଗାମୀ କରାଇବାର ପାଠକହୀନ ଶୁଷ୍କ କାବ୍ୟରତୁ ପାଇଁ ଶାଶ୍ୱତ ଏବଂ ଚିରୟନୀ ଭାବ ଓ ବିଚାରକୁ ନେଇ ଶ୍ରୀଯୁକ୍ତ ରାଉତଙ୍କର କାବ୍ୟ ପରୀକ୍ଷଣକୁ ସମସ୍ତେ ସ୍ୱାଗତ କରିବେ । ବୌଦ୍ଧିକତାର କୁଜ୍‌ଝଟିକା ଭିତରୁ କବିତାକୁ ମୁକ୍ତିଦେବା ପାଇଁ 'ଶବ୍ଦ' ସଂକଳନର ବହୁ କବିତା କବିଙ୍କର କାବ୍ୟବିଚାରର ଆଭିମୁଖ୍ୟକୁ ପୂରଣ କରିପାରିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ସାହିତ୍ୟ ସମକାଳକୁ ସର୍ବକାଳର ସଂଯୋଗ ଦେଇ ପାରୁଥିବା ଅନେକ କବିତା ଭିତରେ କବି ସାମାଜିକ ଅସଂଗତି ଓ ସାମାଜିକ ବୈଷମ୍ୟ ପରି ପାରମ୍ପରିକ ସମସ୍ୟାକୁ ପ୍ରତୀକ ଧର୍ମୀ ଉକ୍ତିରେ ଫୁଟାଇଲା ବେଳେ ବିଂଶ ଶତାବ୍ଦୀର 'ଟେକ୍‌ନିକ୍' ଓ ମିଡିଆ ସର୍ବସ୍ୱ ବିମର୍ଶର ଚାପରେ ବାନ୍ଧି ନ ହୋଇ ମଣିଷକୁ ଟିକିଏ ମୁକ୍ତ ଭାବରେ ସମାଜ ଚିନ୍ତନର ଅବସର ଦେଇଛନ୍ତି ବୋଲି ସ୍ୱୀକାର କରିବାକୁ ହେବ ।

ମୋଟ୍ ଉପରେ କୁହାଯାଇ ପାରେ, ସାମାଜିକ ପ୍ରତିବାଦ ଏବଂ ଚଳନ୍ତି ସମୟର ଭାଷ୍ୟକାର ଭାବରେ କବି ଶ୍ରୀଯୁକ୍ତ ରାଉତଙ୍କର ଏହି ସଂକଳନସ୍ଥ ଶବ୍ଦସବୁ ଛିଡ଼ା ହୋଇଥିଲେ ମଧ ଆତ୍ମିକ ଭାବରେ କବିତାଗୁଡ଼ିକ ପ୍ରଗତିବାଦୀ ଚେତନାର ଉଗ୍ର ପ୍ରତିରୂପ ନୁହଁନ୍ତି । ଶାନ୍ତ ସ୍ୱରରେ ବି ଯେ ମଣିଷର ଆକୁଳତା ଏବଂ ପୁଞ୍ଜିଭୂତ ବ୍ୟଥା ଓ ବେଦନାକୁ ମାର୍ମିକ ଢଙ୍ଗରେ ବାଢ଼ିଦେଇ ହୁଏ, 'ଶବ୍ଦ' ସଂକଳନର ପ୍ରତ୍ୟେକ କବିତା ତା'ର ପ୍ରମାଣ ରଖନ୍ତି ।



ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ, ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

# କୋଭିଡ ସ୍ଥିତି ପରିଚାଳନା ସମ୍ପର୍କିତ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ



ବାରିପଦା,୦୩/୦୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ୨ୟ ଲହର କୋଭିଡ ସଂକ୍ରମଣ ହାର ୫ପ୍ରତିଶତରୁ ଅଧିକ ରହୁଥିବା ସ୍ଥିତିକୁ ଦୃଷ୍ଟିରେ ରଖି ସରକାରଙ୍କ ନର୍ଦ୍ଦେଶ କ୍ରମେ କୋଭିଡ ମାର୍ଗଦର୍ଶିକା ନିୟମ ପାଳନ ଅନୁସାରେ ଲକଡାଉନ ଅବଧିକୁ ଚଳିତ ଜୁଲାଇ ୧୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରସାଶନ ତତ୍ତ୍ୱାବଧାନରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପରିଚାଳିତ କୋଭିଡ କେୟାର କେନ୍ଦ୍ର / କୋଭିଡ ଚିକିତ୍ସା କେନ୍ଦ୍ର / କୋଭିଡ ଟେଷ୍ଟିଂ ଏବଂ ଟୀକାକରଣ ତଥା ଆନୁସଙ୍ଗିକ କାର୍ଯ୍ୟକ୍ରମ ପରିଚାଳନା ସମ୍ପର୍କିତ ଏକ ସମୀକ୍ଷା ବୈଠକ ତା ୨/୭/୨୦୨୧ ରିଖ ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ବିନୀତ ବରଦ୍ୱାଜ ଭାପ୍ରସେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଶେଷ କରି ଜିଲ୍ଲାରେ ଟୀକାକରଣ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ପ୍ରତ୍ୟେକ ଟୀକା କରଣ କେନ୍ଦ୍ରରେ ଆବଶ୍ୟକ ମୁତାବକ ଚାହିଦା ଅନୁସାରେ ଦୈନ୍ୟନ୍ଦିନ କାର୍ଯ୍ୟଖସଡା ପ୍ରସ୍ତୁତ କରି ଟୀକା କେନ୍ଦ୍ରରେ ଅଯଥା ଗହଳିକୁ ହ୍ରାସ କରିବା ପାଇଁ ଟୀକା କରଣ ଦିବସର ୨ଦିନ ପୂର୍ବରୁ ଜନସାଧାରଣଙ୍କୁ ଜଣାଇବା ଦିଗରେ ବିହିତ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବିଶେଷ କରି ଗ୍ରାମାଂଚଳ ଟିକା କରଣ କେନ୍ଦ୍ର ମାନଙ୍କରେ ସୁବ୍ୟବସ୍ଥା ସହିତ ଟୀକା କରଣ କାର୍ଯ୍ୟ ସୁପରିଚାଳନା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଦିଗରେ ସମସ୍ତ ବ୍ଲକ / ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସଂପୃକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଓ ବିଡିଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୀକା କରଣ କାର୍ଯ୍ୟକ୍ରମକୁ ତଦାରଖ / ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେବା ସହିତ, ଟୀକାକରଣ ରେ ଯେପରି କୌଣଷି ଅସୁବିଧା ନହେବ, ସେଥିପ୍ରତି ଦୃଷ୍ଟି ଦେବାକୁ ଗୁରୁତ୍ୱାରୋପ କରାଯାଇଛି । ଏଥି ସହିତ ବୈଠକରେ ପିଆରଏମ ମେଡିକାଲ କଲେଜ ଓ ହସପିଟାଲରେ କାର୍ଯ୍ୟକ୍ଷମ କରାଯାଇଥିବା ୮୦ ଶର୍ଯ୍ୟା ବିଶିଷ୍ଟ କୋଭିଡ ଆଇସୋଲେସନ ୱାର୍ଡର କାର୍ଯ୍ୟକାରୀତା ସମ୍ପର୍କରେ ମଧ୍ୟ ଆଲୋଚନା ମୂଳକ ସମୀକ୍ଷା କରାଯାଇଥିଲା । ଆଗାମୀ ଦିନରେ ଜିଲ୍ଲାରେ କୋଭିଡ ଚିକିତ୍ସାର ସୁବନ୍ଦୋବସ୍ତ ପାଇଁ ୧୮୦ ଶର୍ଯ୍ୟା ବିଶିଷ୍ଟ ଆଇସୋଲେସନ ୱାର୍ଡର ସୁବିଧା ଉପଯୋଗ ସହିତ ଏକ ସ୍ୱତନ୍ତ୍ର କୋଭିଡ ହସପିଟାଲ କାର୍ଯ୍ୟକାରୀ କରାଯିବା ପାଇଁ ସମସ୍ତ ଭିତ୍ତିଭୂମୀ କାର୍ଯ୍ୟକ୍ରମ କୁ ତ୍ୱରାନ୍ୱିତ କରି ପ୍ରସ୍ତୁତ ରଖିବା ପାଇଁ ପିଆରଏମ ମେଡିକାଲ କଲେଜର ଅଧିକ୍ଷକଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଅନୁଷ୍ଠିତ ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ରୁଦ୍ରନାରାୟଣ ମହାନ୍ତି, ଅନ୍ୟତମ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ପ୍ରକାଶ ଚନ୍ଦ୍ର ବେହେରା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶିକା ପି. ଅନ୍ୱେଷା ରେଡ୍ଡି, ବାରିପଦା ପିଏ ଆଇଟିଡିଏ ବସନ୍ତ କୁମାର ସେଠୀ, ଜିଲ୍ଲା ଜରୁରୀ ଅଧିକାରୀ ଡେପୁଟୀ କଲେକ୍ଟର ସୁଜୟ କୁମାର ପତି ପ୍ରମୁଖଙ୍କ ସମେତ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଡା. ରୂପଭାନୁମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ) ଡା. ସୁନନ୍ଦା ମିଶ୍ର, କୋଭିଡ ନୋଡାଲ ଅଧିକାରୀ ଡା. ଜ୍ଞାନରଞ୍ଜନ ମହାନ୍ତି, ଡା. ନୀହାର ରଞ୍ଜନ ଦାସ, ଡା. ଚାରୁବାଳା ରଥ, ଏବଂ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନାରେ ସକ୍ରୀୟ ଅଂଶଗ୍ରହଣ କରିଥିଲେ ।

## ରୋଟାରୀ କ୍ଲବ ପକ୍ଷରୁ ୟାସ କ୍ଷତିଗ୍ରସ୍ତଙ୍କୁ ରିଲିଫ ସାମଗ୍ରୀ ବଂଟନ



ବାଲିଆପାଳ,୦୩/୦୭ (ନି.ପ୍ର): ବାତ୍ୟା ୟାସରେ ବାଲିଆପାଳ ବ୍ଲକର କ୍ଷତିଗ୍ରସ୍ତ ୫୦ ଗରିବ ପରିବାରଙ୍କୁ ରୋଟାରୀ କ୍ଲବ ପକ୍ଷରୁ ଆଜି ରିଲିଫ ସାମଗ୍ରୀ ବଂଟନ କରାଯାଇଛି । ବଂଟନ ସାମଗ୍ରୀ ମଧ୍ୟରେ ପଲିଥିନ, ବାସନକୁସନ,ଲୁଗାପଟା ଓ ଶୁଖିଲା ଖାଦ୍ୟ ରହିଛି । ରୋଟାରୀ କ୍ଲବର ବାଲିଆପାଳ ଶାଖାର ସଭାପତି ସୁବ୍ରତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ରିଲିଫ ବଂଟନ କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ଅତନୁ କୁମାର ପାଳ, ଇଂ ସୁଶାନ୍ତ କୁମାର ଚକ୍ରବର୍ତୀ, ସଂପାଦକ ଅଜିତ କୁମାର ଦାସ,ପ୍ରାଧାପକ କୁଞ୍ଜକାନ୍ତ ପାତ୍ର, ଡ.ସନ୍ତୋଷ କୁମାର ଦାସ,ରୋଟାରିୟାନ ଅଜୟ ଦାସ,ରୋଟାରିୟାନ ହିମାଂଶୁ ନାଥ,ତପନ ସାହୁ, ଧନଞ୍ଜୟ ପାତ୍ର, ଅଦୈତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ଅନୁଦାନ ପୂର୍ବତନ ଡିଜି ଅଜୟ ଅଗ୍ରୱାଲ ଓ ଡିଜିଡିଏନ ଶ୍ରୀମତୀ ଜୟଶ୍ରୀ ମହାନ୍ତି ପ୍ରଦାନ କରିଥିଲେ ।

## ସାହିତ୍ୟିକ ଶ୍ରୀକୃଷ୍ଣ ସାମଲଙ୍କ ବିୟୋଗରେ ଶୋକ



ବାରିପଦା,୦୩/୦୭(ନି.ପ୍ର): ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗରେ ଲେଖନୀ ଚାଳନା କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ମୟୂରଭଞ୍ଜର ଗର୍ବ ଓ ଗୌରବ ଶ୍ରୀକୃଷ୍ଣ ସାମଲଙ୍କ ବିୟୋଗରେ ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି । ଓଡ଼ିଶାର ବହୁ ସୁନାମଧନ୍ୟ ପତ୍ର ପତ୍ରିକାରେ ତାଙ୍କର ନିୟମିତ ବହୁ ମୂଲ୍ୟବାନ ଲେଖା ପ୍ରକାଶ ପାଇ ପାଠକୀୟ ସ୍ୱୀକୃତି ଲାଭ କରୁଥିବା ବୋଲି ସଂସଦର ସଭାପତି ଡ଼. ସରୋଜ କୁମାର ନାୟକ, ସମ୍ପାଦକ ଅମିତାଭ ମିଶ୍ର, ସଦସ୍ୟ ଅଧ୍ୟାପକ ଅଶୋକ ପୁଷ୍ଟି, କବୟିତ୍ରୀ ସୁନୀତାରାଣୀ ପ୍ରମୁଖ ମତବ୍ୟକ୍ତ କରିଛନ୍ତି । ଜଣେ ଶିକ୍ଷକ ଭାବରେ ମଧ ସମାଜରେ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇ ପାରିଥିଲେ । ବହୁ ସମ୍ମାନର ଅଧିକାରୀ ସ୍ୱର୍ଗତ ସାମଲଙ୍କ କୃତିତ୍ୱ ଆଗାମୀ ଦିନର ଯୁବ ସାହିତ୍ୟିକଙ୍କ ପାଇଁ ପ୍ରେରଣା ର ଉତ୍ସ ହୋଇ ରହିବ ବୋଲି ମତପ୍ରକାଶ ପାଇଛି ।

## ବାକି ଟଙ୍କା ମାଗିବାରୁ ଯୁବକଙ୍କୁ କାତିରେ ଆକ୍ରମଣ, ଥାନାରେ ଅଭିଯୋଗ



ବାଲିଆପାଳ,୦୩/୦୭ (ନି.ପ୍ର): ବାକି ଟଙ୍କା ମାଗିବାରୁ ଜଣେ ଯୁବକ ମାରଣାନ୍ତକ ଆକ୍ରମଣରେ ଶୀକାର ହୋଇଛନ୍ତି । ସୂଚନା ଅନୁସାରେ ବାଲିଆପାଳ ଥାନା ଦେଭୋଗ ପଂଚାୟତ ଦେଭୋଗ ଗ୍ରାମର ଗୌରମୋହନ ଗିରିଙ୍କ ଠାରୁ ସେହି ଗ୍ରାମର ବୁଦ୍ଧିରାମ ମଙ୍ଗରାଜ ୮୦୦ ଟଙ୍କା ଧାର ନେଇଥିଲେ । ବାରମ୍ବାର ମଗିବା ସତେ ଧାର ଟଙ୍କା ଫେରାଉ ନଥିଲେ । ଆଜି ଗୌର ମୋହନ ତାଙ୍କ ଘରକୁ ଯାଇ ଧାର ଟଙ୍କା ମାଗିଥିଲେ । ତାଙ୍କ ମାଙ୍କ ଦେହ ଅସୁସ୍ଥ ଥିବାରୁ ଔଷଧ ପାଇଁ ଟଙ୍କାର ଆବଶ୍ୟକତା ଥିବା କହି ଟଙ୍କା ନ ଦେଲେ ପିଣ୍ଡାରୁ ଉଠିବେ ନାହିଁ ବୋଲି କହିଥିଲେ । ଏଥିରେ ଉତ୍ୟକ୍ତ ହୋଇ ବୁଦ୍ଧିରାମ ପୁଅ ଗୋପାଳ ମଙ୍ଗରାଜ ଏକ ଧାରୁଆ କାତିରେ ତାଙ୍କ ମୁଣ୍ଡରେ ଦୁଇ ଚଟା ପକାଇଥିଲେ । ଗୌରମୋହନ ରକ୍ତାକ୍ତ ଅବସ୍ଥାରେ ଅଚେତ ହୋଇ ତଳେ ପଡିଯାଇଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଡାକ୍ତର ଖାନା ନେଇଥିଲେ । ସେଠାରେ ତାଙ୍କ ମୁଣ୍ଡରେ ୪ଟି ଷ୍ଟିଚ ପଡିଛି । ଏନେଇ ସେ ବାଲିଆପାଳ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ କରୁଛି । ଅଭିଯୁକ୍ତ ଗୋପାଳ ଫେରାର ହୋଇଯାଇଛି ।

## ସୁଗୋ ଗ୍ରାମରେ ୨୧ କରୋନା ପଜେଟିଭ୍ ଚିହ୍ନଟ

ଜଳେଶ୍ୱର ୩/୭(ନିପ୍ର) : କରୋନାର ୨ୟ ଲହର ବାଲେଶ୍ୱର ଜିଲାରେ କମିବାକୁ ନାମ ଧରୁନାହିଁ । ବିଶେଷ କରି ଉପାନ୍ତ ଜଳେଶ୍ୱର ବ୍ଲକ ପଶ୍ଚିମବଂଗକୁ ଲାଗି ରହିଥିବାରୁ ପ୍ରତିଦିନ ହଜାର ହଜାର ପଶ୍ଚିମବଂଗବାସୀ ଜଳେଶ୍ୱର ଅଂଚଳକୁ ଆସି ଚଳପ୍ରଚଳ କରୁଥିବାରୁ ଏମାନଙ୍କୁ ରୋକ ଲାଗିବାକୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ । ଏପରିକି ସୀମାନ୍ତରେ ହେଉଥିବା ଯାଞ୍ଚ ଏକ ପ୍ରକାର ନାହିଁ କହିଲେ ଚଳେ । ଅମାନିଆମାନେ ସୀମାରେ ଥିବା ବେରିକେଟକୁ ଭାଂଗି ଅବାଧରେ ଚଳପ୍ରଚଳ ହେଉଛନ୍ତି । ଫଳରେ ଉପାନ୍ତ ଗ୍ରାମମାନଙ୍କରେ କରୋନାର ନଗ୍ନରୂପ ଦେଖିବାକୁ ମିଳିଛି । ବୁଧବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନାମ୍ପୋ ସେକ୍ଟରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାବ ପରୀକ୍ଷା କରାଯାଇଥିଲା । ଆଜି ସେମାନଙ୍କର ରିପୋର୍ଟ ଆସିବାପରେ ସୁଗୋ ଗ୍ରାମରୁ ୨୧ଜଣଙ୍କ ପଜେଟିଭ୍ ଥିବା ଜଣାଯାଇଛି । ଅନ୍ୟ ୮ଜଣ ନାମ୍ପୋ ଗ୍ରାମର ବୋଲି ଜାଣିବାକୁ ମିଳିଛି । ସୁଗୋ ଗ୍ରାମରେ ବାହାରିଥିବା କରୋନା ରୋଗୀ ନିଜ ଘରେ ରହି ଚିକିତ୍ସା କରାଯାଉଥିବା ଡା. ପ୍ରଭାସ କୁମାର ନାୟକ ସୂଚନା ଦେଇଛନ୍ତି । ତେବେ ସୀମା ସିଲକୁ ଅଧିକ ସୁଦୃଢ କରାଯିବା ସହିତ ଅମାନୀୟ ମାନଙ୍କୁ ସାବାଡ କରାଯିବାକୁ ସାଧାରଣରେ ଦାବି ହେଉଛି ।

# ନୂତନ ରାଜ୍ୟ ସଭାପତିଙ୍କୁ ଜେଏମଏମ କର୍ମୀ ପକ୍ଷରୁ ସ୍ୱାଗତ

## ୨୦୧୪ ନିର୍ବାଚନ ପରେ ପୁଣିଥରେ ପାଗ ଭିଡୁଛି ଜେଏମଏମ



ବାରିପଦା,୦୩/୦୭ (ନି.ପ୍ର): ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଦଳର ନବ ନିର୍ବାଚିତ ଓଡ଼ିଶା ପ୍ରଦେଶର ରାଜ୍ୟ ସଭାପତି ଅଞ୍ଜନୀ ସୋରେନ, ସାଧାରଣ ସମ୍ପାଦକ ରାମଚନ୍ଦ୍ର ହାଁସଦାଃ ଏବଂ କୋଷାଧକ୍ଷ ପ୍ରହ୍ଲାଦ ପୂର୍ତିଙ୍କୁ ଆଜି ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ଜେଏମଏମ କର୍ମୀ ମାନଙ୍କ ପକ୍ଷରୁ ଆଦିବାସୀ ପାରମ୍ପରିକ ରୀତିନୀତିରେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ନବ ନିର୍ବାଚିତ ପ୍ରତିନିଧି ମାନେ ବିଭିନ୍ନ ସ୍ଥାନରେ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ବହଳଦାର ପଣ୍ଡିତ ରଘୁନାଥ ମୁର୍ମୁ ଏବଂ ସୁନା ରାମ ସୋରେନ ଛକ, ରାଇରଙ୍ଗପୁରର ରଘୁନାଥ ମୁର୍ମୁ ଛକ, ବିଜାତଳାର ଆସେକା ଅଫିସ ବଜାର ଛକ, ବିଶୋଇର ବିର୍ସାମୁଣ୍ଡା ଛକ, ବାଙ୍ଗ୍ରିପୋଷି ବଜାର ଛକ, କୁଳିଅଣା ବଜାର ଛକ, ବାରିପଦା ଭଂଜପୁର ସ୍ଥିତ ଭଞ୍ଜବୀର ସୁନାରାମ ସୋରେନ ଛକ, ଛଉପଡିଆ ନିକଟ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତୀ, ପୋଡା ଅସ୍ତିଆର ବିର୍ଷାମୁଣ୍ଡା ଛକ, ମଧୁବନର ପଣ୍ଡିତ ରହିଦାସ ସିଂ ନାଗ ଛକ, ପଣ୍ଡିତ ରଘୁନାଥ ମୁର୍ମୁ ଛକ, ପଣ୍ଡିତ ଲାକ ବଦ୍ରା ପ୍ରତିମୂର୍ତ୍ତୀ ସ୍ଥଳ, ଡକ୍ଟର ବି ଆର ଆମ୍ବେଦକର ଛକରେ ଶୁଭେଚ୍ଛା ସମାରୋହ ଆୟୋଜନ କରାଯାଇଥିଲା । ଏଥିରେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବ୍ଲକର ଜେଏମଏମ କର୍ମୀ ମାନେ ଉପସ୍ଥିତ ରହି କୋଭିଡ଼ ନିୟମ ପାଳନ କରି ନବ ନିର୍ବାଚିତ ରାଜ୍ୟ ସଭାପତି ଓ ସମ୍ପାଦକଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିବାର ଦେଖାଯାଇଥିଲା । ତେବେ ରାଜ୍ୟରେ ଆଗକୁ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନା, ପୌର ନିର୍ବାଚନ ଓ ସାଧାରଣ ନିର୍ବାଚନ ଆସୁଥିବା ପରିପ୍ରେକ୍ଷୀରେ ଦିନେ ମୟୂରଭଞ୍ଜ ଜିଲ୍ଲାରେ ନିଜର ଦବଦବା ଜାହିର କରୁଥିବା ଜେଏମଏମ ଦଳ ପୁଣି ଥରେ ନିଜର ସଂଗଠନ ସଜାଡୁ ଥିବାର ଦେଖାଯାଉଛି । ୨୦୧୪ ସାଧାରଣ ନିର୍ବାଚନରେ ଜେଏମଏମର ରାଜ୍ୟ ସଭାପତି ଥିବା ସୁଦାମ ମାରାଣ୍ଡିଙ୍କୁ ବିଜେଡି ରାତି ଅଧିଆ ନିଜ ସପକ୍ଷକୁ ନେଇ ଜେଏମଏମର ସଂଗଠନକୁ ଦୁର୍ବଳ କରିଦେଇଥିବା ବେଳେ, ଏବେ ଝାଡଖଣ୍ଡ ମୁକ୍ତିମୋର୍ଚ୍ଚାର ସୁପ୍ରିମୋ ଦିଶମ ଗୁରୁ ଶିବୁ ସୋରେନଙ୍କ ଝିଅ ଅଞ୍ଜନୀ ସୋରେନଙ୍କୁ ରାଜ୍ୟ ସଭାପତି ଦାୟୀତ୍ୱ ଏବଂ ବିଜେଡିରୁ ସାଂସଦ ଥାଇ ଚିଟଫଣ୍ଡ କେସରେ ବିବାଦୀୟ ହୋଇ ଦଳରୁ ବହିସ୍କୃତ ହୋଇଥିବା ଉଚ୍ଚ ଶିକ୍ଷିତ ଆଦିବାସୀ ନେତା ଇଂ ରାମଚନ୍ଦ୍ର ହାଁସଦାଙ୍କୁ ରାଜ୍ୟ ସମ୍ପାଦକ ପଦରେ ଅଭିଶିକ୍ତ କରି ଜେଏମଏମ ପୁଣି ମୟୂରଭଞ୍ଜ, ସୁନ୍ଦରଗଡ, କେନ୍ଦୁଝର ଆଦି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ନିଜର ସଂଗଠନ ବୃଦ୍ଧି କରିବାକୁ ପ୍ରୟାସ ଆରମ୍ଭ କରିଛି ବୋଲି ରାଜନୈତିକ ସମୀକ୍ଷକ ମାନେ ମତ ରଖିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କୋଭିଡ୍ କଟକଣାରେ ଅନୁଷ୍ଠିତ ହେବ ....

୬୦୦୦ ଲିଟର ସାନିଟାଇଜର୍ ମଧ ମହଜୁଦ ରହିଛି । ପୋଲିସ ମାନେ ରଥକୁ ଦକ୍ଷିଣ ମୋଡ଼ କରିବେ । ଖରା ଯୋଗୁଁ ସେବାୟତ ମାନେ ବସିବା ପାଇଁ ସିଂହଦ୍ୱାର ଓ ଗୁଣ୍ଡିଚା ମନ୍ଦିର ନିକଟରେ ସ୍ୱତନ୍ତ୍ର ସେଡ୍ ର ବ୍ୟବସ୍ଥା କରାଯିବ । ସେମାନଙ୍କୁ ପାନୀୟ ଜଳ ଓ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ । ସେବାୟତ ମାନେ ସିଂହଦ୍ୱାରରୁ ରଥ ଟାଣି ଗୁଣ୍ଡିଚା ମନ୍ଦିର ନିକଟରେ ପହଂଚାଇବା ପରେ ସେମାନଙ୍କୁ ଘରେ ଛାଡିବା ପାଇଁ ସ୍ୱତନ୍ତ୍ର ଗାଡିର ବ୍ୟବସ୍ଥା କରାଯିବ। ସେହିପରି ରଥଯାତ୍ରା ସମୟରେ କୌଣସି ଭକ୍ତ ବଡ଼ଦାଣ୍ଡରେ ପ୍ରବେଶ କରିପାରିବେ ନାହିଁ, ଏଥିପାଇଁ ବଡଦାଣ୍ଡର ଉଭୟ ପାର୍ଶ୍ୱରେ ୧୪୪ ଧାରା ଜାରୀ କରାଯିବ । ରଥ ଉପରେ କୌଣସି ସେବାୟତ ବସି ପାରିବେ ନାହିଁ କିମ୍ବା ସେଲଫି ନେଇପାରିବେ ନାହିଁ । ପ୍ରତି ରଥରେ ଯେତେ କମ୍ ସଂଖ୍ୟକ ସେବାୟତ ରହିପାରିବେ ତାକୁ ଦୃଷ୍ଟି ଦିଆଯିବ । ଖୁବ୍ ଶୀଘ୍ର ଶ୍ରୀମନ୍ଦିରରେ ରୂପା ଛାଉଣି କବାଟ ନିର୍ମାଣ କରାଯିବ । ରଥଯାତ୍ରା ସମୟରେ ଶ୍ରୀମନ୍ଦିରରେ ଲେଜର୍ ସ୍କାନିଂ କରାଯିବ ବୋଲି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ।

## ପାକିସ୍ତାନ ପଟୁ ଡ୍ରୋନ୍ ଆକ୍ରମଣ....

ଆକ୍ରମଣ କରିଥିଲା । କୌଣସି ବିଶେଷ କ୍ଷତି ସହି ନାହିଁ ଭାରତ । ପାକିସ୍ତାନୀ ଡ୍ରୋନ୍ ଆମର କୌଣସି ଟାର୍ଗେଟକୁ ହିଟ୍ କରି ନାହିଁ । ଏଭଳି ହୋଇଥିଲେ ଆମର ପ୍ରତିକ୍ରିୟା ଭୀଷଣ ଭୟଙ୍କର ହୋଇଥାନ୍ତା । ତେବେ ପାକିସ୍ତାନୀ ଆକ୍ରମଣର ଜବାବ ଦିଆଯିବ କି ବୋଲି ପ୍ରଶ୍ନର ଉତରରେ ସିଡିଏସ୍ କହିଛନ୍ତି ଯେ, କେବେ ଓ କେଉଁ ସ୍ଥାନରେ ଜବାବ ଦିଆଯିବ, ତାହା ଭାରତ ସ୍ଥିର କରିବ । ଏଥିପାଇଁ ରାଜନୈତିକ ଇଚ୍ଛା ଶକ୍ତି ଅଛି ଓ ସେନା ମଧ ପ୍ରସ୍ତୁତ ଅଛି । ଏହାପୂର୍ବରୁ ସୀମା ସେପଟରୁ ଆକ୍ରମଣର ଉଚିତ ରଖିଛି ଭାରତ ।

## ଭ୍ୟାକ୍ସିନ ପ୍ରମାଣ ପତ୍ର ପରେ....

କୁହାଯାଇଛି କି, ସମସ୍ତ ବିଜେପି ଶାସିତ ରାଜ୍ୟରେ ସବୁ ରାସନ ବିତରଣ କେନ୍ଦ୍ରରେ ମୋଦିଙ୍କ ସହ ସେହି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଫୋଟ ଥିବା ଏକ ବ୍ୟାନର ଲଗାଯାଉ । କେବଳ ଏତିକି ନୁହେଁ ବ୍ୟାନରର ଡିଜାଇନ ବି ବିଜେପି କେନ୍ଦ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତ କରାଯାଇଛି । ଏହାସହ ଅଣବିଜେପି ରାଜ୍ୟମାନଙ୍କୁ ବି ଚିଠି ଲେଖି ଏଭଳି କରିବା ପାଇଁ କୁହାଯାଇଛି । ହେଲେ ବିଜେପି ଶାସିତ ରାଜ୍ୟଭଳି ଅଣ ବିଜେପି ଶାସିତ ରାଜ୍ୟରେ ରାସନ ବିତରଣ କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଛବି ଥିବା ଫୋଟ ନୁହେଁ ବରଂ ପ୍ରଧାନମନ୍ତ୍ରୀଙ୍କ ଫୋଟ ସହ ସ୍ଥାନୀୟ ବିଧାୟକ କିମ୍ବା ସାଂସଦଙ୍କ ଫୋଟ ଥିବା ବ୍ୟାନର ଟାଙ୍ଗିବାକୁ କୁହାଯାଇଛି । ଅନ୍ୟପଟେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାର ପ୍ରଚାର ପାଇଁ ଦଳୀୟ ନେତା ମାନଙ୍କୁ ସୋସିଆଲ ମିଡିଆର ସହାୟତା ନେବାକୁ ପରାମର୍ଶ ଦିଆଯାଇଛି । କହିରଖୁ କି କରୋନା ମହାମାରୀକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଦେଶର ୮୦ କୋଟି ଲୋକଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅଧିନରେ ନଭେମ୍ବର ମାସ ପର୍ଯ୍ୟନ୍ତ ମାସିକ ୫ କେଜି ଚାଉଳ କିମ୍ବା ଗହମ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ୪ ମାସରେ ତୃତୀୟ ମୁଖ୍ୟମନ୍ତ୍ରୀ....

ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି ତୀରଥ ସିଂହ ରାୱତ । ଏହାରି ସହିତ ମାତ୍ର ୪ମାସର ତାଙ୍କ କାର୍ଯ୍ୟକାଳ ଶେଷ ହୋଇଛି । ତେବେ ରାୱତଙ୍କ ଇସ୍ତଫା ପଛରେ ସାମ୍ବିଧାନିକ ସଂକଟ ବୋଲି କୁହାଯାଉଛି । ଜୁନ୍ ୨୦ – ମୁଖ୍ୟମନ୍ତ୍ରୀ ତିରଥ ସିଂହ ତୋମାରଙ୍କ ପଦକୁ ନେଇ ପ୍ରଶ୍ନ ଉଠାଇଲେ କଂଗ୍ରେସ ନେତା ନବ ପ୍ରଭାତ । ଦେଶର ସମ୍ବିଧାନ ଅନୁସାରେ ରାୱତଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ରହିବାର ହେଲେ ତାଙ୍କୁ ସେପ୍ଟେମ୍ବର ୧୦ ତାରିଖ ସୁଦ୍ଧା ନିର୍ବାଚନ ଜିତିବାକୁ ହେବ । ଆଉ ସାଧାରଣ ନିର୍ବାଚନକୁ ୧ ବର୍ଷରୁ କମ ସମୟ ଥିବାରୁ ସେଠାରେ ବାଏ ପୋଲ ସମ୍ଭବ ନୁହେଁ । ଯାହା ତିରଥ ସିଂହ ରାୱତ ପଦ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା ।

## ଭାରତ ସହ ଯୁଦ୍ଧ କରିବାକୁ ....

ମିଳିଥିବା ସୂଚନା ମୁତାବକ ଭାରତ ପକ୍ଷରୁ ସୀମାରୁ ସେନା ପ୍ରତ୍ୟାହାର ନେଇ ଚୀନ ସହିତ ଆଲୋଚନା କରିବାର କିଛିମାସ ପରେ ଏବେ ପିପୁଲ୍ସ ଲିବରସେନ ଆର୍ମି ସୀମାରେ ସୈନିକ ସଂଖ୍ୟା ବଢାଇ ପାଖା ପାଖି ୫୦ ହଜାରରେ ପହଂଚାଇଛି । ଏହା ନିଶ୍ଚିନ୍ତ ଭାବେ ଭାରତ ପାଇଁ ଚିନ୍ତାର ବିଷୟ ପାଲଟିଛି । ଏଲଏସି ସହିତ ଲଦାଖରେ ଚୀନ ସେନାକୁ ଜବାବ୍ ଦେବାକୁ ଭାରତ ତରଫରୁ ଅତିରିକ୍ତ ଷ୍ଟ୍ରାଇକ ଫୋର୍ସ ଠୁଳ କରିଛି । ମଥୁରାରେ ପ୍ରସ୍ତୁତ ହୋଇଥିବା ଷ୍ଟ୍ରାଇକ୍ ଫୋର୍ସକୁ ବି ଲଦାଖର ଉତ୍ତର ସୀମାକୁ ପଠାଯାଇଛି । ଏହାସହ ୧୭ ମାଉଣ୍ଟେନ ଷ୍ଟ୍ରାଇକ୍ ଫୋର୍ସର ଅତିରିକ୍ତ ୧୦ ହଜାର ଯାବାନଙ୍କୁ ବି ଏଲଏସିରେ ଠୁଳ କରାଯାଇଥିବା କଥା ସୂଚନା ମିଳିଛି । ସେପଟେ ଭାରତୀୟ ବାୟୁସେନା ବି ତାର କାର୍ଯ୍ୟ ଆରମ୍ଭ କରିଛି । ରାଫେଲ ସହିତ ମିଗ-୨୯ ଓ ସୁ-୩୦ ଜାହଜକୁ ଟୁକଡି ଉତ୍ତର ସୀମାରେ ସକ୍ରିୟ ରହିବା ସହ ରାଫେଲର ଦ୍ୱିତୀୟ ସ୍କାଡେନକୁ ଅପରେଶନରେ ନିଯୁକ୍ତ କରାଯାଇପାରେ ।

## ଅମୀର ଖାନ ଓ କିରଣ ରାଓଙ୍କ ....

କରିଥିଲେ । ଏହି ଯୋଜନାକୁ ଔପଚାରିକ ରୂପ ଦେବା ଏବେ ସହଜ ହେବ । ଅଲଗା ଅଲଗା ରହିଲେ ବି ଉଭୟଙ୍କ ଜୀବନକୁ ଏକ ବଡ ପରିବାର ଭାବେ ମନେ କରି ଦାୟୀତ୍ୱ ତୁଲାଇବେ । ଏହାସହ ସେମାନେ ତାଙ୍କ ପୁଅ ଆଜାଦ ପ୍ରତି ସମର୍ପିତ ପିତା ମାତା ହିସାବରେ ଉଭୟ ଲାଳନ ପାଳନର ଦାୟୀତ୍ୱ ନେବେ ବୋଲି କହିଛନ୍ତି । ଏହାସହ ଚଳିଚିତ୍ର ଓ ପାନୀ ଫାଉଣ୍ଡେସନ ପାଇଁ ଉଭୟ ସହଯୋଗୀ ଭାବେ କାମ କରିବେ ବୋଲି ପ୍ରଶଂସକ ମାନଙ୍କୁ କହିଛନ୍ତି । ଅନ୍ୟପଟେ ଉଭୟ କହିଛନ୍ତି କି ଆମର ସଂପର୍କକୁ ନିରନ୍ତର ସମର୍ଥନ ଦେଇଥିବା ଓ ବୁଝିଥିବା ଆମ ପରିବାର ଓ ବନ୍ଧୁ ପରିଜନଙ୍କୁ ଧନ୍ୟବାଦ ଦେଉଛୁ । ଆଶା କରୁଛୁ କି ଆମର ବିବାହ ବିଛେଦକୁ ସଂପର୍କର ଶେଷ ବୋଲି ନଭାବି ଏହା ଆମ ଜୀବନର ଏକ ନୂଆ ଯାତ୍ରାର ଆରମ୍ଭ ବୋଲି ଭାବିବାକୁ ସେ ପ୍ରଶଂସକ ମାନଙ୍କୁ ଅନୁରୋଧ କରିଛନ୍ତି । କହିରଖୁ କି, ଏକ ଇଣ୍ଟରଭ୍ୟୁରେ ଅମୀର ଖାନ କହିଥିଲେ କିରଣଙ୍କ ସହ ତାଙ୍କର ପ୍ରଥମ ଭେଟ 'ଲଗାନ' ଫିଲ୍ମର ସୁଟିଂ ସେଟରେ ହୋଇଥିଲା । ସେତେବେଳେ କିରଣ ଜଣେ ସହ ନିର୍ଦ୍ଦେଶକ ଭାବେ କାମ କରୁଥିଲେ । ସୂଚନା ଥାଉକି ଅମୀର ଖାନଙ୍କ ପ୍ରଥମ ବିବାହ ରୀନା ଦତ୍ତାଙ୍କ ସହ ହୋଇଥିଲେ । ୧୬ ବର୍ଷ ପରେ ୨୦୦୨ ମସିହରେ ସେମାନଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହୋଇଥିଲା । ଏହାପରେ ୨୦୧୫ ମସିହାରେ ସେ କିରଣ ରାଓଙ୍କୁ ବିବାହ କରିଥିଲେ ।

## ଆସନ୍ତା ସପ୍ତାହରେ ମୋଦି ....

ଏହାଛଡା ରାମ ବିଳାସ ପାଶୱାନଙ୍କ ଦେହାନ୍ତ ପରେ ଏଲଜେପିକୁ ପୁଣି ମନ୍ତ୍ରୀ ପଦ ମିଳିପାରେ । କ୍ୟାବିନେଟ ସଂପ୍ରସାରଣରେ ଜେଡିୟୁକୁ ସ୍ଥାନ ମିଳିବା ସମ୍ଭାବନା ରହିଥିବା ବେଳେ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସକୁ କଡା ଟକ୍କର ଦେଇଥିବା ନେତାଙ୍କୁ ମଧ ସୁଯୋଗ ମିଳିବ ବୋଲି ଚର୍ଚ୍ଚା ହେଉଛି । ଜାତୀୟ ଗଣମାଧ୍ୟମର ଖବର ଅନୁସାରେ କେନ୍ଦ୍ରରେ ୮୧ ମନ୍ତ୍ରୀ କରାଯାଇପାରେ । କାରଣ ଏବେ ମନ୍ତ୍ରୀଙ୍କ ସଂଖ୍ୟା ୫୩ ରହିଥିବା ବେଳେ ଏକ ଡଜନରୁ ଅଧିକ ମନ୍ତ୍ରୀଙ୍କ ପାଖରେ ଏକାଧିକ ମନ୍ତ୍ରାଳୟର ଦାୟିତ୍ୱ ରହିଛି । ତେଣୁ ମନ୍ତ୍ରୀଙ୍କ ଦାୟିତ୍ୱ ହାଲୁକା କରିବା ସହ ରାଜନୈତିକ ଦୃଷ୍ଟିକୋଣକୁ ଆଖିରେ ରଖି ନିଷ୍ପତି ନେଇପାରନ୍ତି ପ୍ରଧାନମନ୍ତ୍ରୀ । ଏଥିପାଇଁ କିଛି ଦିନ ହେଲା ପ୍ରସ୍ତୁତି ଚାଲିଥିବା ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି । ନିଜେ ପ୍ରଧାନମନ୍ତ୍ରୀ ବିଭିନ୍ନ ମନ୍ତ୍ରୀଙ୍କ ରିପୋର୍ଟ କାର୍ଡ ସମୀକ୍ଷା କରୁଛନ୍ତି ଏବଂ ବରିଷ୍ଠ ନେତାଙ୍କ ସହ ଆଲୋଚନା କରିଛନ୍ତି ।

## ବାଲେଶ୍ୱରରେ ଠାବ ହେଲା....

ପ୍ରମାଣ ମିଳିଛି । ଆଜକୁ ପ୍ରାୟ ୨୫ ଶହ ବର୍ଷ ତଳେ ଦୁର୍ଗାଦେବୀ ପ୍ରାଚୀନ ସହର ବୁଢ଼ାବଳଙ୍ଗ ଓ ସୋନନଦୀ ଅବବାହିକାର ମଧ ଭାଗରେ ଗଢ଼ିଉଠିଥିଲା । ପ୍ରାୟ ୫ କିଲୋମିଟର ପରିଧି ଭିତରେ ଏହି ସହର ରହିଥିଲା ବୋଲି ଗବେଷଣାରୁ ଜଣାପଡ଼ିଛି । କେନ୍ଦ୍ର ସରକାରଙ୍କ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଠାରୁ ଉତଖନନ ପାଇଁ ସ୍ୱୀକୃତି ପରେ ୨୦୧୧ରେ ଦୁର୍ଗାଦେବୀ ଠାରେ ଉତଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା ।

# ସୋମବାର ଠାରୁ ଜଳେଶ୍ୱର ଦୈନିକ ପରିବା ହାଟ ପୂର୍ବସ୍ଥାନରେ ବସିବ

ଜଳେଶ୍ୱର ୩/୭(ନିପ୍ର) : କୋଭିଡ୍ କଟକଣାକୁ ଲକ୍ଷ୍ୟକରି ଜଳେଶ୍ୱର ପ୍ରଶାସନ ପକ୍ଷରୁ ଜଳେଶ୍ୱର ଦୈନିକ ପରିବାହାଟକୁ ଷ୍ଟେସନବଜାର ମୁଖ୍ୟ ରାସ୍ତା କଡରେ ବସିବାର ବ୍ୟବସ୍ଥା କରାଯାଇଥିଲା । ନୂତନ କୋଭିଟ୍ ନିୟମ ଅନୁଯାୟୀ ବାଲେଶ୍ୱର ଜିଲା କେଟାଗରୀ 'ବି'ରେ ରହିଥିବାରୁ ଜଳେଶ୍ୱର ପ୍ରଶାସନ ପକ୍ଷରୁ ଦୈନିକ ପରିବା ହାଟକୁ ଆରଏମ୍‌ସି ପକ୍ଷରୁ ବସାଯାଉଥିବା ପୂର୍ବ ସ୍ଥାନକୁ ସ୍ଥାନାନ୍ତର ହେବା ବୋଲି ଏକ ବୈଠକରେ ନିଷ୍ପତ୍ତି ହୋଇଛି । ମୁଖ୍ୟ ରାସ୍ତାରେ ପ୍ରବଳ ଭିଡ ହେଉଥିବାରୁ କୋଭିଡ୍ ନିୟମ ଅନୁଯାୟୀ ଏହା ଆସନ୍ତା ୧୬ ତାରିଖରୁ କାର୍ଯ୍ୟ କରିବ । ମ୍ୟୁନିସିପାଲଟି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ବିଡିଓ ଦୀପ୍ତୀରଂଜନ ସେଠୀ ପୌରହିତ୍ୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୌରଅଧିକାରୀ ଅଜୟ ମହାପାତ୍ର, ତହସିଲଦାର ଶଂକର ପଟ୍ଟନାୟକ, ବଣିକ ସଂଘ ସଭାପତି ସୁଧିର ମହାନ୍ତି, ସଂପାଦକ ରାମହରିଶ ସାହୁ, ବିଜୟ ରଣା, ବିଷ୍ଣୁପଦ ମହାନ୍ତି, ଶିରିଶ ଚୌହାନ, ଆରଏମ୍‌ସିର ସଂପାଦକ ସଂପାଦକ ସମରେଶ ଦିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ । ସକାଳ ୬ଟାରୁ ୨ଟା ମଧ୍ୟରେ ଉଭୟେ ଦୋକାନୀ ଓ ଗ୍ରାହକ ମାସ୍କ ପିନ୍ଧି ଦୂରତା ରକ୍ଷା କରି ବିକାକିଣା କରାଯିବା ସହିତ ଆଇନ୍‌ଶୃଙ୍ଖଳାକୁ ଅମାନ୍ୟକାରୀଙ୍କୁ ଫାଇନ୍ କଟାଯିବ ବୋଲି ନିଷ୍ପତ୍ତି ହୋଇଛି । ଅପରାହ୍ନରେ ବୁଲୁଥିବା ଅମାନିଆକୁ ସାବାଡ କରିବାକୁ ପୋଲିସ୍ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସୂଚନା ମିଳିଛି ।

# ଗୋଟିଏ ଦିନରେ ୨୯୧୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୩/୦୭(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୯୧୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୧୯୦୨୬ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୮୮୪୨୬୨ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୩୦୫୫୭ ରହିଛି। ଆଜି ଚିହ୍ନଟ ହୋଇଥିବା ୨୯୧୭ ଜଣଙ୍କ ମଧ୍ୟରୁ ୧୬୭୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୨୪୦ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୫୪୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୮୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୩୭ ଜଣ, ବରଗଡ଼ରୁ ୨୨ ଜଣ, ଭଦ୍ରକରୁ ୧୬୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧୯, କଟକରୁ ୪୨୨, ଦେବଗଡ ଜିଲ୍ଲାରୁ ୫ ଜଣ, ଢେଙ୍କାନାଳ ଜିଲ୍ଲାରୁ ୭୭ ଜଣ, ଗଜପତି ଜିଲ୍ଲାରୁ ୬ , ଗଞ୍ଜାମରୁ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୧୧୯ ଜଣ, ଯାଜପୁରରୁ ୨୧୮ ଜଣ, ଝାରସୁଗୁଡ଼ାରୁ ୦୮ ଜଣ, କଳାହାଣ୍ଡିରୁ ୨୧ ଜଣ, କନ୍ଧମାଳ ଜିଲ୍ଲାରୁ ୧୩ ଜଣ. କେନ୍ଦ୍ରାପଡ଼ାରୁ ୭୯ ଜଣ, କେନ୍ଦୁଝରରୁ ୭୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୫୪୯ ଜଣ, କୋରାପୁଟରୁ ୫୫ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଅନ୍ଧାରରେ ବାଲେଶ୍ୱର ସହର ରାସ୍ତା : ଭୟଭୀତ ମଧ୍ୟରେ ଯାତାୟତ କରୁଛନ୍ତି ପଥଚାରୀ



ବାଲେଶ୍ୱର,୦୩/୦୭ (ନି.ପ୍ର): ସହର ସୌନ୍ଦର୍ଯ୍ୟକରଣ ନାମରେ ସହରର ଏଣେ ତେଣେ କିଛି ସିମେଣ୍ଟ ବେଞ୍ଚ ପକାଇ ବାଲେଶ୍ୱର ପୌରପାଳିକା ବାହାବା ନେବାକୁ ଉଦ୍ୟମ କରୁଥିବା ବେଳେ କର୍ତ୍ତୃପକ୍ଷଙ୍କ ଖାମଖିଆଲି କାର୍ଯ୍ୟଧାରା ଯୋଗୁଁ ରାତିରେ ସହରବାସୀଙ୍କୁ ଅନ୍ଧାରରେ ଯାତାୟତ କରିବାକୁ ପଡୁଛି। ସହର ଉଜ୍ଜ୍ୱଳୀକରଣ ଯୋଜନାରେ ପୌରପାଳିକା ପକ୍ଷରୁ ସହର ରାସ୍ତାରେ ବିଦ୍ୟୁତ ବତୀଖୁଣ୍ଟଗୁଡ଼ିକରେ ନୂଆ ପ୍ରକାରର ଆକର୍ଷଣୀୟ ଆଲୋକ ଲଗାଯାଇଛି। ମାତ୍ର ଏହି ଆଲୋକ ବ୍ୟବସ୍ଥା ସମୟାନୁସାରେ ଜଳୁଛି କି ନାହିଁ, ତାହାକୁ ତଦାରଖ କରିବାକୁ କେହି ନାହିଁ। ଓଟିରୋଡ଼ର ଲକ୍ଷ୍ମୀନାରାୟଣ ମନ୍ଦିରଠାରୁ ଆଇଟିଆଇ ଛକ ପର୍ଯ୍ୟନ୍ତ ଓ ତାମୁଲିଆ ଉଡ଼ନ୍ତା ପୋଲର ପୂର୍ବ ପାର୍ଶ୍ୱ ଲାଇଟ ରାତିରେ ଜଳୁନାହିଁ। ସାଧାରଣତଃ ଏହି ଅଞ୍ଚଳରେ ଅପରାଧିକ ଗୋଷ୍ଠୀଙ୍କ ଉତ୍ପାତ ଅଧିକ ଥିବା ବେଳେ ଏଥି ପ୍ରତି ପୌର କର୍ତ୍ତୃପକ୍ଷ ଆଦୌ ଦୃଷ୍ଟି ଦେଉନାହାନ୍ତି। ସେହିଭଳି ଗଡ଼ଗଡ଼ିଆର ଚୌଧୁରୀ ସାହି, ମୋତିଗଞ୍ଜ, ବାରବାଟୀ ପ୍ରଭୃତି ଅଞ୍ଚଳର ରାସ୍ତା ପାର୍ଶ୍ୱ ଆଲୋକ ରାତିରେ ଜଳୁ ନଥିବା ଲକ୍ଷ୍ୟ କରାଯାଇଛି। ଅନ୍ୟପକ୍ଷରେ ସହରର ପ୍ରମୁଖ ଅଞ୍ଚଳର ରାସ୍ତାପାର୍ଶ୍ୱ ଆଲୋକ ଦିନରେ ଜଳୁଥିବା ବେଳେ ରାତିରେ ବନ୍ଦ ରହୁଛି। କେତେକ ରାସ୍ତାରେ ଦିନ ଦୁଇଟାରୁ ରାତି ଦୁଇଟା ପର୍ଯ୍ୟନ୍ତ ଓ ଆଉ କେତେକ ରାସ୍ତାରେ ସକାଳ ୫ଟାରୁ ସଂଧ୍ୟା ୫ ପର୍ଯ୍ୟନ୍ତ ଜଳୁଛି। ଏନେଇ ପୌର କର୍ତ୍ତୃପକ୍ଷଙ୍କଠାରେ ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ବି ଏହାର ପ୍ରତିକାର ନେଇ ପଦକ୍ଷେପ ଗ୍ରହଣ କରା ନଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ତେବେ ଏନେଇ ପୌରପାଳିକାର ବିଭାଗୀୟ କର୍ମଚାରୀଙ୍କୁ ଯୋଗାଯୋଗ କରିବାରୁ ଏହାର ପ୍ରତିକାର କ୍ଷମତା ତାଙ୍କ ହାତରେ ନାହିଁ ବୋଲି ସେ କହିଛନ୍ତି। ବାଲେଶ୍ୱର ସହରର ରାସ୍ତାପାର୍ଶ୍ୱ ଉଜ୍ଜ୍ୱଳ ଆଲୋକ ପରିଚାଳନା ଓ ମରାମତି ଦାୟିତ୍ୱ ଭୁବନେଶ୍ୱରର ଏକ ସଂସ୍ଥା ନେଇଥିବା ସେ ସୂଚନା ଦେଇଛନ୍ତି। ବିଦ୍ୟୁତ ବତୀଗୁଡ଼ିକରେ ଲାଗିଥିବା ସମୟ ଧାର୍ଯ୍ୟ ଯନ୍ତ୍ରରେ ଭୁଲ ସମୟ ଦିଆଯାଇଥିବାରୁ ଏଭଳି ସ୍ଥିତି ଉପୁଜିଥିବା ପୌରପାଳିକା ବିଭାଗୀୟ କର୍ମଚାରୀ କହିଛନ୍ତି।

## ରକ୍ତଦାନ ଶିବର : ୬୨ ୟୁନିଟ୍ ସଂଗୃହୀତ

ଜଳେଶ୍ୱର,୦୩/୭(ନି.ପ୍ର) : କରୋନା ସମୟରେ ରକ୍ତଭଣ୍ଡାରରେ ରକ୍ତର ଚାହିଦା ପୂରଣ ଲାଗି ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହେଉଛି । ଆଜି ଶନିବାର ଜଳେଶ୍ୱର ବ୍ଲକ ଅଧିନ ଚାଲନ୍ତିଠାରେ ଶୀତଳାମାତା କ୍ଲବ ଓ ଜଳେଶ୍ୱର ବିଜେପି ଯୁବ ମଂଚ ସହଭାଗିତାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ରକ୍ତଦାନ ଶିବିରକୁ ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଉଦ୍‌ଘାଟନ କରିଥିବା ବେଳେ ମୋଟ ୬୨ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଜେପିର ସାନ୍ତନୁ ପଟ୍ଟନାୟକ, ସୁବ୍ରତ ଘୋଷ, ତପନ ବିଶ୍ୱାଳ, ଫାଲଗୁନୀ ପାଣିଗ୍ରାହୀ, ରବିନ୍ଦ୍ର ପାତ୍ର ଉପସ୍ଥିତ ଥିଲେ ।

## ବାଲ୍ୟ ବିବାହ ବନ୍ଦ କଲେ ବାଲିଆପାଳ ଚାଇଲ୍ଡଲାଇନ



ବାଲିଆପାଳ,୦୩/୦୭ (ନି.ପ୍ର): ଆଜି ବାଲିଆପାଳ ବ୍ଲକର ପ୍ରତାପପୁର ଓ ଦେଉଳା ପଂଚାୟତରେ ହେବାକୁ ଥିବା ଦୁଇଟି ବାଲ୍ୟ ବିବାହକୁ ବାଲିଆପାଳ ଚାଇଲ୍ଡ ଲାଇନ ତରଫରୁ ବନ୍ଦ କରାଯାଇଛି । ଦେଉଳା ପଂଚାୟତର ଜଣେ ୧୭ ବର୍ଷିୟା ନାବାଳିକା ସହିତ ୨୪ ବର୍ଷ ଯୁବକଙ୍କ ବିବାହ ଅନୁଷ୍ଠିତ ହେବାକୁଥିବା ବେଳେ ବାଲେଶ୍ୱର ଚାଇଲ୍ଡ ଲାଇନ ଖବର ପାଇଁ ବାଲିଆପାଳ ସବସେଂଟର ଟିମ ମେମ୍ବର ଉତମ କୁମାର ନାୟକ,ସ୍ୱପ୍ନାରାଣୀ ଜେନା,ଆଇସିଡିଏସର କଳ୍ପନା ଭୂୟାଁ ବାଲିଆପାଳ ପୁଲିସ ସହିତ ଦେଉଳା ଗ୍ରାମରେ ପଂହଚି ବାଲ୍ୟ ବିବାହକୁ ବନ୍ଦ କରିଥିଲେ। ସେହିପରି ପ୍ରତାପପୁର ପଂଚାୟତରେ ଅନ୍ୟ ଏକ ୧୫ ବର୍ଷୀୟ ନାବାଳିକାଙ୍କ ବିବାହ ହେଉଥିବା ଖବର ପାଇଁ ସେଠାରେ ମଧ ଚାଇଲ୍ଡଲାଇନର ଅଧିକାରୀମାନେ ପହଂଚି ବାହାଘର ବନ୍ଦ କରିଥିଲେ ।

# ଦିନକରେ ଚିହ୍ନଟ ନୂଆ ୨୩୭ କରୋନା ସଂକ୍ରମିତ ଓ ୧୭୪ ସୁସ୍ଥ

ବାଲେଶ୍ୱର,୦୩/୦୭ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୨୩୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ବାଲେଶ୍ୱର ସହରର ଗୋପାଳଗାଁରୁ ୫ଜଣ, ବୈରାମନଗରରୁ ୨, ବାରବାଟିରୁ ୨, ମୋତିଗଞ୍ଜରୁ ୨, ପୁଲିସ ଲାଇନରୁ ୨, ରେଲୱେ କଲୋନୀରୁ ୨ ଓ ରାଣୀପାଟଣାରୁ ୨ଜଣଙ୍କ ସମେତ ଅରଡ଼ବଜାର, ଆଜିମାବାଦ, ବ୍ୟାଙ୍କ କଲୋନୀ, ବଟେଶ୍ୱର, ଚିଡିଆପୋଲ, ଗୁଡିପଦା, ମାନସିଂବଜାର, ମଠସାହି, ସହଦେବଖୁଣ୍ଟା ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ଅଛନ୍ତି। ସେହିଭଳି ବାହାନଗା ବ୍ଲକରୁ ୨୭ଜଣ, ବାଲିଆପାଳରୁ ୩୯, ବସ୍ତାରୁ ୧୯, ଭୋଗରାଇରୁ ୧୯, ଜଳେଶ୍ୱରରୁ ୨, ଖଇରାରୁ ୩, ନୀଳଗିରିରୁ ୮, ରେମୁଣାରୁ ୧୧, ସଦରରୁ ୪୪, ସିମୁଳିଅରୁ ୭ ଓ ସୋର ବ୍ଲକରୁ ୨୯ଜଣ ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୪,୨୬୩ରେ ପହଞ୍ଚିଥିବା ବେଳେ ଗତ ୨୪ ଘଣ୍ଟା ମଧରେ ୧୭୪ଜଣ ସୁସ୍ଥ ହୋଇଛନ୍ତି। ଏବେ ସୁଦ୍ଧା ଜିଲାରେ ମୋଟ ୩୧,୩୬୫ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଏବେ ସକ୍ରିୟ ଥିବା ୨,୭୬୦ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୨,୬୩୫ଜଣ ଗୃହ ସଙ୍ଗରୋଧରେ ଏବଂ ୧୨୫ଜଣ କୋଭିଡ ଡାକ୍ତରଖାନା ଓ କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି।

# ବ୍ରାଉନ୍ ସୁଗର ଲିଙ୍କରେ ୩ ଦିନ ଧରି ଜଳେଶ୍ୱର ପୁଲିସ୍‌ର ଚଢାଉ : ମିଳୁନି ମୁଖ୍ୟ କାର୍ପଟଦାର

ଜଳେଶ୍ୱର ୩/୭ (ନି.ପ୍ର) : ସମଗ୍ର ରାଜ୍ୟକୁ ଚାଲାଣ କରାଯାଉଥିବା ଧଳାଜହରର ପେଣ୍ଟସ୍ଥଳୀ ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳରେ ପୁଲିସ୍ ପକ୍ଷରୁ ଧରପଗଡ ଓ ଚଢାଉ ଜାରି ରହିଛି। ଏସ୍‌ଟିଏଫ ପକ୍ଷରୁ ବହୁ ଧଳ ଜହର ଜବତ୍ କରାଯାଉଥିବା ବେଳେ ଏବେ ଜଳେଶ୍ୱର ପୁଲିସ୍ ଅଣ୍ଟା ଭିଡିଛି । ଗୁରୁବାର ରାତିରେ ଅନୁକୂଳ ମନ୍ଦିର ନିକଟରୁ୨୦ଗ୍ରାମ, ଶୁକ୍ରବାର ମଧ୍ୟାହ୍ନରେ ଲେଭେଲ କ୍ରସି ନଂକଟରୁ ୩୨ ଗ୍ରାମ ଓ ଆଜି ୨୦ ଗ୍ରାମ ଜବତ ହୋଇଥିବା ଜଣାଯାଇଛି। ଏ ସମ୍ପର୍କରେ ମୋଟ ୭ଜଣଙ୍କୁ ଅଟକ ରଖାଯିବା ସହିତ ସେମାନଙ୍କ ନିକଟରୁ ତଥ୍ୟ ଆଧାରରେ ଚଢାଉ କରାଯାଉଥିବା ଆଇଆଇସି ପଶୁରାମ ସାହୁ କହିଛନ୍ତି। ହେଲେ ଛୋଟ ଛୋଟ ନିଶା ବେପାରୀଙ୍କୁ ପୁଲିସ୍ ଧରୁଥିବା ବେଳେ ଏହାର ମୁଖ୍ୟ କାର୍ପଟଦାର କାହାର ଛତ୍ରଛାୟାତଳେ ବୁଲିଛି ବୋଲି ସାଧାରଣରେ ପ୍ରଶ୍ନ ଉଙ୍କି ମାରୁଛି । ସେହିପରି ଜାତୀୟ ରାଜପଥ ୬୦ର ଲକ୍ଷ୍ମଣନାଥ ଟୋଲ ପ୍ଲାଜା ନିକଟରେ ୨୨ କେଜି ଗଂଜେଇ ସହ ୨ଜଣକୁ ଗିରିଫ କରାଯାଇଥିବା ବେଳେ ୧ଜଣ ଖସିଯିବାରେ ସକ୍ଷମ ହୋଇଥିଲା । ଖବର ଲେଖା ହେବା ପର୍ଯ୍ୟନ୍ତ ଏହି ଚଢାଉ ଜାରି ରହିଥିବା ଜଣାଯାଇଛି। ତେବେ ଜଳେଶ୍ୱରରୁ ଧଳଜହର କାରବାର କେବେ ମୂଳଉତ୍ପାଟନ ହେଉଛି ଦେଖିବାକୁ ବାକି ରହିଲା ।

# ରାଜ୍ୟସ୍ତରୀୟ ଚିତ୍ରଶିଳ୍ପୀ ଶିବିରରେ ଜଳେଶ୍ୱରର ମୁକ୍ତିପଦ ନନ୍ଦି



ଜଳେଶ୍ୱର ୩/୭(ନି.ପ୍ର) : କରୋନା କଟକଣା ସମୟରେ ଓଡିଆ ଚିତ୍ରଶିଳ୍ପୀମାନଙ୍କୁ ଉତ୍ସାହିତ କରିବାପାଇଁ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଓଡିଶା ଲଳିତ କଳା ଏକାଡେମୀ ଦ୍ୱାରା ଆୟୋଜିତ ଅନ୍‌ଲାଇନ୍ ଚିତ୍ର କର୍ମଶାଳାରେ ଉତ୍ତର ବାଲେଶ୍ୱରରୁ ଜଳେଶ୍ୱରର ମୁକ୍ତିପଦ ନନ୍ଦି ମନୋନୀତ ହୋଇଥିଲେ । କର୍ମଶାଳାକୁ ସଂସ୍କୃତିମନ୍ତ୍ରୀ ଜ୍ୟୋତି ପାଣିଗ୍ରାହୀ ଭର୍ଚୁଆଲରେ ଉଦ୍‌ଘାଟନ କରିଥିଲେ। ଲଳିତକଳା ଏକାଡେମୀର ସଚିବ ବିଷ୍ଣୁପଦ ସେଠୀ ପରିଚାଳନା କରିଥିଲେ । ଏହି ୫ ଦିନିଆ କର୍ମଶାଳରେ ଶିଳ୍ପୀମାନେ ଘରେ ରହି ଚିତ୍ର ଆଙ୍କୁଥିବା ଫଟୋଚିତ୍ର ଲଳିତ କଳା ଏକାଡେମୀକୁ ପଠାଇବାକୁ ପଡିଥାଏ । ଶିଳ୍ପୀ ଶ୍ରୀ ନନ୍ଦୀ ରଥଖଳା ଛବି ଅଂକନ କରି ୬୦୦ ଉର୍ଦ୍ଧ୍ୱ ଶିଳ୍ପୀଙ୍କ ମଧ୍ୟରେ ୧୦୦ ସ୍ଥାନରେ ରହିଛନ୍ତି ବୋଲି ଆଜି ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ସେ ଏକାଡେମୀର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି ।

## ଜଳେଶ୍ୱର ଉପକାରଗାରରେ ‘୫ଟି’ର ଆଇଏସ୍‌ଓ ଟିମ୍

ଜଳେଶ୍ୱର,୦୩/୦୭ (ନି.ପ୍ର): ଉତ୍ତର ବାଲେଶ୍ୱର ଉପାନ୍ତ ଜଳେଶ୍ୱରରେ ଥିବା ଉପକାରଗାରର ଭିତ୍ତିଭୂମୀର ବିକାଶ ଲାଗି ଶୁକ୍ରବାର ରାଜ୍ୟ ସରକାରଙ୍କ ୫ଟିର ଆଇଏସ୍‌ଓ ଟିମ୍ ପରିଦର୍ଶନ କରିଛନ୍ତି । କାର୍ଯ୍ୟରତ ଜେଲର ଅନୁସୂୟା ଷଡଙ୍ଗୀ ଜେଲ ମଧ୍ୟରେ ପରିବର୍ତ୍ତନ ସ୍ରୋତ ଆରମ୍ଭ କରିଥିବା ବେଳେ ବିଚାରାଧିନ କଏଦି ମାନଙ୍କ ମଧ୍ୟରେ ସୁଧାର ଲାଗି ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି । ତେଣୁ ୫ଟି ବିଭାଗର ଅଡିଟର ଦୀପକ କୁମାର ନାଥ, ଅତିରିକ୍ତ ଅଡିଟର ଜଗତ ମୋହନ ପଟ୍ଟନାୟକ ଓ ସିଦ୍ଧାନ୍ତ ପ୍ରଧାନ ପ୍ରମୁଖ ଜେଲ ପରିସରର ବିଭିନ୍ନ ଭିତ୍ତିଭୂମୀ ପରିଦର୍ଶନ କରିବା ସହିତ କାଗଜପତ୍ର ଯାଞ୍ଚ କରିଥିଲେ । ଜେଲ ମଧ୍ୟରେ ପ୍ରାକୃତି ପରିବେଶ ଓ ଅନ୍ତେବାସୀ ପରିବର୍ତ୍ତନରେ ସନ୍ତୋଷ ହୋଇ ଏହାକୁ ଆଇଏସ୍‌ଓ ମୋହର ଲଗାଇବା ସମ୍ଭାବନା ରହିଛି ବୋଲି ଜେଲର ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ।

# ବର୍ଷା ଦିନ ପୂର୍ବରୁ ୟାସ କ୍ଷତିଗ୍ରସ୍ତଙ୍କୁ ମିଳିଲାନି ପାନବରଜ ଓ ଘରଭଙ୍ଗା ସହାୟତା



ବାଲିଆପାଳ,୦୩/୦୭ (ନି.ପ୍ର): ବାତ୍ୟା ୟାସରେ ବାଲିଆପାଳ ବ୍ଲକର ସମୁଦ୍ର ଉପକୂଳ ବର୍ତି ୧୧ଟି ପଂଚାୟତର ଶତାଧିକ ଲୋକଙ୍କ ଘର ଭାଙ୍ଗିଯାଇଥିଲା । ଶହ ଶହ ପାନ ବରଜ ମାଟିରେ ମିଶିଯାଇ ଲୋକଙ୍କ ଆର୍ଥିକ ମେରୁଦଣ୍ଡଙ୍କୁ ଦୋହଲାଇ ଦେଇଥିଲା । ଘର ଭାଙ୍ଗିଥିବା ଲୋକମାନେ ପଲିଥିନ ତଳେ ଭାଗ୍ୟକୁ ଆଦରି ପଡିରହିଛନ୍ତି। ଅର୍ଥାଭାବ ଯୋଗୁଁ ଘର ମରାମତି କରି ପାରୁନାହାନ୍ତି। ସରକାରୀ ସହାୟତା ଅପେକ୍ଷାରେ ରହିଛନ୍ତି । କିନ୍ତୁ ତାହା ମଧ ମିଳୁନାହିଁ। ଆଉ କିଛିଦିନ ପରେ ମୌସୁମୀ ବର୍ଷା ଆରମ୍ଭ ହୋଇଯିବ। ସେତେବେଳକୁ ସେମାନେ ଆହୁରି ଅସୁବିଧାର ସମ୍ମୁଖୀନ ହେବେ । ଆଜି ବାତ୍ୟା କ୍ଷତିଗ୍ରସ୍ତ ନୂଆଗାଁ ପଂଚାୟତର ଯମୁନାଶୂଳ, ଜମ୍ବିରାଇ,ଚାଉଳନ୍ତି ପ୍ରଭୃତି କ୍ଷତିଗ୍ରସ୍ତ ଅଂଚଳକୁ ଗସ୍ତ କରି ଗଦାଧର ଗିରି ସ୍ମୃତି ବିକାଶ ପରିଷଦର ଆବାହକ ବିକାଶ ଗିରି ଲୋକଙ୍କ ଦୁର୍ଦ୍ଦଶା ସ୍ୱଚକ୍ଷୁରେ ଦେଖିଥିଲେ । ତୁରନ୍ତ ଲୋକଙ୍କୁ ଘରଭାଙ୍ଗା ସହାୟତା ପ୍ରଦାନ ସହ କ୍ଷତିଗ୍ରସ୍ତ ପାନବରଜ ପାଇଁ କ୍ଷତିପୂରଣ ଦେବା ପାଇଁ ଜିଲାପ୍ରଶାସନ ନିକଟରେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ସ୍ମୃତି ବିକାଶ ପରିଷଦ ପକ୍ଷରୁ ଆନ୍ଦୋଳାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ବାଲିଆପାଳ ତହସିଲଦାର ଦୀପକ କୁମାର ଦାଶଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଥିଲେ ଯେ ଘରଭଙ୍ଗା ସର୍ଭେ କାର୍ଯ୍ୟ ଚୁଡାନ୍ତ ପର୍ଯ୍ୟାୟରେ ପଂହଚିଛି। ମୌସୁମୀ ବର୍ଷା ପୂର୍ବରୁ ସମସ୍ତଙ୍କୁ ସରକାରୀ ସାହାଯ୍ୟ ମିଳିବ ବୋଲି ସେ କହିଥିଲେ ।

## ପ୍ରଧାନଶିକ୍ଷକଙ୍କ ଅକାଳ ବିୟୋଗ

ନୀଳଗିରି,୦୩/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅର୍ନ୍ତଗତ ଭଉଁରିଆବାଡ଼ ଗ୍ରା.ପ.ର ହାତୀମୁଣ୍ଡା ଗ୍ରାମର ବିଶ୍ୱନାଥ ମୁର୍ମୁଙ୍କ ଘରେ ଚିକିତ୍ସିତ ହେଉଥିବା ସମୟରେ ଅକାଳ ଗୁରୁବାର ରାତିରେ ଅକାଳ ମୃତ୍ୟୁ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କର ୫୫ବର୍ଷ ହୋଇଥିଲା। ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ଓ କିଡିନୀ ଜନିତ ରୋଗରେ ପିଡ଼ୀତ ଥିଲେ। ତାଙ୍କର ଅନ୍ତିମ ସଂସ୍କାର ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ବିଶ୍ୱନାଥ ମୁର୍ମୁଙ୍କ ଜ୍ୟେଷ୍ଠ ପୁତ୍ର ରଘୁନାଥ ମୁର୍ମୁ ମୁଖାଗ୍ନି ଦେଇଥିଲେ । ବିଶ୍ୱନାଥ ମୁର୍ମୁ ସିମୁଳିଆ ବ୍ଲକ ସ୍ଥିତ ଗୋବିନ୍ଦପୁର ୟୁଜିୟୁପି ସ୍କୁଲରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ସିମୁଳିଆ ବ୍ଲକର ଏବିଇଓ ଲମ୍ବୁଧର ସିଂ, ଗୋପାଳ ଚନ୍ଦ୍ର ଦେ, ଗୁରୁପ୍ରସାଦ ସିଂ, ପ୍ରମୁଖ ଶିକ୍ଷକ ଶେଷ ଦର୍ଶନ କରିଥିଲେ ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୮ ଗିରଫ, ୩୭୫ ବାହନ ଜବତ

ଭୁବନେଶ୍ୱର,୦୩/୦୭ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୮ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୩୭୫ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୨,୨୦,୫୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଭିନ୍ନ ଢଙ୍ଗରେ ଲାୟନ୍ସ କ୍ଲବର ପ୍ରତିଷ୍ଠା ଦିବସ ପାଳିତ



ଜଳେଶ୍ୱର ୩/୭ (ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକରେ କାର୍ଯ୍ୟକରୁଥିବା ଲାୟନ୍ସ କ୍ଲବ ପକ୍ଷରୁ ୮ମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି । କ୍ଲବର ସଭ୍ୟମାନେ ‘ଇଚ୍ ଓ୍ୱାନ୍, ପ୍ଲାଣ୍ଟ ଓ୍ୱାନ୍’ ନାରାରେ ହାତୀଗଡ ଉଚ୍ଚ ବିଦ୍ୟାଳୟ ପରିସରରେ ନଡିଆ ବୃକ୍ଷ ରୋପଣ କରିଛନ୍ତି । ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଂଶୀଧର ବାରିକ, ସୁବ୍ରତ ମହାନ୍ତି, ଯତିନ୍ଦ୍ର ଭଟ୍ଟ, ରାମଚନ୍ଦ୍ର ପ୍ରଧାନ ଓ ପୂର୍ବତନ ସରପଂଚ ଗଂଗାଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ହାତୀଗଡ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରଭାସ ଚନ୍ଦ୍ର ନାୟକ ଓ ଜିକେ ଭଟ୍ଟର ହସ୍‌ପିଟାଲର ଡାକ୍ତର ରୋଜି ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ କ୍ଲବର ସଭାପତି ବିଷ୍ଣୁପଦ ମହାନ୍ତି, ସଂପାଦକ ଅରୁଣ ରାଠୀ, ଶିଶିର ଚୌରାସିଆ, କେଦାର ମହାନ୍ତି, ଡ. ପ୍ରଭାସ ଚନ୍ଦ୍ର ଗିରି, ରାଜେଶ ଠକର, ସମରେସ ଦିନ୍ଦା, ବିନୋଦ ସାହୁ, ଗୋପାଳ କଟାଲ, ତାପସ ପାଣିଗ୍ରାହୀ, କପିଳେଶ୍ୱର ମହାନ୍ତି, ଜିତାରାମ ଦେ, ଭିଭେକ ଜେନ୍, ମୋଲଚାନ୍ଦ ଲାଡା, ଦୁର୍ଗାପ୍ରସାଦ ଖଣ୍ଡେଲୱାଲ ଓ ସେକ୍ ସବିର ପ୍ରମୁଖ ସହଯୋଗ କରିଥିଲେ ।

# ଛତୁଆ ପ୍ୟାକେଟରେ ଓଜନ ସଠିକ୍ ନ ଥିବା ପ୍ରସଙ୍ଗ ଘଟଣା ମନୁଷ୍ୟକୃତ ନୁହେଁ, ଯାନ୍ତ୍ରିକ ତ୍ରୁଟି : ଗୋଷ୍ଠୀର ସଂପାଦିକ

ନୀଳଗିରି,୦୩/୦୭ (ନି.ପ୍ର): ନୀଳଗିରିର ଶକ୍ତିମିରା ସ୍ୱୟଂ ସହାୟିକା ଗୋଷ୍ଠୀ ଗର୍ଭବତୀ ମହିଳା, ଶିଶୁ, ପୃଷ୍ଟିହୀନ ଶିଶୁମାନଙ୍କୁ ନୀଳଗିରି ଆଇ.ସି.ଡି.ଏସ. ପକ୍ଷରୁ ଉକ୍ତ ଗୋଷ୍ଠୀକୁ ଛତୁଆ ତିଆରି କରି ନୀଳଗିରି ବ୍ଲକର ୩ଟି ପଞ୍ଚାୟତ ନୀଳଗିରି ଏନ.ଏ.ସି. ସମେତ ଔପଦା ବ୍ଲକକୁ ଯୋଗାଣ ପାଇଁ ଚୁକ୍ତିନାମା କରି ୧୦ବର୍ଷ ଧରି ଯୋଗାଇ ଦେଇ ଆସୁଥିବା ବେଳେ କେଇ ଦିନ ପୂର୍ବରୁ ଛତୁଆ ପ୍ୟାକେଟ ଗୁଡ଼ିକରେ ସଠିକ୍ ଓଜନ ନ ଥିବା ଅଭିଯୋଗ ପରେ ଯାଞ୍ଚ ହୋଇଥିଲା । ଯାଞ୍ଚ କରାଗଲା ପରେ ଓଜନ କମ୍ ଥିବାର ସରକାରୀ ତଦନ୍ତରୁ ଜଣାପଡ଼ିଛି । ମାତ୍ର ଓଜନ କମ୍ ଥିବା ଜାଣିଲା ପରେ ଯୋଗାଣକାରୀ ସଂସ୍ଥା ଶକ୍ତିମିରା ସ୍ୱୟଂ ସହାୟିକା ଗୋଷ୍ଠୀର ସଂପାଦିକା ରଜନୀ ମହାନ୍ତି ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ଓଜନର ହେରଫେର ଘଟଣାକୁ ସ୍ୱୀକାର କରିବା ସହିତ ଏହା ମନୁଷ୍ୟକୃତ ତ୍ରୁଟି ନୁହେଁ ବରଂ ଏହା ଓଜନ କଣ୍ଟାର ଯାନ୍ତ୍ରିକ ତ୍ରୁଟି ବୋଲି ସୂଚନା ଦେବା ସହ ତୁରନ୍ତ ୪ /୫ଟି କେନ୍ଦ୍ରକୁ ପଠାଇଥିବା କମ୍ ଓଜନର ଛତୁଆ ପ୍ୟାକେଟକୁ ଫେରାଇ ଆଣି ସଠିକ୍ ପରିମାଣର ଛତୁଆ ପ୍ୟାକେଟ ପ୍ରଦାନ କରିଛି । ଏ ନେଇ ଜିଲ୍ଲା ଶିଶୁମଙ୍ଗଳ ଅଧିକାରୀ , ସି.ଡି.ପି.ଓ., ନୀଳଗିରି ଉପଜିଲ୍ଲାପାଳ ଛତୁଆ ଫାର୍ମକୁ ଯାଇ ଓଜନ କଣ୍ଟାକୁ ତଦନ୍ତ କରିବା ପରେ ଓଜନ କଣ୍ଟାଟି ସଠିକ୍ ନ ଥିବାର ଜଣାପଡ଼ିଛି । ଏ ନେଇ ସିଡି.ପି.ଓ. ମଧ ୧ମାସର ପେମେଣ୍ଟକୁ ସ୍ଥଗିତ ରଖିଥିବା ସାମ୍ବାଦିକ ସମ୍ମିଳନୀରେ ରଜନୀ ମହାନ୍ତି ସୂଚନା ଦେଇଛନ୍ତି । ଉକ୍ତ ଗ୍ରୁପ୍ ଖାଦ୍ୟ ବଣ୍ଟନ ପାଇଁ ମାନ୍ୟବର ଉଚ୍ଚନ୍ୟାୟଳୟ ଅନ୍ତରିଣ ଆଦେଶ ଦେଇଥିବା ସୂଚନା ମଧ ଦେଇଛନ୍ତି । ଉକ୍ତ ଘଟଣାକୁ ବିଜେପି ଦଳର ହୀନ ଚକ୍ରାନ୍ତ ଏବଂ ରାଜନୈତିକ ଆକ୍ରୋଶ ରଖି ବଦନାମ କରିବାକୁ ଏହା ଏକ ଷଡ଼ଯନ୍ତ୍ର ବୋଲି ପ୍ରେସମିଟରେ ସୂଚନା ଦେବା ସହ ଛୋଟ ଛୋଟ ପିଲା ଓ ଗର୍ଭବତୀ ମହିଳାମାନେ ଉପକୃତ ହେଉଥିବା ବେଳେ ଏହାକୁନେଇ ବିଜେପିର କର୍ମକର୍ତ୍ତାମାନେ ଦୂରେଇ ଯିବା ପାଇଁ ସଂପାଦିକା ରଜନୀ ମହାନ୍ତି ସାମ୍ବାଦିକ ସମ୍ମିଳନୀରେ ଅନୁରୋଧ କରିଛନ୍ତି । ଏହା ପଛରେ ନ୍ୟସ୍ତସ୍ୱାର୍ଥ ମହିଳା ଗୋଷ୍ଠିର ହାତ ଥାଇ ପାରେ ବୋଲି ସୂଚନା ଦେଇଛନ୍ତି ।

## ଏମପିକେ ବାଳିକା ବିଦ୍ୟାଳୟର କୃତି ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବାରିପଦା,୦୩/୦୭ (ନି.ପ୍ର): ମାଧ୍ୟମିକ ଶିକ୍ଷା ପରିଷଦରେ ଚଳିତ ୨୦୨୧ ବୋର୍ଡ ପରୀକ୍ଷାରେ କୃତୀତ୍ୱ ହାସଲ କରିଥିବା ବାରିପଦାର ମହାରାଣୀ ପ୍ରେମ କୁମାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମାନଙ୍କୁ ଆଜି ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବାର ଜଣା ଯାଇଛି। ବିଦ୍ୟାଳୟର ବିୟୁଟି ସାହୁ ସର୍ବାଧିକ ୫୬୩ ନମ୍ବର ରଖି ଏ-୧ ଗ୍ରେଡ ପାଇଥିବା ବେଳେ, ଶୃତକିର୍ତ୍ତୀ ମହାନ୍ତ ୫୨୪, ଶୁଭଶ୍ରୀ ବେହେରା ୪୯୫, ସଂଜୀବନୀ ସାହୁ ୪୮୮, ପୁଷ୍ପିତା ପଢିଆରୀ ୪୮୫, ଯଶସ୍ୱିନୀ ଆଚାର୍ଯ୍ୟ ୪୮୦, ଶୁଭସ୍ମିତା ବେହେରା ୪୮୦ ନମ୍ବର ରଖି ଏ-୨ ଗ୍ରେଡ ପାଇଛନ୍ତି । ଆଜି ପୂର୍ବାହ୍ନରେ ଏହି କୃତୀ ଛାତ୍ରୀ ମାନଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିବାର ଜଣାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରହରୀ ଦତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସଂଜୟ କୁମାର କଲିଆ, ବିଶେଶ୍ୱର ଦ୍ୱିବେଦୀ, କମଳାଂଶୁ ତ୍ରିପାଠୀ, ଡଃ ଶଶୀଧର ବିଶ୍ୱାଳ, ବବିତା ଦାସ, ମାଧୁରୀ ଦ୍ୱିବେଦୀ, ତନୁଶ୍ରୀ ପାଣି, ସତ୍ୟବ୍ରତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ବିଦୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସିକ୍ଷା କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ, ଶିକ୍ଷକ ମାନେ କୃତୀ ଚାତ୍ରୀ ମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo